
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୧ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 21 APRIL 2025

Vol.No. 36 ■ No.104 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଜମ୍ମୁ କାଶ୍ମୀରରେ ବାଦଲଫଟା ବର୍ଷା: ଭୂସ୍ଖଳନରେ ୩ ମୃତ



ନୂଆଦିଲ୍ଲୀ, ୨୦/୪ : ଜମ୍ମୁ କାଶ୍ମୀରରେ ପୁଣି ପ୍ରକୃତିର ତାଣ୍ଡବ। ବାଦଲ ଫଟା ବର୍ଷାରେ ଭୟଙ୍କର ବିପର୍ଯ୍ୟୟ। ଧସିଲା ପାହାଡ଼। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ସହ ଅଚାନକ ନଦୀରେ ଆସିଲା ଫ୍ଲାସ ଫ୍ଲଡ। ଧୋଇନେଇଛି ଲୋକଙ୍କ ଘରଦ୍ୱାର ଓ ରାସ୍ତାଘାଟ। ବହୁ ଗାଡ଼ି ମୋଟର କାଦୁଅରେ ପୋତି ହୋଇଯାଇଛି। ଜମ୍ମୁ କାଶ୍ମୀର ରାମବନ ଜିଲ୍ଲାର ଧର୍ମକୁଣ୍ଡ ଗାଁରେ ଏଭଳି ବିପତ୍ତି ଆଣିଛି ବାଦଲଫଟା ବର୍ଷା। ଭୂସ୍ଖଳନରେ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ଆହୁରି ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ବର୍ଷା ଯୋଗୁଁ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ନାସରି ଓ ବାନିହାଲ ମଧ୍ୟରେ ଏକାଧିକ ସ୍ଥାନରେ ଭୂସ୍ଖଳନ ଓ ପାହାଡ଼ ଧସିବାରୁ ଯାତାୟାତ ବନ୍ଦ ହୋଇଛି। ବିଭିନ୍ନ ସ୍ଥାନରେ ଅଟକିଛି ବହୁ ଗାଡ଼ି ମୋଟର। ଯୁଦ୍ଧକାଳୀନ ଭିତ୍ତିରେ ପ୍ରଭାବିତ ଅଞ୍ଚଳରେ ଚାଲିଛି ରେସକ୍ୟୁ ଅପରେସନ୍। ପ୍ରବଳ ବର୍ଷା ପବନ ସାଙ୍ଗକୁ କୁଆପଥର ମାଡ଼ ଅନେକ ଅଞ୍ଚଳରେ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିଛି। ସେପଟେ ଉଦ୍ଧମପୁରରେ ପ୍ରବଳ ବର୍ଷାରୁ ଭୂସ୍ଖଳନ ହୋଇଛି। ଫଳରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ବନ୍ଦ ହୋଇଯାଇଛି। ଏହି ଜାତୀୟ ରାଜପଥରେ ଅଟକି ରହିଛି ହଜାର ହଜାର ସଂଖ୍ୟାରେ ଗାଡ଼ି। ଉଦ୍ଧମପୁରଠାରେ ମାଲ ବୋଝେଇ ଟ୍ରକଗୁଡିକର ଲମ୍ୱା ଲାଇନ୍ ଦେଖିବାକୁ ମିଳିଛି।ସେହିଭଳି ଅନେକ ଅଂଚଳରେ ଗତ କିଛି ଦିନ ହେଲାଣି ଲଗାତର ବର୍ଷା ହେଉଛି। ଏଥିଯୋଗୁଁ ଅନେକ ଅଂଚଳ ପାଣି ଘେରରେ ରହିଛି। ରାସ୍ତା ଉପରେ ରହିଛି ୪ଫୁଟ ଉଚ୍ଚର ପାଣି। ଏଥିଯୋଗୁଁ ଲୋକମାନେ ଅତ୍ୟନ୍ତ ବିପଜ୍ଜନକଭାବେ ଯାତ୍ରା କରୁଛନ୍ତି। ଟ୍ରାକ୍ଟର ସେମାନଙ୍କ ପାଇଁ ସାହାରା ପାଲଟିଛି।

## ତୃତୀୟ ମହଲାରୁ କାହିଁକି ଅପସାରଣ ହେଲେ ନିକୁଞ୍ଜ ଧଳ ?



ଭୁବନେଶ୍ୱର, ୨୦/୪ (ନି.ପ୍ର): ତୃତୀୟ ମହଲାରୁ କାହିଁକି ଅପସାରଣ ହେଲେ ନିକୁଞ୍ଜ ଧଳ? ଏ ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲେ ବି ହଠାତ୍ କାହିଁକି ଡେପୁଟେସନ୍ ? ନିକୁଞ୍ଜଙ୍କ ସ୍ଥାନରେ କାହାକୁ ପାଖକୁ ନେବେ ମୁଖ୍ୟମନ୍ତ୍ରୀ ? କୁହାଯାଉଛି ବ୍ୟକ୍ତିଗତ ସଚିବ ମନୋଜ ସାହୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନେଇପାରନ୍ତି ବଡ଼ ଭୂମିକା । ଏପଟେ ରାଜ୍ୟରେ ୬୭ ଆଇଏଏସ ପଦବି ଖାଲି ପଡ଼ିଥିବା ବେଳେ, ପୁଣି ଦୁଇ ଅଧିକାରୀଙ୍କ ଡେପୁଟେସନ ପ୍ରଶାସନିକ କଳରେ ଅଭାବୀ ସ୍ଥିତିକୁ ଆହୁରି ଗୁରୁତର କରିବ। ତେବେ ଦିଲ୍ଲୀରୁ ଯେଉଁ ଅଫିସରମାନେ ଆସିବାକୁ ଚାହୁଁଛନ୍ତି କିମ୍ବା ଯେଉଁମାନଙ୍କ ଡେପୁଟେସନ୍ ସରିଲାଣି ସେମାନଙ୍କୁ ଆଣିବାକୁ ସରକାର ଚିନ୍ତା କରୁଥିବା କହିଛନ୍ତି ଆଇନ ମନ୍ତ୍ରୀ । ଦିଲ୍ଲୀ ଗଲେ ନିକୁଞ୍ଜ ଧଳ । ହଠାତ୍ ତୃତୀୟ ମହଲାରୁ ଅପସାରଣର କାରଣ କ'ଣ ? ତାଙ୍କ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କିଏ ତୁଲାଇବେ ଦାୟିତ୍ୱ ? ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ମନୋଜ ସାହୁ ହେବେ କି ଥାର୍ଡ ଫ୍ଲୋରରେ ପାୱାରଫୁଲ୍ ଅଫିସର ? ପାୱାର କରିଡରରେ ଏନେଇ ଏବେ ଜୋରଦାର ଚର୍ଚ୍ଚା । ଗତ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ନିକୁଞ୍ଜ ଧଳ ଓ ପୂର୍ବ ସଚିବ ଭି.ଭି. ଯାଦବ ଡେପୁଟେସନରେ କେନ୍ଦ୍ରକୁ ଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଯଦିଓ କିଛି ଦିନ ଧରି ଚର୍ଚ୍ଚା ହେଉଥିଲା, କିନ୍ତୁ ନୂଆ ସରକାରରେ ମାତ୍ର ୯ ମାସରେ ନିକୁଞ୍ଜଙ୍କୁ କେନ୍ଦ୍ରକୁ ପଠାଯିବା ପଛରେ କାରଣ କ'ଣ ? କୁହାଯାଉଛି ନିକୁଞ୍ଜ ଧଳଙ୍କ ଉପରେ ଖପ୍ପା ଥିଲେ ବିଜେପିର ଗୋଟିଏ ବିଧାୟକ ଗୋଷ୍ଠୀ । କେନ୍ଦ୍ରୀୟ ନେତୃତ୍ୱଙ୍କ ପାଖରେ ମଧ୍ୟ ଅଭିଯୋଗ ହୋଇଥିଲା । ବଡ଼ କଥା ହେଉଛି ନିକୁଞ୍ଜଙ୍କ ସ୍ଥାନରେ କାହାକୁ ଆଣିବେ ମୁଖ୍ୟମନ୍ତ୍ରୀ ? ଚର୍ଚ୍ଚାରେ ଆଗରେ ରହିଛି ଦୁଇ ବରିଷ୍ଠ ଅଧିକାରୀ ସତ୍ୟବ୍ରତ ସାହୁ ଏବଂ ଅରବିନ୍ଦ ପାଢ଼ୀଙ୍କ ନାଁ । କିନ୍ତୁ କୁହାଯାଉଛି ଏବେ ବ୍ୟକ୍ତିଗତ ସଚିବ ଥିବା ମନୋଜ ସାହୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବଡ଼ ଭୂମିକା ନେଇପାରନ୍ତି । ଏପଟେ ରାଜ୍ୟରେ ଆଇଏଏସ୍ ମରୁଡି ଥିବା ବେଳେ ପୁଣି ୨ ଅଧିକାରୀ ଡେପୁଟେସନରେ ଯିବା, ପ୍ରଶାସନିକ କଳର କାର୍ଯ୍ୟକାରିତାକୁ

▶▶ପୃଷ୍ଠା ୭

## କର୍ଣ୍ଣାଟକର ପୂର୍ବତନ ଡିଜିପି ଓମ ପ୍ରକାଶଙ୍କୁ ହତ୍ୟା

ନୂଆଦିଲ୍ଲୀ, ୨୦/୪ : କର୍ଣ୍ଣାଟକର ପୂର୍ବତନ ଡିଜିପି ଓମ ପ୍ରକାଶଙ୍କୁ ଗୁଳି କରି ହତ୍ୟା । ଆଜି ବେଙ୍ଗାଲୁରୁ ସ୍ଥିତ ତାଙ୍କ ବାସଭବନରୁ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ହୋଇଛି । ପ୍ରାଥମିକ ଯାଞ୍ଚ ପରେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପୋଲିସ କହିଛି । ବଡ଼ କଥା ହେଉଛି ପୂର୍ବତନ ପୋଲିସ ଅଧିକାରୀ ଓମ ପ୍ରକାଶଙ୍କ ହତ୍ୟାକାଣ୍ଡ ପଛରେ ତାଙ୍କ ପତ୍ନୀଙ୍କ ହାତ ଥିବା ସନ୍ଦେହ କରାଯାଉଛି । ଘଟଣା ସମୟରେ ବାସଭବନରେ ପତ୍ନୀ ଓ ପୁଅ ଥିଲେ ବୋଲି ଜଣାପଡିଛି । ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ପତ୍ନୀଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରୁଛି । ୧୯୮୧ ବ୍ୟାଚର ଆଇପିଏସ କ୍ୟାଡର ଓମ ପ୍ରକାଶ ବିହାର ଚମ୍ପାରଣର ବାସିନ୍ଦା । ୨୦୧୫ ମସିହାରେ ଓମ ପ୍ରକାଶ ବେଙ୍ଗାଲୁରୁ ଡିଜିପି ନିଯୁକ୍ତ ହୋଇଥିଲେ। ସନ୍ଧ୍ୟାରେ ବେଙ୍ଗାଲୁରୁ ପୋଲିସକୁ ଫୋନ କରି ନିଜେ ଘଟଣା ସଂପର୍କରେ ସୂଚନା ଦେଇଥିଲେ ଓମ ପ୍ରକାଶଙ୍କ ସ୍ତ୍ରୀ । ହେଲେ ପୋଲିସ ପହଞ୍ଚିବା ପରେ କବାଟ ଖୋଲିବାକୁ ସ୍ତ୍ରୀ ମନା କରିଥିଲେ । ବହୁ କଷ୍ଟରେ ପୋଲିସ କବାଟ ଖୋଲି ଭିତରେ ଦେଖିଲେ ରକ୍ତ

▶▶ପୃଷ୍ଠା ୭

## ମଣିପୁରରେ ସର୍ଚ୍ଚ ଅପରେସନ ସମୟରେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଉଦ୍ଧାର

ଇମ୍ଫାଲ /ଥୌବଲ , ୨୦/୪ : ମଣିପୁରରେ କରାଯାଇଥିବା ସର୍ଚ୍ଚ ଅପରେସନ ସମୟରେ ସୁରକ୍ଷାବାହିନୀ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ପୋଲିସ ମୁଖପାତ୍ର ରବିବାର କହିଛନ୍ତି ଯେ ସେକ୍ମାଇ ଥାନା ଅଞ୍ଚଳ ଅନ୍ତର୍ଗତ ଇମ୍ଫାଲ ୱେଷ୍ଟ ଜିଲ୍ଲାର ଖୋଙ୍ଗନଙ୍ଗପୋକପୀ ଅଞ୍ଚଳରୁ ଗୋଟିଏ .୩୦୩ ରାଇଫଲ, ତିନୋଟି ପୋମ୍ପୀ ଗନ,ସାତୋଟି ଜୀବନ୍ତ କ୍ୟାଟ୍ରିଜ ,ଗୋଟିଏ ଦେଶୀ ୧୨ ବୋର ରାଇଫଲ ଏବଂ ଗୋଟିଏ ପଟକା ହେଲମେଟ ଉଦ୍ଧାର କରାଯାଇଛି ।ସେହି ସମୟରେ ଥୌବଲ ଜିଲ୍ଲାର ଲୀଲୋଙ୍ଗ ଥାନା ଅଞ୍ଚଳରେ ଲୀଲୋଙ୍ଗ ଚୌବୋକ ଖୁମାନ ଅଞ୍ଚଳରୁ ସାତୋଟି ୩୬ ଏଚଇ ହ୍ୟାଣ୍ଡ ଗ୍ରେନେଡ ,ଗୋଟିଏ ଧଳା ପ୍ଲାଷ୍ଟିକ ବୋରା ଏବଂ ଗୋଟିଏ ମାଟିଆ ପଲିଥିନ ବ୍ୟାଗ ମଧ୍ୟ ଜବତ କରାଯାଇଛି। ସୁରକ୍ଷାବାହିନୀ ଦ୍ୱାରା ମାମଲାର ଯାଞ୍ଚ କରାଯାଉଛି ଏବଂ ଏହା ସ୍ପଷ୍ଟ କରିବାକୁ ଚେଷ୍ଟା କରାଯାଉଛି ଯେ ଉଦ୍ଧାର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ କେଉଁ ଉପାଦାନଗୁଡିକ ସହ ଜଡିତ।

## ଘୋଷଣା ହେଲାନି ବିଜେଡି କାର୍ଯ୍ୟକାରିଣୀ କମିଟି !

■ ବିଦ୍ରୋହ ଆଶଙ୍କାରେ ଚାପି ଦେଲେ କି ତାଲିକା ?



ଭୁବନେଶ୍ୱର, ୧୯/୪ (ନି.ପ୍ର): ନବମ ଥର ପାଇଁ ବିଜେଡି ସଭାପତି ହେଲେ ନବୀନ। କିନ୍ତୁ ରାଜ୍ୟ କାର୍ଯ୍ୟକାରିଣୀ ଘୋଷଣା ପାଇଁ ସାହସ ଜୁଟାଇ ପାରିଲେନି। ଯାହାକୁ ନେଇ ଦଳ ଭିତରେ ଏବେଠୁ ଅସନ୍ତୋଷ ଦେଖାଦେଲାଣି। କିନ୍ତୁ ଦଳ କହୁଛି ସବୁ କିଛି ଠିକ୍ ସମୟରେ ହେବ। ମାତ୍ର ଦଳ ପରିଚାଳନାକୁ ନେଇ ବରିଷ୍ଠଙ୍କଠାରୁ କନିଷ୍ଠ ନେତାଙ୍କ ଯାଏଁ ବୟାନବାଜି, ନବୀନଙ୍କ ମୁଣ୍ଡ ବିନ୍ଧା ଯେ ବଢାଇ ଦେଇଛି ଏଥିରେ ସନ୍ଦେହ ନାହିଁ । ନବମ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହେଲେ ନବୀନ । ମାତ୍ର ଏଯାଏଁ ଘୋଷଣା ହେଲାନି ବିଜେଡି କାର୍ଯ୍ୟକାରିଣୀ କମିଟି । ବିଦ୍ରୋହ ଆଶଙ୍କାରେ ଚାପି ଦେଲେ କି ତାଲିକା ? ନା ଅସନ୍ତୁଷ୍ଟଙ୍କୁ ଅନ୍ଧାରରେ ରଖି ସ୍ଥିତି ସୁଧାରିବାକୁ ଏ ରଣନୀତି ? କିନ୍ତୁ ଏହା ପୂର୍ବରୁ ଦଳୀୟ ନିର୍ବାଚନ ବେଳେ ନବୀନ ସଭାପତି ହେବା କ୍ଷଣି କାର୍ଯ୍ୟକାରିଣୀ ଘୋଷଣା ହୋଇଯାଉଥିଲା । କିନ୍ତୁ ଏଥର ବ୍ୟତିକ୍ରମ କାହିଁକି, ତାକୁ ନେଇ ଦଳୀୟ ନେତାଙ୍କ ଭିତରେ ଚର୍ଚ୍ଚା । ବିଭିନ୍ନ ଗୋଷ୍ଠୀ ଭିତରେ ଆଲୋଚନା ବି ହେଉଛି । ଏମିତିରେ ବି ଦଳ ଭିତରେ ଫାଟ ଜଳ ଜଳ ହୋଇ ଦିଶୁଚି । ଯେଉଁଥିପାଇଁ ଏଯାଏଁ ୧୫ ସାଂଗଠନିକ ଜିଲ୍ଲାରେ ସଭାପତି ଚୟନ ହୋଇପାରି ନାହିଁ । ଯାହାକୁ ଖୋଦ୍ କିଛି ନେତା ସ୍ୱୀକାର ବି କରିଛନ୍ତି ।

▶▶ପୃଷ୍ଠା ୭

## ୨୪ ଏପ୍ରିଲରେ ସିଲିଗୁଡି ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ସିଲିଗୁଡି, ୨୦/୪: ଆସନ୍ତା ସପ୍ତାହରେ ୨୪ ଓ ୨୫ ଏପ୍ରିଲରେ ଫାଂସିଦେୱା ଅଞ୍ଚଳରେ ଥିବା ସନ୍ତୋଷିନୀ ହାଇସ୍କୁଲ ମଇଦାନରେ ଆନ୍ତର୍ଜାତୀୟ ସନ୍ଥାଳ ପରିଷଦର ନବମ ସମ୍ମିଳନୀ ଆୟୋଜିତ ହେବ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେବେ। ଏହି କାର୍ଯ୍ୟକ୍ରମକୁ ପଶ୍ଚିମ ବଙ୍ଗ ଓ ସିକ୍କିମର ମୁଖ୍ୟମନ୍ତ୍ରୀମାନଙ୍କୁ ମଧ୍ୟ ଆମନ୍ତ୍ରଣ ଦିଆଯାଇଛି। ଏହି ଦୁଇ ଦିନିଆ ସମ୍ମିଳନୀରେ ବହୁତ ସଂଖ୍ୟକ କାର୍ଯ୍ୟକ୍ରମ ଆୟୋଜିତ ହେବ।

## ଆଇନ ମନ୍ତ୍ରୀଙ୍କ ବଡ଼ ବୟାନ: ମରାମତି ହୋଇ ନଥିଲେ ଭୁଶୁଡ଼ି ପଡ଼ିଥାଆନ୍ତା ରତ୍ନଭଣ୍ଡାର



ଭୁବନେଶ୍ୱର, ୨୦/୪ (ନି.ପ୍ର): ରତ୍ନଭଣ୍ଡାର ମରାମତି ନେଇ ବଡ଼ ବୟାନ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି, ରତ୍ନଭଣ୍ଡାର ମରାମତି ହୋଇ ନଥିଲେ ଭୁଶୁଡ଼ି ପଡ଼ି ଥାଆନ୍ତା । ଶହେରୁ ଦୁଇ ଶହ ବର୍ଷ ଠିକ୍ ଢଙ୍ଗରେ ରହିଲା ଭଳି ମରାମତି ଉପରେ ଗୁରୁତ୍ୱ ଦିଆଯାଉଛି । ଏହାକୁ ଦୃଷ୍ଟିରେ ରଖି ଏଏସଆଇକୁ କୌଣସି ପ୍ରକାର ବ୍ୟସ୍ତ କରାଯାଉ ନାହିଁ । ସ୍ନାନ ପୂର୍ଣ୍ଣିମା ପୂର୍ବରୁ ରତ୍ନ ଭଣ୍ଡାର ମରାମତି ଚୂଡାନ୍ତ କରିବାକୁ ଉଦ୍ୟମ କରାଯାଉଛି। ନୀତିକାନ୍ତିକୁ ବ୍ୟାଘାତ ନ କରି ମରାମତି କାମ ଚାଲିଛି । ଦିନରେ ଦେଢ଼ରୁ ଦୁଇ ଘଣ୍ଟା ଚାଲିଛି ମରାମତି କାମ ବୋଲି ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ରତ୍ନ ଭଣ୍ଡାରର ଯେତିକି ଡ୍ୟାମେଜ ହୋଇଥିଲା ମରାମତି ହୋଇ ନଥିଲେ କେତେବେଳେ ଭୁଶୁଡ଼ି ପଡ଼ି ଥାଆନ୍ତା ବୋଲି ଆଶଙ୍କା କରିଛନ୍ତି ଆଇନ ମନ୍ତ୍ରୀ। ଯେହେତୁ ଏଏସଆଇକୁ କମ୍ ସମୟ ଦିଆଯାଉଛି, ମରାମତି ବିଳମ୍ବିତ ହେଉଛି । ସ୍ନାନ ଯାତ୍ରା ପୂର୍ବରୁ ଆମେ ବି ସାରିବା ପାଇଁ ଚେଷ୍ଟା କରୁଛୁ, ରତ୍ନ ଭଣ୍ଡାରର କାମ ସରିବା ପର୍ଯ୍ୟନ୍ତ ଅପେକ୍ଷା କରିବା ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

## ସ୍ତବ୍ଧ କଲା ଆଉ ଜଣେ ଅତୁଲ ସୁଭାଷଙ୍କ ମୃତ୍ୟୁ: ପତ୍ନୀଙ୍କ ନିର୍ଯାତନା ସହିନପାରି ଜୀବନ ହାରିଲେ ମୋହିତ ଯାଦବ



ନୂଆଦିଲ୍ଲୀ, ୨୦/୪ : ପୁଣି ଥରେ ଦେଶକୁ ସ୍ତବ୍ଧ କରିଛି ଆଉ ଜଣେ ଅତୁଲ ସୁଭାଷଙ୍କ ମୃତ୍ୟୁ ଖବର । ବେଙ୍ଗାଲୁରର ଆଇଟି ପ୍ରଫେସନାଲ ଅତୁଲ ସୁଭାଷଙ୍କ ଭଳି ଉତ୍ତର ପ୍ରଦେଶ ଇଟାୱାର ଏକ ହୋଟେଲରେ ଜଣେ ଯୁବକ ଆଖି ବୁଜିଛନ୍ତି । ପତ୍ନୀ ଓ ତାଙ୍କ ପରିବାର ସଦସ୍ୟଙ୍କ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ସୀମା ଟପିଲା । ଏଥିରୁ ମୁକ୍ତି ପାଇବା ପାଇଁ ଶେଷରେ ନିଜକୁ ହିଁ ଶେଷ କରିଦେଇଛନ୍ତି ଉତ୍ତର ପ୍ରଦେଶ ଔରିଆର ଆଇଟି ଇଞ୍ଜିନିୟର ମୋହିତ ଯାଦବ । ୩୩ ବର୍ଷୀୟ ମୋହିତ ନିଜ ଜୀବନକୁ ଶେଷ କରିବା ପୂର୍ବରୁ ଅତୁଲ ସୁଭାଷଙ୍କ ଭଳି ଭିଡିଓ ଜାରି କରି ନ୍ୟାୟ ମାଗିଛନ୍ତି । ନ୍ୟାୟ ନ ମିଳିଲେ ତାଙ୍କ ଚିତାଭସ୍ମକୁ ରାସ୍ତା କଡ଼ ନାଳରେ ଫୋପାଡ଼ି ଦେବାକୁ ନିବେଦନ କରିଛନ୍ତି । ମୋହିତ ନିଜ ଜୀବନକୁ ଶେଷ କରିବା ପୂର୍ବରୁ ଅଭିଯୋଗ କରିଛନ୍ତି ଯେ, ସ୍ତ୍ରୀ ଏବଂ ଶ୍ୱଶୁର ଘର ଲୋକେ ମିଛ କେସରେ ଫସାଇ ନିର୍ଯ୍ୟାତନା ଦେଉଥିଲେ । ମୋହିତ ଏହା ବି ଉଲ୍ଲେଖ କରିଛନ୍ତି ଯେ, ସେ ପ୍ରେମ ବିବାହ କରିଥିଲେ । ୭ ବର୍ଷର ସମ୍ପର୍କ ପରେ ମୋହିତ ନିଜ ବାନ୍ଧବୀ ପ୍ରିୟା ଯାଦବଙ୍କୁ ୨୦୨୩ ମସିହାରେ ବିବାହ କରିଥିଲେ । ବିବାହ ପରେ ଶାଶୁ ସମସ୍ତ ଗହଣା ଗାଣ୍ଠି ନିଜ ପାଖରେ ରଖିଦେଲେ ଏପରିକି ମୋହିତ ବିବାହ ବେଳେ ଯୌତୁକ ଦାବି କରନଥିଲେ ମଧ୍ୟ ସ୍ତ୍ରୀ ଓ ଶାଶୁ ଘର ଲୋକେ ଯୌତୁକ ଜନିତ ନିର୍ଯ୍ୟାତନା ମାମଲା ରୁଜୁ କରାଇଦେବାକୁ ଡରାଇ ରଖୁଥିଲେ ବୋଲି ମୃତ୍ୟୁ ପୂର୍ବରୁ କହିଛନ୍ତି ମୋହିତ । ସବୁଠାରୁ ବଡ଼ କଥା ହେଉଛି ମୋହିତଙ୍କ ପତ୍ନୀ ପ୍ରିୟା କୁଆଡ଼େ ସମସ୍ତ ସମ୍ପତି ତାଙ୍କ ନାଁରେ କରିବାକୁ ବାରମ୍ବାର ଚାପ ପକାଉଥିଲେ । ଏମିତି ନ କଲେ ମିଛ କେସରେ ଫସାଇ ଦେବାକୁ ଧମକ ଦେଉଥିବା କହିଛନ୍ତି ମୋହିତ । ପ୍ରିୟା ଦୁଇ ମାସ ପୂର୍ବରୁ ବିହାରର ସମସ୍ତିପୁରରେ

▶▶ପୃଷ୍ଠା ୭

## ଏକକ ନିର୍ବାଚନକୁ ନେଇ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ



ନୂଆଦିଲ୍ଲୀ, ୨୦/୪ : ଏକକ ନିର୍ବାଚନକୁ ନେଇ ଭାରତୀୟ ଜନତା ପାର୍ଟି ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ଯାଉଛି । ଏହି ବୈଠକ ଦିଲ୍ଲୀ ବିଜେପି କାର୍ଯ୍ୟାଳୟରେ ଅପରାହ୍ଣ ୩.୩୦ରେ ହେବାକୁ ଥିବା ସୂଚନା । ଏହି ବୈଠକର ଅଧକ୍ଷତା କରିବେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଦିଲ୍ଲୀ ବିଜେପି ପ୍ରଦେଶ ଅଧକ୍ଷ ବିରେନ୍ଦ୍ର ସଚଦେବା ମଧ୍ୟ ଉପସ୍ଥିତ ରହିବେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବୈଠକରେ ସୁନୀଲ ବଂଶଲ ଦିଲ୍ଲୀର ବିଧାୟକମାନଙ୍କ ସହିତ ଏକକ ନିର୍ବାଚନକୁ ନେଇ ଆଲୋଚନା କରିବେ । କାରଣ ସୁନୀଲ ବଂଶଲ ଏହି ହାଇ ଲେବଲ୍ କମିଟିର ଅଂଶ ଯାହାକି ଏକକ ନିର୍ବାଚନ ଉପରେ ଜନମତ ପାଇଁ ଗଠନ କରାଯାଇଛି । ସୂଚନା ଅନୁସାରେ ଏହା ପୂର୍ବରୁ ବିଭିନ୍ନ ରାଜ୍ୟରେ ହୋଇଥିବା ଏଭଳି ବୈଠକରେ ଉପସ୍ଥିତ ମଧ୍ୟ ରହିଥିଲେ ସୁନୀଲ । ଏହି ବୈଠକ ଆଗାମୀ ନିର୍ବାଚନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ଯେଉଁଥିରେ ଏକକ ନିର୍ବାଚନ ନୀତିକୁ ନେଇ ଦଳର ରୂପରେଖ ଏବଂ ପ୍ରଚାର ରଣନୀତି ଉପରେ ମଧ୍ୟ ଆଲୋଚନା ହେବ । ଏକକ ନିର୍ବାଚନ ଅର୍ଥ ହେଉଛି ଦେଶରେ ଏକାସଙ୍ଗେ ଲୋକସଭା ଓ ବିଧାନସଭାଗୁଡ଼ିକର ନିର୍ବାଚନ ହେବ । ଗତ ବର୍ଷ ଡିସେମ୍ବର ୧୨ ତାରିଖରେ ଏହି ବିଲକୁ ମୋଦି କ୍ୟାବିନେଟରେ ଅନୁମୋଦନ ମିଳିଥିଲା ।

# ଶିକ୍ଷାନୁଷ୍ଠାନରେ ଅଗ୍ନି ନିର୍ବାପନ ପ୍ରଶିକ୍ଷଣର ତାଲିମ



କଟକ,୨୦/୪(ନି. ପ୍ର): ଶିକ୍ଷାନୁଷ୍ଠାନର ନିରାପତ୍ତା ନିମନ୍ତେ ଯେଉଁ କେତୋଟି ଦିଗ ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି, ସେହି ଦିଗ ହେଉଛି ଅଗ୍ନି ନିରାପତ୍ତା। କର୍ମଚାରୀମାନଙ୍କଠାରୁ ଆରମ୍ଭ କରି ଶିକ୍ଷାର୍ଥୀମାନଙ୍କ ପର୍ଯ୍ୟନ୍ତ କିପରି ସମ୍ଭାବ୍ୟ ଅଗ୍ନି ଦୁର୍ବିପାକଠାରୁ ଦୂରେଇ ରହିବେ, ସେ ସମ୍ପର୍କରେ ପ୍ରଶିକ୍ଷଣ ନେବାର ଯଥେଷ୍ଟ ଆବଶ୍ୟକତା ରହିଛି।

ସେଥିପାଇଁ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଅଗ୍ନିଶମ ନିରାପତ୍ତା ସପ୍ତାହ ଅବସରରେ ଏକ 'ଅଗ୍ନି ନିର୍ବାପନ ପ୍ରଶିକ୍ଷଣ ଏବଂ ମକ୍ ଡ୍ରିଲ୍' ଅନୁଷ୍ଠିତ ହୋଇଯାଇଛି । କଟକସ୍ଥିତ ଓଡ଼ିଶା ଅଗ୍ନି ସେବା ସଂସ୍ଥାର ସକ୍ରିୟ ସହଯୋଗରେ ଏହି ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା । ଏଥିରେ ବିଦ୍ୟୁତ୍ ଅପଚୟ କମାଇବା ଉପରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାଦ୍ୱାରା ଧନଜୀବନ ଉଭୟ ହାନି ହେବାରୁ ରୋକାଯାଇ ପାରିବ।

ମକ୍ ଡ୍ରିଲରେ କଟକ ବିଡ଼ାନାସୀ ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟର ଷ୍ଟେସନ ଅଗ୍ନିଶମ ଅଧିକାରୀ ପ୍ରିୟରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଅଗ୍ନି ଯୋଦ୍ଧା ଅନନ୍ତ ଚରଣ ଦାସ, ଶ୍ରୀନିବାସ ସାହୁ, ସୁଶାନ୍ତ କୁମାର ପୃଷ୍ଟି ଏବଂ ଅଶୋକ ମହାନ୍ତି ଅଗ୍ନିକାଣ୍ଡରୁ ରକ୍ଷା ପାଇବାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିରାପତ୍ତା ଅଧିକାରୀ ସୁବେଦାର ଯାଦବ, ସହକାରୀ ନିରାପତ୍ତା ଅଧିକାରୀ ଭାରତବନ୍ଧୁ ଷଡ଼ଙ୍ଗୀ, ମାନବ ସମ୍ବଳ ବିକାଶ ବିଭାଗର ପରିଚାଳିକା ସୋନାଲି ବିହାରୀ ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ କାର୍ଯ୍ୟନିର୍ବାହୀ ଯତିନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ । ଏଥିରେ ପ୍ରାୟ ୨୦୦ ଜଣ ଅଂଶଗ୍ରହଣକାରୀ ପ୍ରଶିକ୍ଷଣ ନେଇ କାର୍ଯ୍ୟକ୍ରମଟିକୁ ସୁଚାର ରୁପେ ତୁଲାଇଥିଲେ। ଏହି ମକ୍ ଡ୍ରିଲରେ କଟକ ବିଡ଼ାନାସୀ ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟର ଷ୍ଟେସନ ଅଗ୍ନିଶମ ଅଧିକାରୀ ପ୍ରିୟରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଅଗ୍ନି ଯୋଦ୍ଧା ଅନନ୍ତ ଚରଣ ଦାସ, ଶ୍ରୀନିବାସ ସାହୁ, ସୁଶାନ୍ତ କୁମାର ପୃଷ୍ଟି ଏବଂ ଅଶୋକ ମହାନ୍ତି ଅଗ୍ନିକାଣ୍ଡରୁ ରକ୍ଷା ପାଇବାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିରାପତ୍ତା ଅଧିକାରୀ ସୁବେଦାର ଯାଦବ, ସହକାରୀ ନିରାପତ୍ତା ଅଧିକାରୀ ଭାରତବନ୍ଧୁ ଷଡ଼ଙ୍ଗୀ, ମାନବ ସମ୍ବଳ ବିକାଶ ବିଭାଗର ପରିଚାଳିକା ସୋନାଲି ବିହାରୀ ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ କାର୍ଯ୍ୟନିର୍ବାହୀ ଯତିନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ । ଏଥିରେ ପ୍ରାୟ ୨୦୦ ଜଣ ଅଂଶଗ୍ରହଣକାରୀ ପ୍ରଶିକ୍ଷଣ ନେଇ କାର୍ଯ୍ୟକ୍ରମଟିକୁ ସୁଚାର ରୁପେ ତୁଲାଇଥିଲେ ।

## ବିଜେପିର ଲାଭାର୍ଥିଙ୍କ ସହ ଆଲୋଚନା ଓ ସଫେଇ

କେନ୍ଦ୍ରାପଡ଼ା,୨୦/୪(ନି. ପ୍ର): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚକଡାଠାରେ ଜିଲ୍ଲା ବିଜେପି ଶାଖା ତରଫରୁ ଦିଶା ସଦସ୍ୟ ତଥା ବିଜେପିର ବରିଷ୍ଠ ନେତ୍ରୀ ଜ୍ୟୋସ୍ନାରାଣୀ ଜେନାଙ୍କ ଅଧ୍ୟକ୍ଷତାରେ ସଫେଇ କାର୍ଯ୍ୟକ୍ରମ ଓ ଲାଭାର୍ଥୀ ମାନଙ୍କ ସହିତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ବିଜେପି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ପାଖରେ ପହଁଚାଇବା ଓ ତାହାର ଲାଭ ଉଠାଇବା ସଂପର୍କରେ ଶ୍ରୀମତୀ ଜେନା ଆଲୋଚନା କରିଥିଲେ। ଏହି ଆଲୋଚନାରେ ସ୍ଥାନୀୟ ଅଂଚଳର ଉପସଭାନେତ୍ରୀ ବନ୍ଦନାରାଣୀ ରାଉତରାୟ, ସାଧାରଣ ସଂପାଦିକା ନମିତା ବଳ, ଜୋନ୍ ସଭାପତି ବାବାଜୀ ବେହେରା, ମହିଳା ମୋର୍ଚ୍ଚା ସଭାନେତ୍ରୀ ନିର୍ମଳା ମଲ୍ଲ, ଓବିସି ମୋର୍ଚ୍ଚାର ରଶ୍ମି ରଂଜନ ରାଉତରାୟ, ବୁଥ୍ ସଭାପତି ସୁମନ୍ତ କୁମାର ବାରିକ, ରୋସ୍ମାମୟୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଲିସ ସହଯୋଗରେ ବିପୁଳ କାଠ ଜବତ କଲା ବନ ବିଭାଗ



ଚଢେଇଭୋଳ,୨୦/୪(ନି. ପ୍ର): ମୟୂରଭଂଜ ଜିଲ୍ଲା କରଞ୍ଜିଆ ବ୍ଲକ ଚଢ଼େଇଭୋଳ ନିକଟରେ କିଛି କାଠ ମାଫିଆ ବହୁ ପରିମାଣର ମୂଲ୍ୟବାନ କାଠ ଜବତ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଜାଣିବା ପରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ନେତୃତ୍ୱରେ ବନବିଭାଗର ଏକ ୭୦ ଜଣିଆ ଦଳ ଚଢ଼େଇଭୋଳ ଗ୍ରାମରେ ଚଢ଼ଉ କରିବାକୁ ନିଷ୍ପତ୍ତି ନେଇଥିଲେ। ଭୋର୍ ପ୍ରାୟ ୪ ଘଟିକା ସମୟରେ ବନବିଭାଗର ଦଳ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକଙ୍କ ସହିତ କରଞ୍ଜିଆ ପୁଲିସର ଏକ ମିଳିତ ଦଳ ମାଜିଷ୍ଟ୍ରେଟ ଭାବେ କରଞ୍ଜିଆ ତହସିଲଦାର ବେଦବ୍ୟାସ ଭୋଇଙ୍କ ଉପସ୍ଥିତିରେ ୨ ପ୍ଲାଟୁନ ପୁଲିସ୍ ଫୋର୍ସର ସାହାଯ୍ୟରେ ଚଢ଼ଉ ଆରମ୍ଭ କରିଥିଲେ।

ଏଠାରେ ବିଭିନ୍ନ ସ୍ଥାନରେ ଅଲଗା ଅଲଗା କରି ଶାଗୁଆନ କାଠ ଗୁଡ଼ିକ ରଖାଯାଇଥିଲା। ଏହି କାଠ ପ୍ରାୟ ୧୦ ଟ୍ରାକ୍ଟରରୁ ଉର୍ଦ୍ଧ୍ୱ ଥିବା ଜଣାପଡିଛି। ଏହି କାଠର ଆନୁମାନିକ ମୂଲ୍ୟ ପ୍ରାୟ ୨୦-୩୦ ଲକ୍ଷ ଟଙ୍କା ହୋଇପାରେ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସମସ୍ତ ଜବତ କାଠ ସିଙ୍ଗଡ଼ା ବନପାଳ ଦୀପ୍ତିମୟୀ ସେଠୀଙ୍କ କାର୍ଯ୍ୟାଳୟ ଠାରେ ରଖାଯାଇ ମୂଲ୍ୟର ଆକଳନ କରାଯାଉଛି। ତେବେ ଏତେ ପରିମାଣର କାଠ କେଉଁ ପରିସ୍ଥିତିରେ ଏଠାରେ ରହିଲା ଓ କିପରି ବନ ବିଭାଗ ଓ ପୁଲିସ ବିଭାଗ ଜାଣିପାରିଲା ନାହିଁ ସେ ବିଷୟରେ ମୃଦୁ ଗୁଞ୍ଜରଣ ଶୁଣିବାକୁ ମିଳୁଛି। ଚଢ଼ଉ ଖବର ପୂର୍ବରୁ ଜାଣିପାରି ଗିରଫଦାରୀ ଭୟରେ କାଠ ମାଫିଆମାନେ ସମସ୍ତ କାଠ ବାହାରେ ରଖିଦେଇଥିବା ସ୍ଥାନୀୟ ଲୋକେ ନାମ ପ୍ରକାଶ ନକରି ସୂଚନା ଦେଇଛନ୍ତି। ଏତେ ପରିମାଣର ଅମୂଲ୍ୟ ଶାଗୁଆନ କାଠ ଜଙ୍ଗଲରୁ କାଟି କାଠ ମାଫିଆ ପରିବେଶ ସନ୍ତୁଳନ ବିଗାଡିବାକୁ ଚେଷ୍ଟା କରୁଥିବାରୁ ପରିବେଶବିତ୍ମାନେ କ୍ଷୋଭ ପ୍ରକାଶ କରିଛନ୍ତି ଏବଂ ଆଗକୁ ଏହି ପରି ଚଢ଼ାଉ ଜାରି ରଖିବାକୁ ଦାବି କରିଛନ୍ତି।

ଏହି ଜବତ କାଠର କୌଣସି ମାଲିକାନା ନଥିବାରୁ କାହାରିକୁ ଗିରଫ କରାଯାଇ ପାରିନଥିବା ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ସୂଚନା ଦେଇଛନ୍ତି। ଏତେ ପରିମାଣର କାଠ ଏଠାକୁ କେମିତି ଆସିଲା, କିଏ କେତେବେଳେ ଆଣି ରଖିଲା ସେସବୁ ବିଷୟରେ ଅଞ୍ଚଳରେ ଭିନ୍ନଭିନ୍ନ ମତପ୍ରକାଶ ପାଉଛି। ଏହି ସ୍ଥାନଟି କାଠ, ବାଲି, ପଥର ଓ ଗୋରୁ ମାଫିଆମାନଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାରୁ ଆଜି ଚଢ଼ଉ ସମୟରେ ସଶସ୍ତ୍ର ପୁଲିସ ବଳ ନିୟୋଜିତ ରହିଥିବା ଦେଖିବାକୁ ମିଳିଥିଲା। ଏଠାରେ ବେଆଇନ କରତକଳ ମଧ୍ୟ ରହିଥିବା କିଛି ସ୍ଥାନୀୟ ଭଦ୍ରବ୍ୟକ୍ତି ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ତେଣୁ ଆଗାମୀ ଦିନରେ ଏହି ସ୍ଥାନ ଉପରେ ବିଶେଷ ଦୃଷ୍ଟି ରଖିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି ରଖିଛନ୍ତି।

## ତରାଣ୍ଡୋ ଉଚ୍ଚ ବିଦ୍ୟାଳୟରେ ଅଗ୍ନି ନିରାପ । ତାଲିମ୍ ଶିବିର

କେନ୍ଦ୍ରାପଡ଼ା,୨୦/୪(ନି. ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ତରାଣ୍ଡୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଦିନ ଅଗ୍ନି ନିରାପ । ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡା ଅଗ୍ନିଶମ ବିଭାଗର ଅଧିକାରୀ ଶଶିଶେଖର ପଣ୍ଡା, ତନୋଜ କୁମାର ନନ୍ଦୀ, ନିରାକାର ତ୍ରିପାଠୀ ଯୋଗଦେଇ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ନିଆଁ ଲାଗିଲେ ତାହାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ ସେ ସମ୍ପର୍କରେ ତାଲିମ୍ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷକମାନେ ଅଗ୍ନି ଲାଗିଲେ କିପରି ଦମନ କରିବେ ତାହା ଅଭିନୟ ଅଭ୍ୟାସ ମାଧ୍ୟମରେ ତାଲିମ୍ ନେଇଥିଲେ ।

# ବୈଶ୍ୱିକ ସ୍ତରରେ ଚିନ୍ତା କରି ସ୍ଥାନୀୟ ସ୍ତରରେ କାର୍ଯ୍ୟ କର: ପିକେ ମିଶ୍ର




ସମ୍ବଲପୁର/ଚିପିଲିମା,୨୦/୪(ନି. ପ୍ର): ବୈଶ୍ୱିକ ସ୍ତରରେ ଚିନ୍ତା କରି ସ୍ଥାନୀୟ ସ୍ତରରେ ତାହାର କାର୍ଯ୍ୟାନ୍ୱୟନ ପାଇଁ ଶନିବାର ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡ. ପ୍ରମୋଦ କୁମାର ମିଶ୍ର କହିଛନ୍ତି। ବୈଶ୍ୱିକ ଯୋଗାଣ ଶୃଙ୍ଖଳାରେ ବାଧା, ସଂରକ୍ଷଣବାଦୀ ନୀତି, ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ଏବଂ ପରିବର୍ତ୍ତିତ ବୈଶ୍ୱିକ ବାଣିଜ୍ୟ ଢାଞ୍ଚା ଏବେ ଜଟିଳତା ସୃଷ୍ଟି କରୁଛି। ଏହି ଯାତ୍ରା ସମୟରେ ଗୋଟିଏ କଥା ସ୍ପଷ୍ଟ ଯେ ଭବିଷ୍ୟତ କେବଳ ଉତ୍ତରାଧିକାରୀ ସୂତ୍ରରେ ମିଳିବ ନାହିଁ, ଏହାକୁ ସୃଷ୍ଟି କରିବାକୁ ହେବ। ନିଜ ଭବିଷ୍ୟତକୁ ଗଢ଼ି ତୋଳିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଦରକାର। ଆଜି ଆପଣ ଯେଉଁ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିଛନ୍ତି, ତାହାକୁ ନିର୍ମାଣ କରି ଆହୁରି ଅନେକ ମାଇଲଖୁଣ୍ଟ ହାସଲ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଦେଶ ହିତ ପାଇଁ କାମ କରିବା ଏବଂ ଲୋକମାନେ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ କେମିତି ଉଠିବେ, ସେ ଦିଗରେ ପ୍ରୟାସ କରିବାକୁ ଡ. ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଆଇଆଇଏମ୍ ସମ୍ବଲପୁର ନିଜସ୍ୱ ଶିକ୍ଷା ଢାଞ୍ଚାରେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)କୁ ଅନ୍ତର୍ଭୁକ୍ତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପଶ୍ଚିମ ଓଡ଼ିଶାର ବୁଣାକାରଙ୍କ ପାଇଁ ମାଷ୍ଟର ବୁଣାକାର କାର୍ଯ୍ୟକ୍ରମ ଆରମ୍ଭ କରାଯିବା ମଧ୍ୟ ଏକ ପ୍ରଶଂସନୀୟ ପ୍ରୟାସ। ଏହା ଆଞ୍ଚଳିକ ବିକାଶରେ ସହାୟକ ହେବ ବୋଲି ସେ କହିଥିଲେ। ଆଇଆଇଏମ୍ ସମ୍ବଲପୁର 'ବିଓଜି'ର ଅଧ୍ୟକ୍ଷ, ସେଲ୍ସଫୋର୍ସ ଇଣ୍ଡିଆ ଓ ଦକ୍ଷିଣ ଏସିଆର ଅଧ୍ୟକ୍ଷ ତଥା ସିଇଓ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ କହିଲେ ଯେ ଶିକ୍ଷା ଏକ ଜୀବନବ୍ୟାପୀ ଯାତ୍ରା। ଦୁନିଆ ଦ୍ରୁତ ଗତିରେ ବିକଶିତ ହେଉଛି। ଏଣୁ ଉଭୟ ସୁଯୋଗ ଏବଂ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରତିଦିନ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଲେ ତାହା ନିଜ ପାଇଁ ତଥା ନିଜ ଦେଶ ପାଇଁ ଏକ ବଡ଼ ଅବଦାନ ହେବ ବୋଲି କହିଥିଲେ। ବୋଷ୍ଟନ୍ କନ୍ସଲଟିଂ ଗ୍ରୁପ୍ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଭାଷଣ ଦେବା ଅବସରରେ କହିଲେ, ପ୍ରଥମ ଥର ପାଇଁ ଆମ ପାଖରେ ୫ଟି ଭିନ୍ନ ଭିନ୍ନ ପ୍ରୋଗ୍ରାମ ଏମ୍ବିଏ, ଏକଜିକ୍ୟୁଟିଭ୍ ଏମ୍ବିଏ, ଏମ୍ବିଏ ଫର୍ ୱାର୍କିଂ ପ୍ରଫେସନାଲ୍ସ, ପିଏଚ୍ଡି ଏବଂ ପିଏଚଡି ଫର୍ ୱାର୍କିଂ ପ୍ରଫେସନାଲ୍ସର ଛାତ୍ରଛାତ୍ରୀମାନେ ଡିଗ୍ରି ହାସଲ କରିଛନ୍ତି। ଏହାବ୍ୟତୀତ ଭାରତର କୌଣସି ଆଇଆଇଏମ୍ କିମ୍ବା ଅଗ୍ରଣୀ ବି-ସ୍କୁଲ ଇତିହାସରେ ଏହା ପ୍ରଥମ ଘଟଣା ଯେଉଁଠାରେ ସ୍ନାତକ ହାସଲ କରିଥିବା ମହିଳାଙ୍କ ସଂଖ୍ୟା ପୁରୁଷ ଛାତ୍ରଛାତ୍ରୀଙ୍କ ତୁଳନାରେ ଅଧିକ।

## ଧାମନଗର ବିଜେପିର ବିଧାନସଭା ସ୍ତରୀୟ ସକ୍ରିୟ ସଦସ୍ୟ କର୍ମଶାଳା

ଭଦ୍ରକ,୨୦/୪(ନି. ପ୍ର): ଭଦ୍ରକ ଜିଲା ଧାମନଗର ବିଧାନସଭା ସ୍ତରୀୟ ବିଜେପି ର ସକ୍ରିୟ ସଦସ୍ୟ କର୍ମସାଳା ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଓ ଯୁବ ,କ୍ରୀଡାମନ୍ତ୍ରୀ ସୁର୍ଯ୍ୟବଂଶୀ ସୁରଜ ଯୋଗ ଦେଇ କାର୍ଯ୍ୟକର୍ତା ଙ୍କୁ ସଦସ୍ୟତା ସଂପର୍କ ରେ ସୁଚନା ଦେଇଥିଲେ। ଯେପରି ଭାବେ ବୁଥ ସ୍ତରରୁ ଦଳ ଆହୁରି ଶକ୍ତି ଶାଳୀ ହେବ ସେ ଦିଗରେ କାର୍ଯ୍ୟକର୍ତା ସଚେତନ ହେବାକୁ ପରାମର୍ଶ ଦେଇ ଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଭଦ୍ରକର ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲା ସଭାପତି ଭଗବାନ ପଣ୍ଡା, ଜିଲ୍ଲା ସଂପାଦକ ମନୋରଞ୍ଜନ ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ଶରତ କୁମାର ମହାନ୍ତି, ଏନଏସିର ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ଧାମନଗର ସହରାଂଚଳ ର ସାଧାରଣ ସମ୍ପାଦକ ବିଜୟ ରାମ ଏବଂ ସମସ୍ତ ମଣ୍ଡଳ ସଭାପତି ଏବଂ ବିଭିନ୍ନ ପଂଚାୟତ ର କାର୍ଯ୍ୟକର୍ତା ଓ ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ ।

# ଷ୍ଟିଲପ୍ଲାଣ୍ଟ୍ ପାଇଁ ଜମି ଅଧିଗ୍ରହଣକୁ ବିରୋଧ: 'ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ'

ପାଟଣା,୨୦/୪(ନି. ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଞ୍ଚଳରେ ଜେଏସ୍ଡବ୍ଲ୍ୟୁ କମ୍ପାନି ପକ୍ଷରୁ ବୃହତ୍ ଷ୍ଟିଲ୍ପ୍ଲାଣ୍ଟ ସ୍ଥାପନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଜମି ଅଧିଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ମରିବୁ ପଛେ, ଭିଟାମାଟି ଛାଡ଼ିବୁ ନାହିଁ ବୋଲି କ୍ଷତିଗ୍ରସ୍ତ ହେବାକୁ ଥିବା ଗ୍ରାମବାସୀଙ୍କୁ ନେଇ ଗଠିତ ଜିନ୍ଦଲ ପ୍ରତିରୋଧ ମଞ୍ଚ ଚେତାବନୀ ଦେଇଛି। ଆଜି ପାଟଣା ତହସିଲ କାର୍ଯ୍ୟାଳୟ ଆଗରେ ଏ ନେଇ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।




ପାଟଣା ତହସିଲ ଅନ୍ତର୍ଗତ ଚେମଣା, ଯମୁନାପଶି, କୋଡ଼ଖମଣ, ବରୁଡ଼ିପଶି, ବଳିଆପଶି, ରେଙ୍ଗାଳବେଡ଼ା, ଧନୁର୍ଜୟପୁର, ବାରଡାଙ୍ଗୁଆ, ଅଙ୍ଗିକଳା, ଚିଲିଦା, ପଦ୍ମକେଶରପୁର, କିମିଦାପଶି, ଧରୁଆପଡ଼ା, ନୂଆଖମଣ, ରାଇକଳା, ନୂଆଗାଁ, ଗୋଡ଼ିପୋଖରୀ, ଭୃଙ୍ଗରାଜପଶି ଆଦି ୧୮ଟି ଗ୍ରାମର ଜମିରେ ପ୍ରସ୍ତାବିତ ଷ୍ଟିଲ୍ପ୍ଲାଣ୍ଟ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଇଡ୍କୋ ପକ୍ଷରୁ ସରକାରୀ ଜମି ଅଧିଗ୍ରହଣ ପାଇଁ ନୋଟିସ୍ ହେବା ସହ ଆପତ୍ତି ଅଭିଯୋଗ ଥିଲେ ୧୫ଦିନ ଭିତରେ ଜଣାଇବାକୁ ପ୍ରଶାସନ ପକ୍ଷରୁ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ନୋଟିସ୍ ଜାରି ହେବା ପରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିନ୍ଦଲ ପ୍ରତିରୋଧ ମଞ୍ଚ ନେତୃତ୍ୱରେ କ୍ଷତିଗ୍ରସ୍ତ ହେବାକୁ ଥିବା ୧୮ଟି ଗ୍ରାମର ହଜାର ହଜାର ଲୋକ ପାଟଣା ଆନନ୍ଦେଶ୍ୱର ଶିବମନ୍ଦିର ନିକଟରେ ଏକାଠି ହୋଇଥିଲେ। ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ପାଟଣା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜୀବନ ଦେବୁ ପଛେ ଭିଟାମାଟି ଆମେ ଛାଡ଼ିବୁ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

୨୦୦୬ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ, ଚାଷ ଓ ବାସ ଉପଯୋଗୀ ଜମିକୁ ଦଖଲକାରଙ୍କ ନାମରେ ପଟ୍ଟା ପ୍ରଦାନ, ସରକାରୀ ଜମି ଦଖଲଦାରୀଙ୍କୁ ପଟ୍ଟା ପ୍ରଦାନ ଏବଂ କମ୍ପାନି ସହ ହୋଇଥିବା ଏମ୍ଓୟୁ ବାତିଲ କରିବାକୁ ଜିନ୍ଦଲ ପ୍ରତିରୋଧ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଜିନ୍ଦଲ ପ୍ରତିରୋଧ ମଞ୍ଚର ଆବାହକ ରଘୁନାଥ ଦାସ, ସଭାପତି ଘନଶ୍ୟାମ ମହାନ୍ତ, ସମ୍ପାଦକ ବେଣୁଧର ସର୍ଦ୍ଦାରଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପାଟଣା ତହସିଲଦାରଙ୍କୁ ତିନିଦଫା ଦାବିପତ୍ର ପ୍ରଦାନ କରାଯାଇଛି।

## ଦେଶି ମଦ ଚାଲାଣ ବେଳେ ଚଢ଼ାଉ ୨ ଗିରଫ

ଜୟପୁର,୨୦/୪(ନି. ପ୍ର): ଜୟପୁର ଅବକାରୀ ଥାନା ପକ୍ଷରୁ ଆଜି ଖଇରିମୁଣ୍ଡି ଓ କୋଟା ଅଂଚଳରେ ଚଢାଉ କରି ଦେଶି ମଦ ଜବତ କରିବା ସହ ୨ଜଣ ମହିଳାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଆଜି ଅବକାରୀ ଥାନା ଅଧିକାରୀ ମାନେ ଜୟପୁର ସଦରଥାନା ଅଂଚଳର ଖଇରିମୁଣ୍ଡି ଗ୍ରାମରେ ଚଢାଉ କରି ଇରାମତୀ ଦିଶାରିଙ୍କ ଠାରୁ ୯ ଲିଟର ଦେଶି ମଦ ଜବତ କରିଥିଲେ। ସେହିପରି କୋଟା ଗ୍ରାମର ଟୁନୀ ଖୋସ୍ଲାକୁ ଗିରଫ କରି ୮ ଲିଟର ଦେଶିମଦ ଜବତ କରିଛନ୍ତି। ଉଭୟଙ୍କ ଠାରୁ ମୋଟ ୧୭ ଲିଟର ଦେଶି ମଦ ଜବତ କରି କୋର୍ଟ ଚାଲାଣ କରାଯାଇଥିବା ଏସ ଆଇ ସୁବ୍ରତ ହିରଣ ସୂଚନା ଦେଇଛନ୍ତି।

# ବଲାଣି ଖଣି ଅଂଚଳରେ ବେଆଇନ ମଦ କାରବାର, ଅନ୍ଧାରକୁ ଠେଲି ହେଉଛନ୍ତି ଯୁବଗୋଷ୍ଠୀ; ଅସଲି ବଦଳରେ ମିଳୁଛି ନକଲି ମଦ

ଯୋଡ଼ା,୨୦/୪(ନି. ପ୍ର): ଜିଲାର ସୀମାନ୍ତ ଖଣି ଅଂଚଳ ବଲାଣିରେ ବୃଦ୍ଧି ପାଉଛି ବେଆଇନ ମଦ କାରବାର । ଖୋଲାଖୋଲି ବେଆଇନ ମଦ କାରବାର ହେଉଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ଅବକାରୀ ବିଭାଗ । ଏ ସମ୍ପର୍କରେ ତଥ୍ୟ ସହିତ ବାରମ୍ବାର ଖବର ପ୍ରକାଶନ ହେଲା ପରେ ମଧ୍ୟ ଦୃଷ୍ଟି ଦେଉନାହିଁ ବିଭାଗ । ଅଂଚଳରେ ବେଆଇନ ଦେଶୀ ବିଦେଶୀ ମଦ ସାଧାରଣ ସ୍ଥାନରେ ବିକ୍ରି ଚିନ୍ତାର କାରଣ ହୋଇଥିବା ବେଳେ ନକଲି ମଦ ଲୋକଙ୍କୁ ରୋଗାଗ୍ରସ୍ତ କରୁଛି ବୋଲି ଅଭିଯୋଗ ହେଉଛି । ଗଳି ଗଳିରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେବା ଦ୍ୱାରା ଅତି ସହଜରେ ହାତପାହାନ୍ତାରେ ଏହି ବେଆଇନ ମଦ ମିଳିଯାଉଥିବାରୁ ଅଳ୍ପ ବୟସର ପିଲା ମାନେ ଉକ୍ତ ନିଶାସାମଗ୍ରୀର ବଶବର୍ତୀ ହେଉଛନ୍ତି । ଯାହା ଫଳରେ ଅଂଚଳର ଯୁବ ଗୋଷ୍ଠୀ ଭବିଷ୍ୟତ ଗଢିବା ପୂର୍ବରୁ ତାଙ୍କର ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଉଛି । ବଲାଣି ଥାନା ଅଂଚଳରେ ଦୁଇଟି ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଛି । ସେଥି ମଧ୍ୟରୁ ଗୋଟିଏ ଠିପି ବନ୍ଦ ବିଦେଶୀ ମଦ ଦୋକାନ ବାଲାଗୋଡା ବସ୍ତି ବଡ଼ବିଲ - କିରିବୁରୁ ମୁଖ୍ୟ ରାସ୍ତା କଡ଼ରେ ରହିଥିବା ବେଳେ ଅନ୍ୟ ଗୋଟିଏ ଠିପି ଖୋଲା ବିଦେଶୀ ମଦ ଦୋକାନ ଉକ୍ତ ମୁଖ୍ୟ ସଡ଼କର ଡର୍ବୀ ଛକ ନିକଟରେ ରହିଛି । ଏହି ଦୁଇଟି ମଦ ଦୋକାନରୁ ବଲାଣି ଅଂଚଳର ଶାନ୍ତି ନଗର, ଗୁରୁଦ୍ୱାରା ହଟିଂ, ବାକରାଡ଼ିପା, ଆଡ୍ରି ହଟିଂ, ଶଙ୍ଖଝର, ଲସର୍ଦା, ହରମଠ, କିରିବୁରୁ ବେସ କ୍ୟାମ୍ପ, କିରିବୁରୁ ହିଲଟପ୍ ଆଦି ଅଂଚଳକୁ ବହୁଳ ମାତ୍ରାରେ ମଦ ଚୋରା ଚାଲାଣ କରାଯାଇଥାଏ । ଏହି ଚୋରା କାରବାରରେ ନକଲି ମଦ ମଧ୍ୟ ଚୋରା ଚାଲାଣ କରାଯାଇ ଅଂଚଳରେ ବିକ୍ରି କରାଯାଉଥିବା ନେଇ ଅନେକ ଦିନରୁ ଅଭିଯୋଗ ହୋଇ ଆସୁଛି । ଏହି ଚୋରା ଚାଲାଣ ସମ୍ପୃକ୍ତ ସ୍ୱୀକୃତିପ୍ରାପ୍ତ ମଦ ଦୋକାନର କର୍ମଚାରୀ ମାନେ କରୁଥିବା ବେଳେ ସମସ୍ତ ତଥ୍ୟ ଥାଇ ଅବକାରୀ ବିଭାଗ ନିରବଦ୍ରଷ୍ଟା ପାଲଟିଛି । ଏହା ବ୍ୟତୀତ ଝାଡ଼ଖଣ୍ଡ ଅଂଚଳରୁ ମଧ୍ୟ ନକଲି ମଦ ବୋତଲ ବଲାଣି ଅଂଚଳରେ ବେଆଇନ ଭାବେ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇ ଆସୁଅଛି । ବଲାଣି ଅଂଚଳରେ ଖୋଲା ଖୋଲି ଭାବରେ ଏହି ବେଆଇନ ମଦ କାରବାର ହେଉଥିଲେ ସୁଦ୍ଧା ଏଠାରେ ଅବକାରୀ ବିଭାଗର କର୍ମଚାରୀ ନିଜ ପକେଟକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଆଲୋଚନା ହେଉଥିବା ବେଳେ ବିଭାଗର କାର୍ଯ୍ୟକାରିତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତେ ଉକ୍ତ ଚୋରା ବେପାରୀଙ୍କୁ ସୁରକ୍ଷା ଓ ପ୍ରଶୟ ଦେଉଥିବା ଅଭିଯୋଗ ହେଉଛି । ତେବେ ଅବକାରୀ ବିଭାଗ ଅଂଚଳରେ ବିକ୍ରି କରୁଥିବା ବେଆଇନ ମଦ ବେପାରୀ ସମେତ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ଗୁଡିକରେ ଚଢ଼ଉ କରାଗଲେ ନକଲି ମଦର ରହସ୍ୟ ଉନ୍ମୋଚନ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ଠାକୁରମୁଣ୍ଡା ଅଞ୍ଚଳରୁ ଅପହୃତ ଶିଶୁକନ୍ୟା ତିନିଦିନ ପରେ ଉଦ୍ଧାର, ଅପହରଣକାରୀ ଓ ସହଯୋଗୀ ଅଟକ



ଯାଜପୁର,୨୦/୪(ନି. ପ୍ର): ଠାକୁରମୁଣ୍ଡା ଅଞ୍ଚଳରୁ ତିନି ଦିନ ତଳେ ଅପହୃତ ୫ ବର୍ଷର ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଅପହରଣ ହେବାର ତିନି ଦିନ ପରେ ଆଜି ଶିଶୁ କନ୍ୟାକୁ ଯାଜପୁର ରୋଡ ଥାନା କାଚହୁଡ଼ି ସାହିରୁ ଜଣେ ଛଦ୍ମବେଶୀ କିନ୍ନର ପୁରୁଷଙ୍କ ଠାରୁ ଜବତ କରିଛନ୍ତି ଯାଜପୁର ରୋଡ କିନ୍ନର ସଂଘ ଶାନ୍ତି ସେନାର କର୍ମକର୍ତ୍ତାମାନେ। ତିନି ଦିନ ତଳେ ଠାକୁରମୁଣ୍ଡା ବସ୍ ଷ୍ଟାଣ୍ଡରୁ ୫ ବର୍ଷର ଶିଶୁକନ୍ୟାକୁ ଲିପୁ ନାୟକ ନାମକ ଛଦ୍ମବେଶୀ କିନ୍ନର ଅପହରଣ କରି ଆଣି ଯାଜପୁର ରୋଡ ଅଞ୍ଚଳରେ ରଖିଥିଲେ। ଅପହରଣ ହେବାର ତିନି ଦିନ ପରେ ଆଜି ଶିଶୁ କନ୍ୟାକୁ ଯାଜପୁର ରୋଡ ଥାନା କାଚହୁଡ଼ି ସାହିରୁ ଜଣେ ଛଦ୍ମବେଶୀ କିନ୍ନର ପୁରୁଷଙ୍କ ଠାରୁ ଜବତ କରିଛନ୍ତି ଯାଜପୁର ରୋଡ କିନ୍ନର ସଂଘ ଶାନ୍ତି ସେନାର କର୍ମକର୍ତ୍ତାମାନେ। ତିନି ଦିନ ତଳେ ଠାକୁରମୁଣ୍ଡା ବସ୍ ଷ୍ଟାଣ୍ଡରୁ ୫ ବର୍ଷର ଶିଶୁକନ୍ୟାକୁ ଲିପୁ ନାୟକ ନାମକ ଛଦ୍ମବେଶୀ କିନ୍ନର ଅପହରଣ କରି ଆଣି ଯାଜପୁର ରୋଡ ଅଞ୍ଚଳରେ ରଖିଥିଲେ। ଚୋରି ସମୟର ଭିଜୁଆଲ ଠାକୁରମୁଣ୍ଡା ପୁଲିସ ସାର୍ବଜନୀନ କରିବା ସହ ଶିଶୁକନ୍ୟାର ମାଙ୍କ ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପହରଣକାରୀ ଲିପୁ ନାୟକ ଓ ତାର ଜଣେ ସହଯୋଗୀଙ୍କୁ ଯାଜପୁର ରୋଡ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଚୋରି ସମୟର ଭିଜୁଆଲ ଠାକୁରମୁଣ୍ଡା ପୁଲିସ ସାର୍ବଜନୀନ କରିବା ସହ ଶିଶୁକନ୍ୟାର ମାଙ୍କ ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପହରଣକାରୀ ଲିପୁ ନାୟକ ଓ ତାର ଜଣେ ସହଯୋଗୀଙ୍କୁ ଯାଜପୁର ରୋଡ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

## ପୂର୍ବତନ ବିଧାୟକ ଓ ବର୍ତ୍ତମାନ ବିଧାୟକଙ୍କ ମଧ୍ୟରେ କଥା କଟାକଟି

ପୁରୀ,୨୦/୪(ନି. ପ୍ର): ପୁରୀ ଓକିଲ ସଂଘ ସଭାଗୃହରେ କୋର୍ଟ ସ୍ଥାନାନ୍ତରକୁ ନେଇ ପ୍ରତିବାଦ ସଭା ଚାଲିଥିଲା । ଏହି ସଭାରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମ୍ବାଦିକ, ସାହି ମୁରବି ମାନେ ଉପସ୍ଥିତ ଥିଲେ । ବିଜେପିର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ ପ୍ରତିବାଦକୁ ସମର୍ଥନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ । ପୁରୀ ଲୋକମାନେ ନିର୍ବାଚିତ କରି ଯେଉଁ ବିଧାୟକଙ୍କୁ ବିଧାନସଭା ଛାଡିଛନ୍ତି ତାଙ୍କର ଦେଖାଦର୍ଶନ ନାହିଁ ବୋଲି ଶ୍ରୀଷଡଙ୍ଗୀ କହିଥିଲେ । ଏହାର ଠିକ୍ ପାଂଚ ମିନିଟ ପରେ ବିଧାୟକ ସୁନିଲ କୁମାର ମହାନ୍ତି ବୈଠକରେ ପହଂଚି ଆନ୍ଦୋଳନକୁ ସମର୍ଥନ କରିବା ସହ ଯେତେବେଳେ ଯେଉଁ ସମୟରେ ସଂଘ ଡାକିବ ସେ ଉପସ୍ଥିତ ରହିବେ ବୋଲି କହିଥିଲେ। ବିଧାୟକଙ୍କ ପାଣ୍ଠିରୁ ସଂଘ କାର୍ଯ୍ୟାଳୟର ଉନ୍ନତି ପାଇଁ ୩୦ଲକ୍ଷ ଟଙ୍କାର ଅନୁଦାନ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଗର୍ଭରେ କ'ଣ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ? ଜାଣନ୍ତୁ ଜନ୍ମ ସହ ଜଡ଼ିତ ଏହି ରହସ୍ୟ

*ସଂସାରରେ ଜନ୍ମ ନେଉଛ ମାନେ ମୃତ୍ୟୁ ସୁନିର୍ଶ୍ଚିତ । ଏହା ଜୀବନର ଏକ ଅପ୍ରିୟ ସତ୍ୟ । ମୃତ୍ୟୁ ପରେ ମଣିଷର କର୍ମ ସ୍ଥିର କରିଥାଏ କି ତାଙ୍କୁ ସ୍ୱର୍ଗ ପ୍ରପ୍ତି ହେବ ନା ନର୍କ ଭୋଗିବାକୁ ପଡ଼ିବ । ଜନ୍ମ ପରେ ମଣିଷ ଜୀବନରେ ଅନେକ ଭଲ ଓ ଖରାପ ଘଟଣଶ ଘଟିଥାଏ । ଭଲ ଘଟଣା ଯୋଗୁଁ ମଣିଷ ନିଜ ଭାଗ୍ୟକୁ ପ୍ରଶଂସା କରେ ତ' ଖରାପ ଘଟଣା ପାଇଁ ନିଜ ଭାଗ୍ୟକୁ ନିନ୍ଦା କରେ । ଏବେ ଏପରି ପ୍ରଶ୍ନ ମନକୁ ଆସେ କି, ମଣିଷର ଜନ୍ମ ପୂର୍ବରୁ ଭାଗ୍ୟର ହିସାବ-କିତାବ ସ୍ଥିର ହୁଏ ନା ଜନ୍ମ ପରେ ନିର୍ଦ୍ଧାରିତ ହୁଏ । ଜାଣନ୍ତୁ ଏହାର ଉତ୍ତର...*

**କେବେ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ?**

ପଣ୍ଡିତ ଇନ୍ଦ୍ରମଣି ଘନଶ୍ୟାଲ କହିଛନ୍ତି ଯେ, ଜୀବନର ସଙ୍କଟକୁ ଦୂର କରିବା ପାଇଁ ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ ଶହ ଶହ ନୀତି ବିଷୟରେ ବର୍ଣ୍ଣନା କରିଛନ୍ତି । ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ, ଯେକୌଣସି ମଣିଷର ଭାଗ୍ୟର ୫ଟି ଜିନିଷ ମା' ଗର୍ଭରେ ସ୍ଥିର ହୋଇଯାଏ । ଏହାକୁ କେହି ବଦଳାଇପାରିବେ ନାହିଁ ।

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, 'ବୟସ, କର୍ମ, ଧନ-ସମ୍ପତ୍ତି, ଶିକ୍ଷା ଏବଂ ମୃତ୍ୟୁ' ଏହି ୫ଟି ଜିନିଷ ମାତୃ ଗର୍ଭରେ ଥିବା ସମୟରେ ତାଙ୍କ ଭାଗ୍ୟରେ ଲେଖା ଯାଇଥାଏ । ଜୀବନସାରା ଏହାକୁ କେହି ବଦଳାଇ ପାରିବେ ନାହିଁ । ଯାହାରେ ଯେତେ ବୟସ ଥିବ, ସେ ସେତିକି ବର୍ଷ ହିଁ ବଞ୍ଚିବ ।



**ମନୁଷ୍ୟର ଲକ୍ଷ୍ୟ କ'ଣ ?**

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ନିଜ ଜୀବନରେ ଧର୍ମର ମାର୍ଗ ଅନୁସରଣ କରି ଜ୍ଞାନ ଏବଂ ଧନ ଅର୍ଜନ କରିବା ଉଚିତ । ଯାହା ଫଳରେ ସମାଜରେ ସେହି ବ୍ୟକ୍ତିର ସମ୍ମାନ ରହିବ । ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ଜନ୍ମ ପରେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଏହି ୪ଟି ଜିନିଷ ହାସଲ କରିବା ଉଚିତ୍ । ଧର୍ମର କାମ କରି ବ୍ୟକ୍ତିଙ୍କୁ ଧନ-ସମ୍ପତ୍ତି ପ୍ରାପ୍ତ କରିବା ଉଚିତ୍ । ଏହା ପରେ ବିବାହ କରି ନିଜର ଗୃହସ୍ଥ ଜୀବନ ଆରମ୍ଭ କରିବା ଉଚିତ୍ । ଶେଷରେ ମୋକ୍ଷ ପାଇବା ପାଇଁ ଭଗବାନଙ୍କୁ ସ୍ମରଣ ଓ ଭଲ କାମ କରିବା ଉଚିତ୍ । ଏହିପରି ଭାବେ କୌଣସି ମଣିଷର ଭାଗ୍ୟ ତାଙ୍କ ଜନ୍ମ ପୂର୍ବରୁ ହିଁ ସ୍ଥିର ହୋଇଥାଏ ।

# ହାର୍ଟ ଆଟାକ୍ ଆସିବା ମାତ୍ରେ ନ ଡରି କରନ୍ତୁ ଏହି କାମ: ବଞ୍ଚିଯିବ ପୀଡିତଙ୍କ ଜୀବନ

ହାର୍ଟ ଆଟାକର ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି । ପୂର୍ବରୁ ୬୦ ବର୍ଷରୁ ଅଧିକ ଲୋକ ଏହାର ଶିକାର ହେଉଥିବା ବେଳେ ଆଜିକାଲି ୧୮-୨୦ ବର୍ଷର ଯୁବପିଢ଼ି ମଧ୍ୟ ଏହାର ଶିକାର ହେଉଛନ୍ତି । ହାର୍ଟ ଆଟାକ୍ ଆସିବା ପରେ ଲୋକଙ୍କୁ ବଞ୍ଚାଇବା ପାଇଁ ମାତ୍ର କିଛି ମିନିଟ ହିଁ ମିଳିଥାଏ । ଏପରି ପରିସ୍ଥିତିରେ ଯଦି ପୀଡିତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆନଯାଏ, ତେବେ ତାଙ୍କ ଜୀବନ ଚାଲିଯାଏ । ଡାକ୍ତରଙ୍କ କହିବା ମୁତାବକ, ସାଧାରଣ ଲୋକ ଏହିପରି ଅନେକ ଟିପ୍ସ ଜାଣିବା ଉଚିତ୍, ଯାହା ରୋଗୀର ଜୀବନ ବଞ୍ଚାଇବା ପାଇଁ ତୁରନ୍ତ ବ୍ୟବହାର କରାଯାଇପାରିବ । ଆସନ୍ତୁ ଜାଣିବା କ'ଣ ରହିଛି ଟିପ୍ସ...



ହାର୍ଟ ଆଟାକ୍ ପରେ ତୁରନ୍ତ CPR ଦିଅନ୍ତୁ : ଡାକ୍ତରୀ ବିଶେଷଜ୍ଞମାନେ କହିଛନ୍ତି ଯେ, ଯଦି କାହାକୁ ହାର୍ଟ ଆଟାକ୍ ଆସିଛି, ତେବେ ପୀଡିତାଙ୍କୁ ତୁରନ୍ତ ସିପିଆର ଦେବା ଉଚିତ । ଏହି ଟେକନିକ ବ୍ୟବହାର କରି ରୋଗୀର ଜୀବନ ବଞ୍ଚାଯାଇ ପାରିବ । CPR ହେଉଛି Cardiopulmonary Resuscitation । ଯେତେବେଳେ କାହାକୁ ହାର୍ଟ ଆଟାକ୍ ଆସୁଛି, ଏହି କୌଶଳ ବ୍ୟବହାର କରି ତାଙ୍କ ଜୀବନ ରକ୍ଷା କରିପାରିବେ । ଏହା ମାଧ୍ୟମରେ ରୋଗୀଙ୍କଠାରେ ବ୍ଲଡ଼ ଏବଂ ଅକ୍ସିଜେନ ଯୋଗାଣ ଚାଲୁ ହୋଇଥାଏ ।

*CPR କିପରି ଦେବେ ?:* ଡାକ୍ତରଙ୍କ କହିବାନୁସାରେ, ଯେତେବେଳେ ବି ଜଣେ ବ୍ୟକ୍ତିଙ୍କୁ ହାର୍ଟ ଆଟାକ୍ ଆସେ, ତାଙ୍କୁ ସିଧା ତଳେ ଶୋଇବାକୁ ଦିଅ ଏବଂ ତା'ପରେ ତାଙ୍କ ପାଖରେ ଆଣ୍ଠୁ ମାଡ଼ି ବସିପଡ଼ । ଏହା ପରେ ଦୁଇ ହାତର ପାପୁଲିରେ ପୀଡିତାଙ୍କ ଛାତିକୁ ଜୋରରେ ଦବାଇବା ଆରମ୍ଭ କରନ୍ତୁ । ପ୍ରତି ମିନିଟରେ ପ୍ରାୟ ୧୦୦-୧୨୦ / ହାରରେ ଛାତି ଦବାଇଲେ, ରକ୍ତରେ ରକ୍ତ ଏବଂ ଅମ୍ଳଜାନ ଯୋଗାଣ ପୁନଃ ଆରମ୍ଭ ହେବାର ସମ୍ଭାବନା ଥାଏ । ଛାତି ଦବାଇବାବେଳେ ଏହାକୁ ଧ୍ୟାନରେ ରଖିବାକୁ ହେବ ଯେ ଏହା ଏକ ସେମି ପର୍ଯ୍ୟନ୍ତ ତଳକୁ ଯାଉଥିବ । ସିପିଆର ଦେବା ଦ୍ୱାରା ରୋଗୀର ଜୀବନ ବଞ୍ଚିଯାଏ, କିନ୍ତୁ ତାଙ୍କ ଉପରେ ବିପଦ ରହିଥାଏ । ତେଣୁ ସିପିଆର ପରେ ତୁରନ୍ତ ରୋଗୀଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରନ୍ତୁ । ଯାହାଫଳରେ ତାଙ୍କ ଆଞ୍ଜିଓଗ୍ରାଫି କରି ଅଧିକ ଚିକିତ୍ସା ଆରମ୍ଭ କରିଯାଇପାରିବ । ଅନେକ ଥର ରୋଗୀର ଶିରା ବ୍ଲକ ହୋଇଯାଏ, ସେହି କ୍ଷେତ୍ରରେ ତୁରନ୍ତ ଅସ୍ତ୍ରୋପଚାର କରିବା ଜରୁରୀ ହୋଇଥାଏ ।

# ଘରେ କରନ୍ତୁ ରେଷ୍ଟୁରାଣ୍ଟ ଷ୍ଟାଇଲର ମଲାଇ ମସରୁମ ମସାଲା

ଆବଶ୍ୟକ ସାମଗ୍ରୀ: ମସରୁମ, ରିଫାଇନ ତେଲ, ଜିରା,ଗୁଜରାତି, ଡାଲିଚିନି, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ, ଟମାଟୋ, କାଜୁ, ଫ୍ରେଶ୍ ମଲାଇ, କସ୍ତୁରୀ ମେଥି, ଧନିଆ ପତ୍ର



ପ୍ରସ୍ତୁତି ପ୍ରଣାଳୀ: ଏକ ପ୍ୟାନ୍‌ରେ ରିଫାଇନ ତେଲ ଗରମ କରି ଜିରା ପକାନ୍ତୁ । ଏହାପରେ ସେଥିରେ ଗୁଜରାତି, ଡାଲିଚିନି ପକାଇ ପିଆଜ ପକାନ୍ତୁ । ପିଆଜ ଗୋଲଡେନ ଫ୍ରାଏ ହେବା ପରେ ସେଥିରେ ଅଦା ରସୁଣ ଓ କଞ୍ଚାଲଙ୍କା ପେଷ୍ଟ ପକାନ୍ତୁ । ଏହାକୁ ଭଲ ଭାବେ କଷନ୍ତୁ । ଏହାପରେ ସେଥିରେ ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ ପକାନ୍ତୁ । ଅଳ୍ପ ପାଣି ଦେଇ ମସଲାକୁ ଭଲ ଭାବେ ଘାଣ୍ଟନ୍ତୁ । ଏହାପରେ ସେଥିରେ ଟମାଟୋ କଟା ପକାନ୍ତୁ । ସେଥିରେ ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ । ଟମାଟୋ ଭଲ ଭାବେ ସିଝିଯିବା ପରେ ଗ୍ୟାସ୍‌କୁ ସ୍ଲୋ କରି ସେଥିରେ ଦହି ପକାଇ ଫେଣ୍ଟନ୍ତୁ । ଦହି ଭଲ ଭାବେ ମିଶିଯିବା ପରେ ସେଥିରେ କାଜୁ ପେଷ୍ଟ ଓ ଫ୍ରେଶ୍ ମଲାଇ ପକାନ୍ତୁ । ଏହା ଭଲ ଭାବେ କଷି ଯିବା ପରେ ମସରୁମ୍‌କୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ । ସେଥିରେ ଆବଶ୍ୟକ ଅନୁଯାୟୀ ଲୁଣ ପକାଇ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ । ପ୍ରାୟ ୧୦ ମିନିଟ୍ ପରେ ଢାଙ୍କୁଣି କାଢ଼ି ତାହାକୁ ଗୋଳାଇ ଦିଅନ୍ତୁ । ଏହାପରେ ସେଥିରେ କସ୍ତୁରୀ ମେଥି, ଧନିଆ ପତ୍ର, ପକାଇ ପ୍ଲେଟରେ ସର୍ଭ କରନ୍ତୁ ମସରୁମ୍ ମସାଲା । ଗରମାଗରମ ରୁଟଇ ସହ ଏହାର ମଜା ନିଅନ୍ତୁ ।

# ଜୀବନ-ମନ୍ତ୍ର: ମନ୍ଦରାଚଳ



ମାର୍କଣ୍ଡେୟ ପୁରାଣ, ମହାଭାରତ, ସ୍କନ୍ଦପୁରାଣ ଆଦିରେ ଯେଉଁ ପାବନ ପର୍ବତର ଉଲ୍ଲେଖ ଅଛି, ସେହି ପର୍ବତର ନାମ ମନ୍ଦରଗିରି । ଏହି ପର୍ବତ ଚନ୍ଦନ, ନାଗେଶ୍ୱର, ଚମ୍ପକ, ବିଲ୍ୱ, ମନ୍ଦାର, କରବୀର ଆଦି ବୃକ୍ଷ ସହିତ ଅଜସ୍ର ଔଷଧୀୟ ଗୁଳ୍ମଲତାରେ ପରିପୂର୍ଣ୍ଣ ହୋଇ ରହିଥିଲା । ଅନେକ ସୁକଣ୍ଠି ପକ୍ଷୀଙ୍କର କଳରବରେ ଏହା ସର୍ବଦା ମୁଖରିତ ହେଉଥିଲା । ବିଭିନ୍ନ ପ୍ରକାରର ପଶୁ, ସରୀସୃପ, ନାଗ ଏବଂ ଅପ୍‌ସରା ଓ ଗନ୍ଧର୍ବମାନେ ଏହି ମନୋହର ପର୍ବତର ସୁଷମା ଉପଭୋଗ କରିବା ସହିତ ନାନା ପ୍ରକାର କ୍ରୀଡ଼ା କୌତୁକରେ ସର୍ବଦା ମାତି ରହୁଥିଲେ ।

ଏକଦା ଅସୁରମାନଙ୍କ ସହିତ ସଂଗ୍ରାମ କରି କରି ଦେବତାମାନେ ଯେତେବେଳେ ଦୁର୍ବଳ ହୋଇପଡ଼ିଲେ, ଭଗବାନ ବିଷ୍ଣୁଙ୍କ ନିର୍ଦ୍ଦେଶରେ ସେମାନେ ରାକ୍ଷସମାନଙ୍କ ସହଯୋଗରେ କ୍ଷୀର ସମୁଦ୍ର ମନ୍ଥନ କରି ଅମୃତ ପ୍ରାପ୍ତି ନିମିତ୍ତ ନିଷ୍ପତ୍ତି କଲେ । ଏହି ମନ୍ଥନ ନିମିତ୍ତ ଏକ ମନ୍ଥନୀ (ଖୁଆଦଣ୍ଡ) ଓ ରଜ୍ଜୁର ଆବଶ୍ୟକତା ପଡ଼ିବାରୁ, ଖୁଆଦଣ୍ଡ ନିମିତ୍ତ ମନ୍ଦର ପର୍ବତ ସର୍ବୋତ୍କୃଷ୍ଟ ଜାଣି, ଇନ୍ଦ୍ରଙ୍କ ସହିତ ଦେବତାମାନେ ଆସି ମନ୍ଦର ପର୍ବତକୁ ଅନୁରୋଧ କଲେ । କିନ୍ତୁ ପୂର୍ବରୁ ଇନ୍ଦ୍ର ତାଙ୍କର ପକ୍ଷଛେଦନ କରିଥିବାରୁ, ମନ୍ଦର କ୍ଷୀର ସମୁଦ୍ର ପର୍ଯ୍ୟନ୍ତ ଯିବାକୁ ନିଜର ଅକ୍ଷମତା ପ୍ରକାଶ କଲେ । ଦେବତାମାନେ ପ୍ରଥମେ ଏହାକୁ ଉତ୍ପାଟନ କରି ନେବାର ପ୍ରଚେଷ୍ଟା କଲେ । କିନ୍ତୁ ଏହା ସମ୍ଭବ ହେଲା ନାହିଁ । ମହାବଳୀ ଦୈତ୍ୟମାନେ ମଧ୍ୟ ଚେଷ୍ଟା କରି ବିଫଳ ହେଲେ । ଶେଷରେ ଦେବ ଓ ଦାନବ ଏକତ୍ର ହୋଇ ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ବିଷ୍ଣୁଙ୍କ ନିର୍ଦ୍ଦେଶରେ ଗରୁଡ଼ ଏହାକୁ ନିଜର ପୃଷ୍ଠଦେଶରେ ବହନ କରି ନେଇ କ୍ଷୀର ସମୁଦ୍ର ମଝିରେ ରଖିଦେଲେ । ବାସୁକୀ ନାଗ ମନ୍ଥନୀ ରଜ୍ଜୁ ହୋଇ ଏହାକୁ ବେଷ୍ଟନ କଲେ । ତଥାପି ଏହା ସ୍ଥିର ନହେବାରୁ ସ୍ୱୟଂ ଶ୍ରୀବିଷ୍ଣୁ କୂର୍ମାବତାର ଧାରଣ କରି ମନ୍ଦରକୁ ନିଜ ପୃଷ୍ଠଦେଶରେ ଧାରଣ କରିବାରୁ ମନ୍ଦର ସ୍ଥିର ହେଲା ଏବଂ ସମୁଦ୍ରମନ୍ଥନ କାର୍ଯ୍ୟ ସମାପନ ହେଲା । ଦେବତାମାନେ ଅମୃତ ପ୍ରାପ୍ତ ହେଲେ । ଅମୃତ ପାନ କରି ଦେବତାମାନେ ଅମର ହେଲେ । ସମୁଦ୍ର ମନ୍ଥନ ପରି ମହାନ କାର୍ଯ୍ୟରେ ଅଂଶଗ୍ରହଣ କରିଥିବାରୁ ମନ୍ଦର ଦେବତାମାନଙ୍କର ପୂଜ୍ୟ ହେଲା । ଏକଦା ମଧୁକୈଟଭଙ୍କ ଅତ୍ୟାଚାରରୁ ପୃଥିବୀକୁ ରକ୍ଷା କରିବା ନିମିତ୍ତ ଭଗବାନ ବିଷ୍ଣୁ ମନ୍ଦର ପର୍ବତରେ ଚାପି ସେମାନଙ୍କୁ ବଧ କରିଥିଲେ । କଥିତ ଅଛି, ମୃତ୍ୟୁ ପୂର୍ବରୁ ମଧୁକୈଟଭ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ- ପ୍ରତ୍ୟେକ ମକର ସଂକ୍ରାନ୍ତିରେ ମନ୍ଦର ପର୍ବତକୁ ଆସି ତାଙ୍କୁ ଦର୍ଶନ ଦେବେ । ଏହି କାରଣରୁ ପ୍ରତ୍ୟେକ ବର୍ଷ ମଧୁସୂଦନ ଭଗବାନ ବିଷ୍ଣୁଙ୍କ ପ୍ରତିମା ସେଠାର ବଂଶୀ ନାମକ ସ୍ଥାନରୁ ମନ୍ଦରକୁ ଯାତ୍ରା କରିଥାଏ; ଯେଉଁଥିରେ ଲକ୍ଷ ଲକ୍ଷ ଭକ୍ତ ସାମିଲ ହୋଇଥାଆନ୍ତି । ସଂପ୍ରତି ମନ୍ଦର ପର୍ବତ ବିହାର ଅନ୍ତର୍ଗତ ଭାଗଲପୁରର ଅନତି ଦୂରରେ ଅବସ୍ଥିତ । ଏହି ପର୍ବତ କଳାମୁଗୁନି ପଥରର ଏବଂ ଏହାର ଚଟାଣ ଉପରେ ବାସୁକୀ ନାଗର ବନ୍ଧନ ଡୋରିର ଚିହ୍ନ ଦେଖାଯାଏ । ଏହାର ଉପରି ଭାଗରେ ଦୁଇଟି ମନ୍ଦିର ଏବଂ ନିମ୍ନରେ ପାପହାରିଣୀ କୁଣ୍ଡ ରହିଛି । ଏହା ଏକ ବିଶେଷ ତୀର୍ଥସ୍ଥଳର ମାନ୍ୟତା ଲାଭ କରିଛି ।

# ଜୀବନ ପ୍ରତି ବିପଦ ବ୍ଲଡ ସୁଗାରର ଏହି ସ୍ତର: ଜାଣନ୍ତୁ ନିଜକୁ ବଂଚାଇବାର ଉପାୟ

ଆଜିକାଲି ଡାଇବେଟିସ୍ ବା ମଧୁମେହ ରୋଗକୁ ସାଧାରଣ ରୋଗ ଭାବରେ ବିବେଚନା କରାଯାଏ । ବୟସ୍କ ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେବେ ଶରୀରରେ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା କମ ବେଶି କାରଣରୁ ଜଣେ ବ୍ୟକ୍ତି ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହୋଇଥାଏ । ଯାହାଫଳରେ ଏହାକୁ ନିୟନ୍ତ୍ରଣରେ ରଖିବା ରୋଗୀ ପାଇଁ ନିତ୍ୟାନ୍ତ ଜରୁରୀ ହୋଇଥାଏ । ନେଚେତ୍ ଏହି ବ୍ଲଡ ସୁଗାରର ସ୍ତର କମ୍ ବେଶି କାରଣରୁ ରୋଗୀର ଜୀବନ ମଧ୍ୟ ଯାଇପାରେ । ତେବେ ଆମେ ଆଜି ଆପଣଙ୍କୁ କହିବୁ ଶରୀରରେ ବ୍ଲଡ ସୁଗାରର କେଉଁ ସ୍ତର ଆପଣଙ୍କ ଜୀବନ ପ୍ରତି ବିପଦ ଆଣିପାରେ ।



ଯାହାଫଳରେ ଜଣେ ରୋଗୀର ମୃତ୍ୟୁ ମଧ୍ୟ ହେବାରେ ସମ୍ଭାବନା ଥାଏ ।

ବ୍ଲଡସୁଗାର ଏହି ସ୍ତର ଜୀବନ ପ୍ରତି ଆଣିପାରେ ବିପଦ: ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଶରୀରରେ ବାରମ୍ବାର ବ୍ଲଡସୁଗାରର ସ୍ତର ପରିବର୍ତ୍ତନ ଜଣେ ମଧୁମେହ ରୋଗିର ଜୀବନ ପ୍ରତି ବିପଦ ସୃଷ୍ଟି କରେ । ତେବେ ଶରୀରରେ ଯଦି ବ୍ଲଡସୁଗାରର ସ୍ତର ୧୨୫ mg/ DL ଠାରୁ ଅଧିକ ରୁହେ ତେବେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ଫଳରେ ଜଣେ ରୋଗୀର ଜୀବନ ଯିବାର ମଧ୍ୟ ଭୟ ଥାଏ । କାରଣ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା ବଢିବା ଦ୍ୱାରା ଏହା ଶରୀରରେ ଇନସୁଲିନ୍‌କୁ କମାଇ ଦିଏ । ଫଳରେ ଚିନ୍ତା ବଢିବା ସହ, ହରମୋନାଲ ଚେଞ୍ଜ ଏବଂ ନିଦରେ ଅଭାବ ହୋଇଥାଏ । ଯାହାକି ଜଣେ ଡାଇବେଟିସ ରୋଗୀ ପାଇଁ ବିପଜ୍ଜନକ ହୋଇଥାଏ ।

ସେହିପରି ଯଦି ରକ୍ତରେ ଗ୍ଲୁକୋଜର ସ୍ତର କମିଯାଏ ଏହା ମଧ୍ୟ ଜଣେ ରୋଗୀପାଇଁ କ୍ଷତିକାରକ ହୋଇଥାଏ । ଫଳରେ ରୋଗୀଠାରେ ଚିଡିଚିଡାପଣ, କହିବାରେ ଅସୁବିଧା, ମୁଣ୍ଡ ବୁଲାଇଦେବା ପରି ଲକ୍ଷଣ ଦେଖା ଦେଇଥାଏ । ଯାହାକି ଜଣେ ରୋଗୀଙ୍କୁ ବିପଦରେ ପକାଇଥାଏ । ତେଣୁ ଶରୀରେର ବ୍ଲଡ ସୁଗାରର ସ୍ତର ୪୦ mg/ DLରୁ କମ୍ ରହିବା ଅନୁଚିତ୍ ।

**କିପରି ବର୍ତ୍ତିବେ:**

୧-ଶରୀରରେ ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଜର ଡେଲି ରୁଟିନ୍ ଏବଂ ଖାଦ୍ୟ ପେୟ ଉପରେ ଧ୍ୟାନ ଦିଅନ୍ତୁ । ଏପରି ଖାଦ୍ୟ ସେବନ କରନ୍ତୁ ଯେଉଁଥିରେ କାର୍ବୋହାଇଡ୍ରେଡର ସ୍ତର କେତେ ମାତ୍ରାରେ ରହିଛି ତାହା ଆପଣଙ୍କୁ ଜଣାଥିବ ।

୨- ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସେବନ କରନ୍ତୁ ।

୩- ଯଥେଷ୍ଟ ପରିମାଣର ଶୁଅନ୍ତୁ । କାରଣ ଶୋଇବା ଦ୍ୱାରା ଶରୀର ସୁସ୍ଥ ରୁହେ ଏବଂ ରକ୍ତରେ ଇନସୁଲିନ୍ ସ୍ତର ମଧ୍ୟ ନିୟନ୍ତ୍ରଣରେ ରୁହେ ।

# ଓଜନ କମାଇବାକୁ ଚାହୁଁଛନ୍ତି କି ? : ସପ୍ତାହରେ ଗୋଟେ ଇଞ୍ଜେକ୍ସନ୍ ନେଲେ କମିବ ୧୫ କେଜିରୁ ଅଧିକ ଓଜନ

ଆଧୁନିକ ଜୀବନଶୈଳୀ ଏବଂ ଖରାପ ଖାଦ୍ୟ ଯୋଗୁଁ ଆଜିର ସମୟରେ ମେଦବହୁଳତା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଶିଶୁଠୁ ନେଇ ବୃଦ୍ଧ ଯାଏ ସମସ୍ତ ବର୍ଗର ଲୋକ ମେଦବହୁଳତା ସହ ସଂଘର୍ଷ କରୁଛନ୍ତି । ଆପଣ ଯେଉଁ ଆଡେ ବି ଦେଖନ୍ତୁ, ସୋସିଆଲ ମିଡିଆ, ୟୁଟ୍ୟୁବ୍, ଟିଭି, ନ୍ୟୁଜ୍ ପେପର, ସବୁଥିରେ ଓଜନ ହ୍ରାସ କରିବାକୁ ବିଭିନ୍ନ ପ୍ରକାରର ଟିପ୍ସ ଦେଖିବାକୁ ମିଳୁଛି । ଜିମ୍, ବ୍ୟାୟାମ, ଯୋଗ, ଡାଏଟ୍, ଫିଟନେସ୍ ବିଷୟରେ ସୋସିଆଲ୍ ମିଡିଆରେ ଅନେକ କଥା ସେୟାର୍ କରାଯାଉଛି । ତେବେ ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯିବେ ଏପରି ଏକ ଇଞ୍ଜେକସନ୍ ଅଛି ଯାହାକୁ ସପ୍ତାହରେ କେବଳ ଗୋଟିଏ ଥର ନେଲେ ଏକାଥରକେ ୧୫ କିଲୋଗ୍ରାମ ଓଜନ ହ୍ରାସ କରିପାରିବେ । ଏହା ବିଶ୍ୱାସ କରିବା କଷ୍ଟକର କିନ୍ତୁ ଏହା ସତ । ନିକଟରେ ଫାର୍ମାସ୍ୟୁଟିକାଲ୍ ଦିଗ୍ଗଜ ଏଲି ଲିଲି ଏଭଳି ଏକ ପ୍ରସଙ୍ଗକୁ ସାମ୍ନାକୁ ଆଣିଛନ୍ତି ଯେ ଯଦି ଏହି ଇଞ୍ଜେକସନ୍ ବଜାରକୁ ଆସେ ତେବେ ଏହା ଓଜନ ହ୍ରାସ କରିବା ପାଇଁ ରାମବାଣ ସଦୃଶ ହେବ ।



ବାସ୍ତବରେ ଏଲି ଲିଲି କହିଛନ୍ତି, 'ଆମେ ନିକଟରେ ଓଜନ ହ୍ରାସ ଔଷଧର ଏକ କ୍ଲିନିକାଲ୍ ପରୀକ୍ଷା କରିଛୁ, ଯାହାର ଫଳାଫଳ ବହୁତ ଭଲ ହୋଇଛି । ଏହି ଔଷଧର ନାମ ହେଉଛି ତିରଜେପାଟାଇଡ୍ । ତିରଜେପାଟାଇଡ୍ ଔଷଧର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ଔଷଧର 'ମୋଞ୍ଜାରୋ ବ୍ରାଣ୍ଡ' ନାମକ ଟାଇପ୍-୨ ମଧୁମେହର ଚିକିତ୍ସା ପାଇଁ ବ୍ୟବହୃତ ହୁଏ ।

ବାସ୍ତବରେ, ଟାଇପ୍-୨ ମଧୁମେହ ରୋଗୀମାନେ ଏହି ଔଷଧକୁ ସପ୍ତାହରେ ଥରେ ଇଞ୍ଜେକ୍ସନ ଆକାରରେ ଗ୍ରହଣ କରନ୍ତି । ଏଲି ଲିଲିଙ୍କ ଦାବି ଅନୁଯାୟୀ ଏହି ଔଷଧ ଆମେରିକାର ବଜାରରେ ଓଜନ ହ୍ରାସ କ୍ଷେତ୍ରରେ ଆରମ୍ଭ କରାଯାଉ । ଯାହାଦ୍ୱାରା ଲୋକମାନେ ମେଦବହୁଳତା ଭଳି ରୋଗରୁ ମୁକ୍ତି ପାଇପାରିବେ । କାରଣ ଆଜିକାଲି ମେଦବହୁଳତା ହେଉଛି ସମସ୍ତ ରୋଗର ମୂଳ କାରଣ । ଏଲି ଲିଲିଙ୍କ କହିବାନୁସାରେ, ତିର୍ଜେପାଟାଇଡ୍କୁ ନେଇ ଡାକ୍ତରୀ ପରୀକ୍ଷା କରାଯାଇଥିଲା । ଯେଉଁମାନଙ୍କଠାରେ ଏହି ପରୀକ୍ଷା କରାଯାଇଥିଲା ସେମାନଙ୍କ ଓଜନ ସପ୍ତାହରେ ୧୫ କିଲୋଗ୍ରାମରୁ ଅଧିକ ହ୍ରାସ ପାଇଛି । ଏହି ଔଷଧର ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରୋଗୀଙ୍କଠାରେ ଦେଖିବାକୁ ମିଳିଥିଲା । ଯେପରିକି ଗ୍ୟାସ୍ ?, ବାନ୍ତି, ପେଟ ସମସ୍ୟା । କିନ୍ତୁ ଫଳାଫଳ ବହୁତ ଭଲ ଥିଲା ବୋଲି ସେ କହିଛନ୍ତି । ୨୦୨୩ ଶେଷ ସୁଦ୍ଧା ଏହି ଔଷଧ ବଜାରରେ ଉପଲବ୍ଧ ହୋଇପାରେ ।

# ପ୍ରବଳ ଖରା ହେତୁ ମୁଖ ମଳିନ ଦିଶୁଛି କି ?: ଆପଣାନ୍ତୁ ଏହି ଉପାୟ

ଗ୍ରୀଷ୍ମ ହେତୁ ମୁହଁରେ ବ୍ରଣ ହେବା, କଳାଦାଗ ପଡ଼ିବା ଆଦି ବିଭିନ୍ନ ସମସ୍ୟା ଉପୁଜିବା ଆରମ୍ଭ ହୋଇଗଲାଣି । ମୁହଁରେ ବ୍ରଣ କିମ୍ବା କଳା ଦାଗ ହୋଇଗଲେ ପୂରା ମନଟା ଏକଦମ୍ ଖରାପ ହୋଇଯାଏ । କେଉଁ ବି କାର୍ଯ୍ୟରେ ମନ ଲାଗେ ନାହିଁ । ଦାଗ କିପରି କମ୍ କରାଯାଇ ପାରିବ ସେହି ସବୁ ଭାବନା ମନକୁ ଆସେ । ଆପଣଙ୍କ ମୁହଁରେ ବି ଯଦି କଳାଦାଗ ଅଛି ତେବେ ତାହା ଏକ ଚିନ୍ତା କରିବା ପରି ବିଷୟବସ୍ତୁ ଆଦୌ ବି ନୁହେଁ । ଆପଣ କେତୋଟି ଘରୋଇ ଉପାୟ ଦ୍ୱାରା ତାହାକୁ ଦୂରେଇ ଦେଇ ପାରିବେ । ଚାଲନ୍ତୁ ଜାଣିବା ସେସବୁ କ'ଣ । ରାତିରେ ଶୋଇବା ପୂର୍ବରୁ କାକୁଡ଼ିକୁ ଗୋଲ ଗୋଲ କରି କାଟି କଳାଦାଗ ଅଂଶରେ ଲଗାଇ ଶୋଇ ପଡନ୍ତୁ । ସକାଳକୁ ଉଠି ତାହାକୁ କାଢ଼ନ୍ତୁ । ଏପରି କରିବାର ଦ୍ୱିତୀୟ ଦିନରେ ହିଁ ଆପଣ ପ୍ରଭାବ ଜାଣିପାରିବେ । ବ୍ରଣ ହେଉ କିମ୍ବା ହାଡ଼ଫୁଡ଼ି । ଯେକୌଣସି ବି କାରଣରୁ କଳା ଦାଗ ହୋଇଥିଲେ ଆପଣ ମୁହଁରେ ପଇଡ଼ ପାଣି ଲଗାଇ ତାହାକୁ ଦୂର କରିପାରିବେ । ପଇଡ଼ ପାଣିରୁ ଟିକିଏ ନିଅନ୍ତୁ । କିଛି ତୁଳା ସାହାଯ୍ୟରେ ସେଇ ପଇଡ଼ ପାଣିକୁ ମୁହଁ ଯାକ ଲଗାନ୍ତୁ । ଏହାକୁ ଲଗାଇବାର ୭ ଦିନ ଭିତରେ ଦାଗ କମିଯାଇ ଥାଏ । ଗୋଲାପ ଜଳ ଓ ମହୁ ଦାଗ କମାଇବା ପାଇଁ ଖୁବ୍ ଭଲ । ମୁହଁ ଧୋଇବା ପରେ ଆପଣ ଯଦି ଗୋଲାପ ଜଳ, ମହୁ ମାଲିସ୍ କରି ରାତିରେ ଶୋଉଛନ୍ତି ତେବେ ଖୁବ୍ ଭଲ । ଯଦି ଅଠାଳିଆ ଲାଗିବାରୁ ଟିକେ ବିରକ୍ତ ଲାଗୁଛି ତେବେ ଆପଣ ୧ ଘଣ୍ଟା ପରେ ଏହାକୁ ଧୋଇ ଦେଇପାରିବେ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୧ ଏପ୍ରିଲ ୨୦୨୫, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## କେନ୍ଦ୍ର-ରାଜ୍ୟ ସମ୍ପର୍କ..

ସମ୍ପ୍ରତି ସମୟରେ ଦେଶରେ ବେଶ୍ କେତେକ ରାଜ୍ୟ, ବିଶେଷକରି କେନ୍ଦ୍ରରେ କ୍ଷମତାସୀନ ମେଣ୍ଟର ବିରୋଧୀମାନଙ୍କ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକ ଅନୁଭବ କରିଆସିଛି ଯେ କେନ୍ଦ୍ର ସରକାର ସେମାନଙ୍କ ପ୍ରତି ପକ୍ଷପାତିତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଛନ୍ତି ଏବଂ ତାଙ୍କର କାର୍ଯ୍ୟ ଗୁଡ଼ିକ ସମ୍ବିଧାନର ସଂଘୀୟ ବିଧି ବ୍ୟବସ୍ଥା ବିରୋଧୀ ହେଉଛି । ଏହି ରାଜ୍ୟମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିଛି ତାମିଲନାଡୁ ଏବଂ ଏହାକୁ ଶାସନ କରୁଥିବା ଡିଏମ୍‌କେ ସରକାର । ନିକଟରେ ଏହି ସରକାର ସୁପ୍ରିମ୍‌କୋର୍ଟର ଜଣେ ପୂର୍ବତନ ବିଚାରପତିଙ୍କ ନେତୃତ୍ୱରେ ଏକ ତିନିଜଣିଆ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛି, ଯେଉଁ କମିଟି କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ ସମ୍ପର୍କରେ ତିକ୍ତତା ସୃଷ୍ଟି କରୁଥିବା କେତେକ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରି ତା'ର ରିପୋର୍ଟ ପ୍ରଦାନ କରିବ । ଭାରତର ସମ୍ବିଧାନ ସେମାନଙ୍କୁ ପ୍ରଦାନ କରିଥିବା ନ୍ୟାୟସଙ୍ଗତ ଅଧିକାରଗୁଡ଼ିକରୁ ରାଜ୍ୟମାନେ ନିରନ୍ତର ଭାବରେ ବଞ୍ଚିତ ହେଉଥିବା ତଥା କେନ୍ଦ୍ର-ରାଜ୍ୟ ସମ୍ପର୍କରେ ଉନ୍ନତି ଆଣିବା ଆବଶ୍ୟକତା ଉପରେ ତାମିଲନାଡୁ ସରକାର ଏବଂ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ବେଶ୍ ପ୍ରଗଲ୍‌ଭ ହୋଇ ଆସିଛନ୍ତି । ତେଣୁ ସାମ୍ବିଧାନିକ ବିଧି ବ୍ୟବସ୍ଥା, ପ୍ରଚଳିତ ଆଇନ କାନୁନ, ଆଦେଶ ସମୂହ, ନୀତି ନିୟମ ଏବଂ ବ୍ୟବସ୍ଥାଗୁଡ଼ିକ, ଯେଉଁଗୁଡ଼ିକର ଏହି ସମ୍ପର୍କ ଉପରେ ପ୍ରଭାବମାନ ରହିଆସିଛି, ସେସବୁକୁ ତନ୍ନ ତନ୍ନ କରି ପରୀକ୍ଷା କରି ଦେଖିବା ସହିତ ସେଗୁଡ଼ିକର ପୁନଃମୂଲ୍ୟାୟନ କରିବା ନିମନ୍ତେ କମିଟିକୁ କହି ସରକାର ନିଜର ମନୋଭାବକୁ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ତାର୍କିକ ପଦକ୍ଷେପ ନେଇଛନ୍ତି । ଏହି କମିଟିର ଏକ ପ୍ରମୁଖ କର୍ତ୍ତବ୍ୟ ହେବ ସମୟକ୍ରମେ ସମ୍ବିଧାନର ସପ୍ତମ ଅନୁସୂଚୀରୁ ରାଜ୍ୟ ତାଲିକାରୁ ଯେଉଁସବୁ ବିଷୟବସ୍ତୁଗୁଡ଼ିକ ନିଆଯାଇଛି, ସେସବୁର ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପଗୁଡ଼ିକ ସୁପାରିସ କରିବା । ଭାରତୀୟ ସାଧାରଣତନ୍ତ୍ରର ବୈଶିଷ୍ଟ୍ୟକୁ ଦେଶକୁ ପରିଚାଳିତ କରୁଥିବା ସମ୍ବିଧାନର ପ୍ରଥମ ଅନୁଚ୍ଛେଦରେ ହିଁ ଅତ୍ୟନ୍ତ ସ୍ପଷ୍ଟ ଶବ୍ଦରେ ପ୍ରକାଶ କରାଯାଇଛି, ଯାହା ଘୋଷଣା କରୁଛି ଯେ 'ଇଣ୍ଡିଆ, ଯାହା ଭାରତକୁ ବୁଝାଇ ଥାଏ, ତାହା ରାଜ୍ୟମାନଙ୍କର ଏକ ସଂଘ' । ଅତଏ ଯେଉଁ ସରକାର ବା ରାଜନୀତିକ ଦଳ ଅଥବା ରାଜନୀତିକ ସଂଗଠନ ଏହି ବାକ୍ୟକୁ ଭଲ ଭାବରେ ବୁଝି ପାରିଛନ୍ତି ଏବଂ ଅନୁଚ୍ଛେଦ ୧ର ଉପରୋକ୍ତ ବାର୍ତ୍ତାକୁ ମାନି ନେଇଛନ୍ତି, ତାଙ୍କର କେବେହେଲେ ଏହି ଜାତିର ମୌଳିକ ନୀତିଗୁଡ଼ିକ ଉପରେ ସନ୍ଦେହ କରିବାର ଆବଶ୍ୟକତା ନାହିଁ । ସେମାନେ ମଧ୍ୟ ଏମିତି ସବୁ ନୀତି ନିୟମ ଲିପିବଦ୍ଧ କରି ଯାଇଛନ୍ତି, ଯେଉଁଗୁଡ଼ିକର ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ନିମନ୍ତେ କେନ୍ଦ୍ର ଓ ରାଜ୍ୟମାନଙ୍କୁ ବିଶେଷ କ୍ଷମତାମାନ ପ୍ରଦାନ କରିଥାଏ । ଏହି ସାଧାରଣତନ୍ତ୍ର ପ୍ରତିଷ୍ଠା ହେବାର ପ୍ରାରମ୍ଭିକ ବର୍ଷଗୁଡ଼ିକ ଯେତେବେଳେ ସେହି ସବୁ ମହାନ ବିଶିଷ୍ଟ ଶକ୍ତିଶାଳୀ କରିବା ପାଇଁ ତଥା ଯେଉଁମାନେ ଶାସନ ଚକ୍ରର ଗୋଟିଏ ଗୋଟିଏ ଅର ଭାବରେ କାମ କରୁଥିଲେ ସେମାନଙ୍କ ଦ୍ୱାରା ସୁସ୍ଥ କାର୍ଯ୍ୟଧାରା ପ୍ରସ୍ତୁତ କରିବା ଭଳି ଏକ ପ୍ରତିବଦ୍ଧତାକୁ ପରିଲକ୍ଷିତ କରିଥିଲା, ପରବର୍ତ୍ତୀ ସମୟରେ ଏହାରି ମଧ୍ୟରେ ସେହି ଶକ୍ତି କୁଆଡ଼େ ହଜିଗଲା ଯଦ୍ଦ୍ୱାରା କେନ୍ଦ୍ର ସରକାର ସର୍ବସ୍ୱ ମାଲିକ ଭଳି କାମ କରିବାକୁ ଲାଗିଲେ ଏବଂ ରାଜ୍ୟମାନେ ତାଙ୍କ ହାତର କାଠ ପୁତ୍ତଳିକା ଭୂମିକାରେ ଅବତୀର୍ଣ୍ଣ ହେବା ଧରି ନିଆଗଲା । ପରିଣତି ସ୍ୱରୂପ, ରାଜ୍ୟ ତାଲିକାର କଳେବର କ୍ଷୀଣ ହେବାକୁ ଆରମ୍ଭ କଲା ଏବଂ କେନ୍ଦ୍ର ଓ ଯୁଗ୍ମ ତାଲିକାଗୁଡ଼ିକର କଳେବରରେ ବିସ୍ତାର ଘଟିଲା, ନିର୍ବାଚିତ ସରକାରମାନଙ୍କୁ ବରଖାସ୍ତ କରିବା ପାଇଁ ସମ୍ବିଧାନର ଅନୁଚ୍ଛେଦ ୩୫୬କୁ ଅବିଚାରିତ ଭାବରେ ପ୍ରୟୋଗ କରାଗଲା ଏବଂ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯିବା ଭଳି ଦୃଷ୍ଟାନ୍ତମାନ ସମ୍ମୁଖକୁ ଆସିଲା ଯେତେବେଳେ କି ଏହି ରାଷ୍ଟ୍ରର ଇତିହାସ ଏମିତି ଏକ ଦିଗ ଅଭିମୁଖେ ଆଗେଇ ଚାଲିଲା, ଯାହା ସମ୍ବିଧାନ ନିର୍ମାତାମାନେ କେବେହେଲେ ଚାହିଁ ନଥିଲେ । ବର୍ତ୍ତମାନର କେନ୍ଦ୍ର ସରକାର ନିଜର ରାଜନୀତିକ କାର୍ଯ୍ୟସୂଚୀକୁ ଆଗେଇ ନେବା ନିମନ୍ତେ ଅନିଚ୍ଛୁକ ରାଜ୍ୟମାନଙ୍କ ଉପରେ ଠେଲିପେଲି ଭାର ଲଦିଦେବାର କଳାରେ ଓସ୍ତାଦ, ଯେଉଁଥିପାଇଁ ଏହା ଦେଶର ବଟ୍ଟାରେ ଥିବା ଗୁଆକାଟିକୁ ତା'ର ଫିତା ଖୋଲି ଲଗାଇବାକୁ ପଶ୍ଚାତ୍ପଦ ହୁଅନ୍ତି ନାହିଁ । ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି କେନ୍ଦ୍ର-ପ୍ରାୟୋଜିତ ଯୋଜନାର ଅର୍ଥ ପାଇବା ନିମନ୍ତେ ଏଭଳି କ୍ଷେତ୍ରଗୁଡ଼ିକରେ କେନ୍ଦ୍ରୀୟ ସିଦ୍ଧାନ୍ତଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଅନେକ ସଂଖ୍ୟକ ରାଜ୍ୟ ଯେଉଁଭଳି ଭାବରେ ଚାପଗ୍ରସ୍ତ ହେଉଛନ୍ତି, ସେଥିରେ ଅରଣ୍ୟ ରୋଦନ କରିବା ବ୍ୟତୀତ ସେମାନଙ୍କର ଅନ୍ୟ ଗତି ନାହିଁ । ସମୟ ଉପଗତ ହୋଇଛି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ମିଳି ସିଦ୍ଧାନ୍ତଗୁଡ଼ିକ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ଉଚିତ ଯାହା ଉପରେ ସମ୍ବିଧାନ ଆଧାରିତ, ଏବଂ ସେମାନେ ଏହି ସାଧାରଣତନ୍ତ୍ରକୁ କିପରି ଆଗେଇ ନେବେ, ସେଥିପାଇଁ ଏକ ସୁସ୍ଥ ତର୍କରେ ବ୍ୟାପୃତ ରହିବା ଉଚିତ । ସମ୍ବିଧାନର ଢାଞ୍ଚା ଭିତରେ କେନ୍ଦ୍ର-ରାଜ୍ୟ ସମ୍ପର୍କର ଏକ ପୁନଃପରୀକ୍ଷଣ ଆବଶ୍ୟକ, ତା'ହେଲେ ତାହା କରାଯିବା ଉଚିତ । ରାଜ୍ୟମାନେ ଆର୍ଥିକ ଦୃଷ୍ଟିରୁ ଯେଉଁଭଳି ଭାବରେ ସଶକ୍ତ କରାଯାଇଛନ୍ତି, ତା'ର ଯଦି ଏକ ପୁନଃମୂଲ୍ୟାୟନ କରାଯିବା ଜରୁରୀ, ତେବେ ତାହା ମଧ୍ୟ କରାଯିବା ଉଚିତ । ଏଭଳି ସଂସ୍ଥାଗୁଡ଼ିକୁ ସମୀକ୍ଷାଗୁଡ଼ିକ ଦେଶକୁ ଶକ୍ତିଶାଳୀ କରିବ । ତେଣୁ ଭାରତୀୟ ଜନତନ୍ତ୍ରର ସମସ୍ତ ହିତାଧିକାରୀଙ୍କ ଏଭଳି ଅର୍ଥପୂର୍ଣ୍ଣ ସମ୍ପୃକ୍ତି ନିମନ୍ତେ ଶ୍ରୀଯୁକ୍ତ ଷ୍ଟାଲିନଙ୍କ ଦ୍ୱାରା ନିଯୁକ୍ତ କମିଟି ଆଦର୍ଶଗତ ଭାବରେ ଏକ ଗଣତାନ୍ତ୍ରିକ ମଞ୍ଚ ସୃଷ୍ଟି କରିବାର ଆବଶ୍ୟକତା ରହିଛି ।



# ପତିତପାବନ ନାମଟି ଯା'ର

**ପୁଷ୍ପମିତ୍ର ମହାପାତ୍ର**

'ପତିତପାବନ ବାନା ଆଉ କେତେ ବେଳକୁ, ଭାସିଗଲି ଭବଜଳେ ନାବ ଦିଅ କୂଳକୁ, ପ୍ରଭୁ ନାବ ଦିଅ କୂଳକୁ...' । ଭଜନ ସମ୍ରାଟ ଭିକାରୀ ବଳଙ୍କ ଏହି ହୃଦୟସ୍ପନ୍ଦିତ ଭକ୍ତି ସମର୍ପିତ ଭଜନ ମହାପ୍ରଭୁଙ୍କ ପତିତପାବନ ବାନାର ମହାତ୍ମ୍ୟ ସମ୍ପର୍କରେ ଉଲ୍ଲେଖ କରେ । ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରରେ ପହଞ୍ଚିବା ପରେ ଯେଉଁ ସ୍ୱର୍ଗୀୟ ତୃପ୍ତି ଅନୁଭବ ହୁଏ ତାର ଅୟମାରମ୍ଭ ହୋଇଥାଏ ପୁରୀଠାରୁ ୫ କିମି ପୂର୍ବରୁ ରହିଥିବା ମାଳତିପାଟପୁର ଗାଁଠାରୁ । ମାଳତିପାଟପୁର ଅତିକ୍ରମ କରିଯିବା ପରେ ବାରମ୍ବାର ଆଖି ପୂର୍ବ ଭାଗକୁ ଚାଲିଯାଉଥାଏ । ନଡ଼ିଆ, ତାଳ, ଝାଉଁ, ଆମ୍ବ ବିବିଧ ବୃକ୍ଷରାଜିଙ୍କର ସବୁଜ ଆଢୁଆଳରୁ ସତେ ଦିଶିଯିବ କି ସେଇ ଧ୍ୱଜାବର । ଯାହାର ଦର୍ଶନ ମାତ୍ରକେ ପାତକୀର ପାପ ଧ୍ୱଂସ ହୋଇଯାଏ । ସାଧାରଣ ହୃଦୟରେ ଭକ୍ତିର ପ୍ଲାବନ ଘଟିଥାଏ । ପାପ ପଙ୍କରେ ପଡ଼ି ଅଣନିଶ୍ୱାସୀ ହେଉଥିବା ଜୀବନକୁ ଆଶ୍ୱସ୍ତ କରୁଥିବା ପତିତପାବନ ବାନାର ଦର୍ଶନ ହୋଇଯିବ କି ? ଶ୍ରୀକ୍ଷେତ୍ରର ଆଧାର ଶ୍ରୀମନ୍ଦିର ଶ୍ରୀମନ୍ଦିରର ଆଧାର ନୀଳଚକ୍ର । ନୀଳଚକ୍ର ଉପରେ ଅବିରତ ଫର ଫର ହୋଇ ଉଡୁଥାଏ ପତିତପାବନ ବାନା । ଧ୍ୱଜା ବା ପତାକା କେବଳ ଭାରତୀୟ ମାନଙ୍କ ଦ୍ୱାରା କାହିଁକି ସମଗ୍ର ବିଶ୍ୱରେ ଧ୍ୱଜା, ପତାକା ଫ୍ଲାଗ ଏକ ପ୍ରତୀକ ଭାବରେ ବହୁ ପ୍ରାଚୀନ କାଳରୁ ଆଦୃତ ।

ଆମ ଇତିହାସରେ ରାଜାମାନେ ନିଜ ରାଜ୍ୟରେ ନିଜ ବଂଶର ଚିହ୍ନଯୁକ୍ତ ପତାକାକୁ ନିଜ ଅଧିକାରର ପ୍ରତୀକ ଭାବରେ ଗ୍ରହଣ କରୁଥିଲେ । ମହାଭାରତ ବର୍ଣ୍ଣିତ ଅର୍ଜୁନଙ୍କର ରଥରେ ଉଡୁଥିବା ପତାକାର ନାମ ଥିଲା କପିଧ୍ୱଜ । ସୂର୍ଯ୍ୟବଂଶୀ ରାଜାମାନେ ସୂର୍ଯ୍ୟଙ୍କର ଚିହ୍ନ ଥାଇ ଅର୍କଧ୍ୱଜ ପତାକାର ବ୍ୟବହାର କରୁଥିବାର ମଧ୍ୟ ବିବିଧ ବର୍ଣ୍ଣନା ଦେଖିବାକୁ ମିଳେ । ପରନ୍ତୁ ଶ୍ରୀମନ୍ଦିର ଚୂଡ଼ାରେ ଉଡୁଥିବା ପତାକା କେଉଁ ପ୍ରତୀକ ବହନ କରେ ଓ ଏହାର ନାମକରଣର ଯଥାର୍ଥତା କ'ଣ ହୋଇପାରେ ? ଓଡ଼ିଆ କାବ୍ୟ କବିତାରେ ଶ୍ରୀନୀଳଚକ୍ର ଉପରେ ଉଡୁଥିବା ପତାକାକୁ କବିମାନେ ବିବିଧ ନାମରେ ସମ୍ବୋଧନ କରିଛନ୍ତି । ଷୋଡ଼ଶ ଶତାବ୍ଦୀର ମାଧବୀ ଦାସୀ ଏହି ପତାକାକୁ ଅପାର ମହିମା କେତନ ଭାବରେ ବର୍ଣ୍ଣନା କରିବା ବେଳେ ଅଚ୍ୟୁତାନନ୍ଦ ଦାସଙ୍କ ଭାଷାରେ ଏ ନେତ ଆରତ ତାରଣ ବାନା । ଷୋଡ଼ଶ ସପ୍ତଦଶ ଶତାବ୍ଦୀର ଯବନ କବି ସାଲବେଗଙ୍କୁ ଏହି ବାନା ଅବଧୂତ ବାନା ଭାବରେ ପ୍ରତୀତ ହେବାବେଳେ ସପ୍ତଦଶ ଅଷ୍ଟାଦଶ ଶତାବ୍ଦୀର ରସକଲ୍ଲୋଳର କବି ଦୀନକୃଷ୍ଣ ଏହି ନେତଙ୍କୁ ଭକ୍ତବତ୍ସଳ ବାନା ନାମରେ ସମ୍ବୋଧନ କରିଛନ୍ତି । ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଅଷ୍ଟାଦଶ ଶତାବ୍ଦୀରେ ଆତଙ୍କ ନାଶନ ବାନା ନାମରେ ନୀଳଚକ୍ର ପତାକାଙ୍କୁ ସମ୍ବୋଧିତ କରିବା ବେଳେ କବି ଯଦୁମଣି ଏହାକୁ ପାପୀ ପାବନ ଫଡ଼କା ନାମରେ ବର୍ଣ୍ଣନା କରିଛନ୍ତି । ତେବେ ଉନ୍ନବିଂଶ ଶତାବ୍ଦୀର ଭକ୍ତକବି ଗୌର ଚରଣଙ୍କର ନୀଳଚକ୍ର ହେ ଦେଖ ଉଡୁଛି ବାନା ପତିତପାବନ ନାମଟି ଯାର ନାଁ ବର୍ଣ୍ଣନାର ଆଳରେ ପତିତପାବନ ବାନା ସମ୍ବୋଧନଟି ବହୁ ଜନପ୍ରିୟ ସମ୍ବୋଧନ । ସାରଳା ମହାଭାରତରେ ବଡ଼ ଦେଉଳେ ବସିଛ ହୋଇ ବଜ୍ରସେନା, ପତିତପାବନ ବୋଲି ଉଡ଼ାଉଛ ବାନା ପଦଟି ମଧ୍ୟ ଶ୍ରୀମନ୍ଦିର ଚୂଡ଼ାର ପତାକାକୁ ପତିତପାବନ ବାନା ନାମରେ ସମ୍ବୋଧିତ କରି ଏହାର ଗୁରୁତ୍ୱକୁ ବୃଦ୍ଧି କରିଛି । ସମ୍ବୋଧନର ସାମଗ୍ରିକ ତତ୍ତ୍ୱକୁ ଲକ୍ଷ୍ୟ କଲେ ଜାଣି ହେବ ଏ ଧ୍ୱଜା ଏକ କନା ପ୍ରସ୍ତୁତ ପତାକା ମାତ୍ର ନୁହେଁ । ଏହି ଧ୍ୱଜାରେ ଦେବତ୍ୱ ପ୍ରତିଷ୍ଠିତ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସକଳ ମହିମା ଏହି ଧ୍ୱଜା ବହନ କରି ନୀଳଚକ୍ର ଉପରେ ଉଡୁଛି ।

ହିନ୍ଦୁ ବିଶ୍ୱାସ କ୍ରମେ ବା ଅର୍ଥ ବାୟୁ ନା ଅର୍ଥ ନାବ ବାନା ଅର୍ଥାତ୍ ବାତ ବା ବାୟୁ ଆନ୍ଦୋଳିତ ନାବ । ସଂସାର ସାଗରରୁ ମନୁଷ୍ୟ ମୁକ୍ତିଲାଭ କରିବା ନିମନ୍ତେ ନାବଟିଏ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥାଏ । ମନ୍ଦିର ନିର୍ମାଣ ଶୈଳୀ ଅନୁସାରେ ମନ୍ଦିରର ଚୂଡ଼ାରେ ଦେବତାଙ୍କ ଆୟୁଧ ସ୍ଥାନିତ ହେବା ସ୍ୱାଭାବିକ । ଆୟୁଧ ନୀଳଚକ୍ରଙ୍କ ଶୀର୍ଷରେ ପତିତପାବନ ପତାକା ଶ୍ରୀମନ୍ଦିର ଚୂଡ଼ାରେ ଉଡିବା ଆହୁରି ଅଧିକ ତାତ୍ପର୍ଯ୍ୟକୁ ବହନ କରିଥାଏ । କାରଣ ଅନ୍ୟ କ୍ଷେତ୍ରଗୁଡ଼ିକୁ ମାଗୁଣି କ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଥିବାବେଳେ ଶ୍ରୀକ୍ଷେତ୍ରକୁ ମୁକ୍ତିକ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଅଛି । ଶ୍ରୀକ୍ଷେତ୍ର ବ୍ୟତିରେକ ଅନ୍ୟ କ୍ଷେତ୍ରରେ ଭକ୍ତ ବା ଆଶ୍ରିତ ଦେବତାଙ୍କୁ ଧର୍ମ, ଅର୍ଥ, କାମ ପାଇଁ ପ୍ରାର୍ଥନା କରିଥାଏ । ପରନ୍ତୁ ଶ୍ରୀକ୍ଷେତ୍ରରେ ମୁକ୍ତି ଭିକ୍ଷା କରାଯାଏ । ଏଥିପାଇଁ ବୋଧହୁଏ ଶ୍ରୀମନ୍ଦିର ଚୂଡ଼ାର ପତାକା ପତିତପାବନ ନାମକୁ ସାର୍ଥକ ଭାବରେ ବହନ କରୁଛି । ଶ୍ରୀକ୍ଷେତ୍ରର ଜଳରେ ସ୍ଥଳରେ ଆକାଶରେ ପ୍ରତ୍ୟେକ ସ୍ଥାନରେ ମୁକ୍ତି ବା ମୋକ୍ଷର ସମ୍ଭାବନା ରହିଛି । ଯାହା କି ଆମର ପୌରାଣିକ ବର୍ଣ୍ଣନାର ତଥ୍ୟ । ସଂସାରର ପତିତମାନଙ୍କ ପାଇଁ ମୁକ୍ତିର ବାତପୋତ ଭାବରେ ଶ୍ରୀକ୍ଷେତ୍ର ଆକାଶ ମଣ୍ଡଳକୁ ସେଥିପାଇଁ ବୋଧହୁଏ ପତିତପାବନ ବାନା ଜଗି ରହିଛି । ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରର ଶ୍ରେଷ୍ଠ ଆକର୍ଷଣ ଭାବରେ କୋଶ କୋଶ ଦୂରରୁ ଭକ୍ତମାନଙ୍କୁ ଆକର୍ଷିତ କରି କ୍ଷେତ୍ର ଆଡ଼କୁ ଟାଣି ଆଣୁଛି । ପତିତପାବନ ପତାକାର ନିର୍ମାଣ ଶୈଳୀ ସ୍ୱତନ୍ତ୍ର । ଏହି ପତାକାରେ ମାତ୍ର ତିନିଟି ରଙ୍ଗର କନା ବ୍ୟବହୃତ ହୋଇଥାଏ ଯଥା, ଧଳା, ନାଲି ଓ ହଳଦିଆ । ପତିତପାବନ ପତାକାର କେନ୍ଦ୍ରରେ ଏକ ଚନ୍ଦ୍ର ବିନ୍ଦୁ ଚିହ୍ନ ରହିଛି । ଅନେକ ଏହାକୁ ପ୍ରଣବ ସନ୍ତକ ଚନ୍ଦ୍ରବିନ୍ଦୁ ବା ବ୍ରହ୍ମବିନ୍ଦୁ ଭାବରେ ଗ୍ରହଣ କରୁଥିବା ବେଳେ ଅନେକ ମତ ଦିଅନ୍ତି, ଏହି ଚନ୍ଦ୍ରଟି ଚନ୍ଦ୍ରଙ୍କର ପ୍ରତୀକ ହୋଇଥିବା ବେଳେ ବିନ୍ଦୁଟି ସୂର୍ଯ୍ୟଙ୍କର ପ୍ରତୀକ । ଅନ୍ୟ କେତେକ ଗବେଷକ ମଧ୍ୟ ମତ ରଖନ୍ତି, ଯବନ ଓ ବର୍ବରମାନଙ୍କ ଆକ୍ରମଣ କାଳରୁ ମୂଳ ପତାକା ପରିବର୍ତ୍ତିତ ହୋଇ ଏହି ସନ୍ତକର ଅବସ୍ଥିତ । ଅର୍ଥାତ୍ ଏହି ଚିହ୍ନଟି ମୁସଲମାନ ଧର୍ମର ଚିହ୍ନ । ତେବେ ଲୋକବିଶ୍ୱାସ ଓ ଜନାଦୃତ ମଧ୍ୟରେ ଏହି ପ୍ରତୀକ ଚିହ୍ନ ଚନ୍ଦ୍ର ଓ ବ୍ରହ୍ମବିନ୍ଦୁ ଏବଂ ସୂର୍ଯ୍ୟଚନ୍ଦ୍ରଙ୍କର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ଶ୍ରୀଜଗନ୍ନାଥଙ୍କୁ ଅନେକ କ୍ଷେତ୍ରରେ ପତିତପାବନ ବୋଲି ସମ୍ବୋଧନ କରାଯାଏ । ଶ୍ରୀମନ୍ଦିର ଗୁମ୍ଫକୁଟରେ ଶ୍ରୀଜଗନ୍ନାଥଙ୍କର ଏକ ବିଗ୍ରହ ପତିତପାବନ ନାମ ବହନ କରି ଶ୍ରୀମନ୍ଦିରକୁ ପ୍ରବେଶ ନିମନ୍ତେ ବାରଣ ଥିବା ଆଶ୍ରିତମାନଙ୍କୁ ଦର୍ଶନ ହେଉଛନ୍ତି । ପରନ୍ତୁ ଅନେକ ତତ୍ତ୍ୱଦର୍ଶୀ ମତ ପ୍ରକାଶ କରନ୍ତି, ପତିତପାବନ ଭାବ ଶ୍ରୀଜଗନ୍ନାଥ ସଂସ୍କୃତି ପରି ପ୍ରାଚୀନ ନୁହେଁ । ନିକଟ ଅତୀତରେ ଏହି ଭାବର ନ୍ୟାସ ଘଟିଛି କାରଣ ପ୍ରାଚୀନ ଦେବତା ଶ୍ରୀଜଗନ୍ନାଥଙ୍କର ଆଶ୍ରିତ ନିଜକୁ ପତିତ ଭାବରେ ଜ୍ଞାନ କରନ୍ତି ନାହିଁ ପରନ୍ତୁ ପ୍ରଚ୍ଛନ୍ନ ସାକ୍ଷ୍ୟ ଭାବ ଏହି ସଂସ୍କୃତିରେ ଦେଖିବାକୁ ମିଳେ । ଦେବତାଙ୍କ ସହ ଏକାତ୍ମତା ଏହି ସଂସ୍କୃତିରେ ଦେଖିବାକୁ ମିଳେ । ବୈଦିକ ଆପ୍ତବାକ୍ୟ 'ଅହଂବ୍ରହ୍ମାସ୍ମି'ର ଅନୁଭବ ଏହି କ୍ଷେତ୍ରର ଆଶ୍ରିତମାନଙ୍କ ମଧ୍ୟରେ ଥାଏ । ଏଠାରେ ଗ୍ରହଣ କରାଯାଇପାରେ ଜାତିପତିତ ବା କର୍ମପତିତ ଭାବରେ ବିବେଚନା କରା ନଯାଇ ସଂସାର ପତିତ ଆତ୍ମା ବା ମନୁଷ୍ୟର ଉର୍ଦ୍ଧ୍ୱଗତି ନିମନ୍ତେ ପ୍ରଭୁଙ୍କୁ ପତିତପାବନ ନାମରେ ସମ୍ବୋଧନ କରାଯାଇଅଛି ।

ତେବେ ବାନାର ନାମ ପତିତପାବନ ଏବଂ ଏଥିରେ ବ୍ୟବହୃତ ଚନ୍ଦ୍ରବିନ୍ଦୁ ସଙ୍କେତଟି କାହିଁକି ? ପତାକାରେ ଚନ୍ଦ୍ରବିନ୍ଦୁ ଏ କ୍ଷେତ୍ରର ମୌଳିକ ତତ୍ତ୍ୱ । ବର୍ଷ ବର୍ଷର ସନାତନ ବିଶ୍ୱାସ ଏହି ଚନ୍ଦ୍ରବିନ୍ଦୁକୁ ପ୍ରଣବ / ଓଁକାରର ଅର୍ଦ୍ଧମାତ୍ରା ଭାବରେ ଗ୍ରହଣ କରିଆସିଛି । ଚନ୍ଦ୍ରବିନ୍ଦୁ ଯେ କେବଳ ପତାକାରେ ବ୍ୟବହୃତ ତା ନୁହେଁ ମହାପ୍ରଭୁଙ୍କ ଆଲଟ (ବିଞ୍ଚଣା)ର କେନ୍ଦ୍ର ଭାଗରେ ଏହି ଚନ୍ଦ୍ରବିନ୍ଦୁ ରହିଛି । ପୁଣି ମହାପ୍ରଭୁଙ୍କ ସୁନାବେଶ କାଳରେ ପ୍ରଭୁଙ୍କ ଚନ୍ଦ୍ର ସୂର୍ଯ୍ୟ ନାମକ ଦୁଇଟି ସ୍ୱର୍ଣ୍ଣାଳଙ୍କାର ଲାଗି ହୁଏ । ପୁରୁଷ ସୂକ୍ତର ବର୍ଣ୍ଣନା ଅନୁସାରେ, ମହାପୁରୁଷଙ୍କର ମନରୁ ଚନ୍ଦ୍ରମା ପ୍ରକାଶିତ ଚକ୍ଷୁରୁ ସୂର୍ଯ୍ୟ ସୃଷ୍ଟି ହୋଇଛନ୍ତି । ଜ୍ୟୋତିଷ ଶାସ୍ତ୍ରର ଗଣନା ବିଧି ଅନୁସାରେ ଚନ୍ଦ୍ରମାଣ ଓ ସୌରମାଣ ଦୁଇ ପ୍ରକାରର ଗଣନା ବିଧି ରହିଛି । ହୁଏତ ଏପରି ବି ହୋଇପାରେ କାଳ ଗଣନା ବିଧିର ଉର୍ଦ୍ଧ୍ୱରେ ଅନନ୍ତକାଳର ପ୍ରତୀକ ରୂପରେ ଶ୍ରୀଜଗନ୍ନାଥଙ୍କୁ ସ୍ଥାନିତ କରାଯାଇଛି । ଶ୍ରୀଜଗନ୍ନାଥ ଅନନ୍ତକାଳ ହେଲେ, ସୂର୍ଯ୍ୟ ଚନ୍ଦ୍ର କାଳର ପ୍ରତୀକ, ସେ ତାଙ୍କୁ ଧାରଣ କରିଛନ୍ତି । ଶ୍ରୀଜଗନ୍ନାଥଙ୍କର ଧ୍ୟାନ ମନ୍ତ୍ରରେ ତାଙ୍କୁ ପ୍ରଣବ ତନୁଧର ବୋଲି ବା ଓଁକାର ସ୍ୱରୂପ ବୋଲି ମଧ୍ୟ କୁହାଯାଉଛି । ଓଁକାର ହେଉଛି ବ୍ରହ୍ମଧ୍ୱନି । ଧ୍ୱନି, କମ୍ପନ ଓ ତରଙ୍ଗର ଏକ ମିଳିତ ସ୍ୱରୂପ । ଶ୍ରୀଜଗନ୍ନାଥଙ୍କର ଶ୍ରୀକ୍ଷେତ୍ର ବା ଶଙ୍ଖକ୍ଷେତ୍ର କେନ୍ଦ୍ର ଶ୍ରୀମନ୍ଦିର ଏବଂ ଶ୍ରୀମନ୍ଦିର ଚୂଡ଼ାରେ ଶ୍ରୀବତ୍ସ ଖଣ୍ଡଶାଳ, ଶ୍ରୀବିଷ୍ଣୁ ପ୍ରାସାଦର ପୂର୍ଣ୍ଣତାକୁ ସୂଚିତ କରି ଯେଉଁ ଚନ୍ଦ୍ରବିନ୍ଦୁ ଚିହ୍ନିତ ପତିତପାବନ ପତାକା ଉଡୁଛି, ତାହା ବୋଧହୁଏ କ୍ଷେତ୍ରର କେନ୍ଦ୍ରବିନ୍ଦୁରୁ ପ୍ରକାଶିତ ପ୍ରଣବର ଅର୍ଦ୍ଧମାତ୍ରା, ଚନ୍ଦ୍ରବିନ୍ଦୁକୁ ସୂଚିତ କରୁଅଛି । ଯଦି କ୍ଷେତ୍ରର କେନ୍ଦ୍ରରେ ପ୍ରଣବ ଓଁକାର ତେବେ କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର କାହିଁକି ?

ଶ୍ରୀଜଗନ୍ନାଥ ଚରିତାମୃତରେ ବର୍ଣ୍ଣନା କରାଯାଇଛି, ଓଁକାରୋକପି ଭବେତ୍ କ୍ଷେତ୍ରମ ଶେଷଃ ସିଂହାସନସ୍ଥଳୀ ବିନ୍ଦ୍ୱର୍ଧମାତ୍ରେ ଦ୍ୱେଚାତ୍ର ଶ୍ରୀଭୂଶକ୍ତି ଦ୍ୱୟଂ କ୍ରମାତ୍ । ଯାହାର ଅର୍ଥ ହେଉଛି ଓଁକାର କ୍ଷେତ୍ର ଭାବରେ ଆଦି ସିଂହାସନ ଏବଂ ସେଠାରେ ସୂଚିତ ବିନ୍ଦୁ ଓ ଅର୍ଦ୍ଧମାତ୍ରା ଶ୍ରୀଶକ୍ତି ଓ ଭୂଶକ୍ତିର ପ୍ରତୀକ । ଏଣୁ କ୍ଷେତ୍ର ଶ୍ରୀକ୍ଷେତ୍ର ହେଲେ ହେଁ ପତିତପାବନ ପତାକାରେ ସ୍ଥାନିତ ଚନ୍ଦ୍ରବିନ୍ଦୁ ସାମଗ୍ରୀକ ଶ୍ରୀ ଓ ଭୂ ଉଭୟ ଶକ୍ତିଙ୍କର ପ୍ରତୀକ ଭାବରେ ଅଧିଷ୍ଠିତ । ତ୍ରିଭୁଜାକୃତି ଏହି ପତାକାର ଲମ୍ବରେ ଆଗରୁ କିଛି ବାରଣ ନଥିଲା । ସଂପ୍ରତି ପବନରେ ବାନା ନୀଳଚକ୍ରକୁ ପ୍ରଭାବିତ କରିବାରୁ ଏହି ବାନାର ଲମ୍ବକୁ ନିର୍ଦ୍ଦିଷ୍ଟ ୧୪ ହାତ କରି ଦିଆଯାଇଛି । ଆଗରୁ ଅନେକଗୁଡ଼ିଏ ବାନା ଲାଗି ହେଉଥିବାବେଳେ ସଂପ୍ରତି କେବଳ ଗୋଟିଏ ବାନା ନୀଳଚକ୍ର ଉପରେ ଉଡୁଛି । ଅନ୍ୟ ବାନାଗୁଡ଼ିକୁ ନୀଳଚକ୍ରର ତଳ ଭାଗରେ ବାନ୍ଧି ଦିଆଯାଉଛି । ପୂର୍ବରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ମାନସିକ ଅନୁଯାୟୀ ବନ୍ଧା ଯାଉଥିବା ବାନା ମଧ୍ୟରେ ସର୍ବବୃହତ୍ ବାନାଟିର ନାମ ହେଉଛି ପାଦୁକା ଶୋଷା ବାନା ଯେଉଁ ବାନା ନୀଳଚକ୍ର ଚୂଡ଼ାରୁ ଲମ୍ବି ସୂର୍ଯ୍ୟ ମନ୍ଦିର ସମ୍ମୁଖସ୍ଥ ପାଦୁକ କୁଣ୍ଡ ଯାଏଁ ଝୁଲି ରହୁଥିଲା । ବଡ଼ ବଡ଼ ବାନା ମଧ୍ୟରେ ୧୦୮ ହାତ, ୧୨୦ ହାତ ପର୍ଯ୍ୟନ୍ତ ଲମ୍ବା ବାନାର ବ୍ୟବହାର ମଧ୍ୟ ହେଉଥିଲା । ସଂପ୍ରତି ନୀଳଚକ୍ରର ସୁରକ୍ଷା ନିମନ୍ତେ ଏହିସବୁ ବାନାର ବ୍ୟବହାରକୁ ନିଷିଦ୍ଧ କରାଯାଇଛି ।

ପ୍ରତିଦିନ ନୀଳଚକ୍ର ଚୂଡ଼ାରେ ବାନା ବନ୍ଧାଯାଏ । ବାନା ବାନ୍ଧିବା ପାଇଁ ନୀଳଚକ୍ର ସହ ଏକ ୪୦ ଫୁଟ ଉଚ୍ଚ ବାଉଁଶ ବନ୍ଧା ଯାଇଥାଏ । ୧୨ଫୁଟ୍ ନୀଳଚକ୍ର ସହ ରହି ବଳକା ଅଂଶଟି ୯୦ ଡିଗ୍ରୀ ସ୍ଥିତିରେ ଉପରକୁ ଉଠିଥାଏ । ପ୍ରତି ମାସରେ ଏହି ବାଉଁଶକୁ ପରିବର୍ତ୍ତନ କରାଯାଏ । ଏହାର ଶୀର୍ଷରେ ପତିତପାବନ ବାନାକୁ ବନ୍ଧାଯାଇଥାଏ । ବାନା ଭକ୍ତମାନଙ୍କ ଦ୍ୱାରା କିଣା ହୋଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦାଖଲ ହୋଇଥାଏ । ସେହି ବାନାକୁ ମନ୍ଦିର ପ୍ରଶାସନ ଦ୍ୱାରା ବନ୍ଧା ଯିବାର ବ୍ୟବସ୍ଥା କରାଯାଏ । ପ୍ରତିଦିନ ନୂଆ ବାନା ବନ୍ଧାଯିବା ସହ ପୁରୁଣା ବାନା ଗୁଡ଼ିକୁ ଓହ୍ଲାଇ ଦିଆଯାଇଥାଏ । ମନ୍ଦିର ଚୂଡ଼ାରେ ବାନା ବାନ୍ଧିବାର ଦୁଃସାହସିକ କାର୍ଯ୍ୟକୁ ବର୍ଷ ବର୍ଷ ଧରି କୌଳିକ ସେବା ଭାବରେ ଯେଉଁମାନେ ଶ୍ରୀମନ୍ଦିରରେ କରି ଆସୁଛନ୍ତି ସେମାନଙ୍କୁ ଚୂନରା ସେବକ କୁହାଯାଏ । ଏହି ସେବକମାନେ ନୀଳଚକ୍ର, ପତିତପାବନ, ଦଧିନଉତି ଓ ଗରୁଡ଼ସ୍ତମ୍ଭ ଅରୁଣସ୍ତମ୍ଭଙ୍କର ସେବା ନିମନ୍ତେ ଉତ୍ସର୍ଗୀକୃତ । ପ୍ରତିଦିନ ଦିନ ୪ଟାରୁ ୫ଟା ମଧ୍ୟରେ ସେମାନେ ନୂଆ ବାନାଗୁଡ଼ିକୁ ୨୧୪ ଫୁଟ ଉଚ୍ଚ ମନ୍ଦିର ଚୂଳକୁ ନେଇ ବାନ୍ଧିଥାନ୍ତି ଓ ପୁରୁଣା ବାନାଗୁଡ଼ିକୁ ଘେନି ଆସନ୍ତି । ଏହି ଦୃଶ୍ୟ ଦେଖିବା ପାଇଁ ଶ୍ରୀମନ୍ଦିର ଭିତର ବେଢ଼ାରେ ଶହ ଶହ ଭକ୍ତ ସତୃଷ୍ଣ ନୟନରେ ଚାହିଁ ରହିଥାନ୍ତି । ଶ୍ରୀମନ୍ଦିର ଚୂଡ଼ାରେ ପତାକା ନଥିଲେ ମନ୍ଦିରର ସବୁନୀତି ବନ୍ଦ ହୋଇଯାଏ । ଏଣୁ ସେବକମାନେ ଅତି ସତର୍କତାର ସହିତ ସବୁବେଳେ ଏହି ପତାକାକୁ ଲକ୍ଷ୍ୟ କରୁଥାନ୍ତି । ବାତ୍ୟା ପବନ ସମୟରେ ପତାକଟି ଉଡିଗଲେ ବା ଛିଡ଼ିଗଲେ ସ୍ୱତନ୍ତ୍ର ଭାବରେ ନୂତନ ପତାକା ବନ୍ଧା ଯାଇଥାଏ । ଶ୍ରୀମନ୍ଦିରର ପୁରୁଣା ପତାକା ଗୁଡ଼ିକ ଅନାବଶ୍ୟକୀୟ ହୋଇଯାଏ ନାହିଁ । ମହାପ୍ରସାଦ ଅନ୍ନର ଶୁଖିଲା କଣିକାକୁ ଭକ୍ତମାନେ ନିର୍ମାଲ୍ୟ ଭାବରେ ଗ୍ରହଣ କରିବା ପରି ଲୋକବିଶ୍ୱାସକୁ ନେଇ ଓଲାଗି ପତାକାଗୁଡ଼ିକ ଭକ୍ତମାନେ ହାତରେ ବେକରେ ବାନ୍ଧିଥାନ୍ତି । ସେମାନଙ୍କର ବିଶ୍ୱାସ ଏହାଦ୍ୱାରା ନିଜ ଉପରକୁ କୌଣସି ବିପତ୍ତି ଆସିବ ନାହିଁ । ଘରେ ପତିତପାବନ ପତାକାଟିଏ ଥିଲେ ଘରକୁ ଶତ୍ରୁ ଭୟ, ଚୋର ଭୟ, ପିଶାଚ ଭୟ ନଥାଏ ବୋଲି ଅନେକେ ଗ୍ରହଣ କରନ୍ତି ।

ଜ୍ୟୋତିଷଶାସ୍ତ୍ର ଅନୁସାରେ ରାହୁ ମହାଗ୍ରହ ପଡ଼ିଲେ ଲୋକମାନେ ରାହୁଙ୍କ କୋପଦୃଷ୍ଟିରୁ ରକ୍ଷା ପାଇବା ପାଇଁ ପତିତପାବନ ପତାକାଟିଏ ପାଖରେ ରଖିଥାନ୍ତି । ପ୍ରସବ ହେବାକୁ ଥିବା ମହିଳାଙ୍କୁ ପତିତପାବନ ପତାକା ଧୌତ ଜଳ ପିଆଇଲେ ପ୍ରସବ ସୁବିଧାରେ ହୋଇଯାଏ ବୋଲି ଏକ ଲୋକବିଶ୍ୱାସ ଓଡ଼ିଶାର ଘରେ ଘରେ ପ୍ରଚଳିତ । ନୀଳଚକ୍ରରୁ ପତିତପାବନ ପତାକା ସମୁଦ୍ରପଟକୁ ଅର୍ଥାତ ପୂର୍ବ ଦିଗକୁ ଝୁଲି ରହିବାର ପରମ୍ପରା ରହିଛି । ଶ୍ରୀମନ୍ଦିର ନୀତି ଅନୁସାରେ ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ନିଳାଦ୍ରୀ ମହୋଦୟ ଦିନ ଓଡ଼ିଆ ମଠରୁ ୧୬ ହାତ ଲମ୍ବର ଏକ ବାନା ଶ୍ରୀମନ୍ଦିରକୁ ମିଳିଥାଏ । ଶ୍ରୀମନ୍ଦିର ବେଢ଼ାରେ ଅନେକ ଛୋଟବଡ଼ ମନ୍ଦିର ରହିଛି କିନ୍ତୁ ବେଢ଼ାର କୌଣସି ମନ୍ଦିରରେ ବାନା ଲାଗେ ନାହିଁ । ପରନ୍ତୁ ଶ୍ରୀବତ୍ସ ଖଣ୍ଡଶାଳ ଶ୍ରୀଜୀଉଙ୍କର ଆଳୟ ଶ୍ରୀମନ୍ଦିର ଚୂଡ଼ାରେ ଫର ଫର ହୋଇ ଉଡୁଥିବା ବାତପୋତ ସଂସାର ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଯୁଗ ଯୁଗ ଧରି ପତିତପାବନ ନାମ ବହନ କରି ଉଡୁଅଛି ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,
ମୋ: ୯୪୩୭୨୨୫୬୮୯,




# ନିଶାକୁ ନା' 'ମନା'କୁ ହଁ

**ସୁବ୍ରତ କର**

ଅତି ଆନନ୍ଦର କଥା ୯ ବର୍ଷ ତଳେ ପ୍ରତିଷ୍ଠିତ ହୋଇଥିବା 'ମନା' ତା'ର ନବମ ପ୍ରତିଷ୍ଠା ଦିବସ ଆସନ୍ତାକାଲି ପାଳନ କରିବାକୁ ଯାଉଛି । ମିଳିତ ନିଶା ନିବାରଣ ଅଭିଯାନ କାର୍ଯ୍ୟକ୍ରମ ବାଲେଶ୍ୱରର କିଛି ବିଶିଷ୍ଟ ବ୍ୟକ୍ତି ବିଶେଷ ଗତ ୯ବର୍ଷ ତଳେ ନିଶାକୁ ସମାଜରୁ ଲୋପ କରିବା ପାଇଁ ଏବଂ ନିଶାଡ଼ି ମାନଙ୍କୁ ବିଶେଷ କରି ମଦରୁ ଦୂରେଇ ରଖିବା ପାଇଁ ଅହରହ ଲାଗିଛନ୍ତି । ଆସନ୍ତାକାଲି ମୋନାର ପ୍ରାୟ ୩୫୦ ଜଣ ସଭ୍ୟ ସଭ୍ୟା ଏକାଠି ହୋଇ (ବାର୍ଷିକ ସମ୍ମିଳନୀ) ବିଚାର ବିମର୍ଷ କରିବେ ମୋନା କେତେଦୂର ସଫଳ ହୋଇ ପାରିଲା ଏବଂ ଆଉ କଣ ସବୁ କରିଲେ ବିଶେଷ କରି ଆମ ଜିଲ୍ଲା ଏବଂ ରାଜ୍ୟ ମଧ ନିଶାମୁକ୍ତ ହୋଇପାରିବ । ମୋନା ଠାରେ କିଛି ସେମିତି କ୍ଷମତା ନାହିଁ ବା ପଇସା ମଧ ନାହିଁ । କ୍ଷମତା ରହିଛି ସରକାରଙ୍କ ଠାରେ । ୧୯୫୬ ମସିହା ଆଇନକୁ ଲାଗୁ କରି ପାରିଲେ ହୁଏତ ନିଶା ସେବନ କିଛି ପରିମାଣରେ କମି ଯାଆନ୍ତା ଏବଂ ରାଜ୍ୟ ନିଶା ମୁକ୍ତ ହୋଇ ପାରନ୍ତା । ସମସ୍ତେ ଭାବିଥିଲେ ନିଶା ଉପରେ ପୁରୁଣା ସରକାର କିଛି କରି ନଥିଲେ ବା କରିବା ପାଇଁ ଚେଷ୍ଟା ମଧ କରି ନଥିଲେ । ଏ ସରକାରଙ୍କ ଉପରେ ଭରସା ଜନ ସାଧାରଣ କରିଥିଲେ ନିଶା ବା ନିଶାଡ଼ିଙ୍କ ଉପରେ ରୋକ୍ ଲଗା ହୋଇପାରିବ । ଶାସନ ଆରମ୍ଭରେ ଦାୟୀତ୍ୱରେ ଥିବା ମନ୍ତ୍ରୀ ମହୋଦୟ ବହୁତ ବଡ଼ ବଡ଼ କଥା ଶୁଣାଇଲେ କିନ୍ତୁ ପ୍ରାୟ ବର୍ଷ ପରେ ବିଶେଷ କିଛିର ପରିବର୍ତ୍ତନ ଏ ପର୍ଯ୍ୟନ୍ତ ଆସି ନାହିଁ । ଏହାର ମୂଳ କାରଣ ହୋଇପାରେ ୬୦୦୦-୭୦୦୦ କୋଟି ଟଙ୍କା । ଏହି ଟଙ୍କା ନିଶା ବିଭାଗର ରୋଜଗାର, ସରକାରଙ୍କ ତହବିଲକୁ ଆସିଥାଏ । ସରକାର ବା କେମିତି ଏତେ ଗୁଡ଼ାଏ ଟଙ୍କା ଛାଡ଼ିଦେବେ ? ସରକାରଙ୍କ ନୀତି ଯାହା ଚାଲିଛି ଚାଲୁ କିନ୍ତୁ ଟଙ୍କା ରୋଜଗାରରେ ଢିଲା ନ ହେଉ । ଏହି ଟଙ୍କା ସରକାରଙ୍କ ରୋଜଗାର ହେଉଛି ନିଶ୍ଚିତ କିନ୍ତୁ ହଜାର ହଜାର ଜୀବନ ବଦଳରେ, ଏହା ସହିତ ଜଡ଼ିତ ମର୍ଡର, ରାହାଜାନୀ, ଦୁର୍ଘଟଣା ଏବଂ ସବୁଠୁ ବଡ଼ କଥା ହେଲା ସ୍କୁଲ, କଲେଜ ପିଲାମାନଙ୍କ ଭବିଷ୍ୟତ ଜଡ଼ିତ । ସରକାରଙ୍କ ହାତରେ କ୍ଷମତା ସେ ଯାହା ଚାହିଁବେ କରିବେ, ତଥାପି ଆମେ 'ମନା' ମାଧ୍ୟମରେ ଅନୁରୋଧ ଜଣାଇବୁ କେବେହେଲେ ୭୦୦୦କୋଟି ଟଙ୍କା ବଡ଼ ନୁହଁ ବଡ଼ ହେଉଛି ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ୧୯୫୬ ମସିହା ଆଇନ ।

ସାରା ରାଜ୍ୟରେ ଆମ ଜିଲ୍ଲା ବାଲେଶ୍ୱର ଏଥିରେ ସବୁଠୁ ବେଶି କ୍ଷତିଗ୍ରସ୍ତ । ଏବେ ଏବେ ଖବରର ଜଣାଯାଇଛି ଯେ ଜଳେଶ୍ୱରରୁ ପ୍ରତିମାସ ୩୫ କେଜିର ବ୍ରାଉନ ସୁଗର ଭୁବନେଶ୍ୱରଠାରେ ପହଞ୍ଚିଛି ଏବଂ ଯାହାର ମୂଲ୍ୟ ହାରାହାରି ପ୍ରାୟ ୩୫ କୋଟି ଟଙ୍କା । ଆହୁରି ଆପଣମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଖାଲି ଜଳେଶ୍ୱରରେ ପ୍ରାୟ ୧୦୦ ଜଣ ବେପାରୀ ଏହି କାର୍ଯ୍ୟରେ ଲିପ୍ତ । ଏହିସବୁ ବ୍ରାଉନସୁଗର ପଶ୍ଚିମବଙ୍ଗର ମୁର୍ଶିଦାବାଦ ସହରରୁ ଏଠାକୁ ଆସୁଛି । ଏବେ ପୁଣି ବ୍ରାଉନସୁଗରଠାରୁ କଞ୍ଚା ବ୍ରାଉନସୁଗର ଚାହିଦା ବେଶି । ଜଳେଶ୍ୱରଠାରେ ଗୋଟାଏ ବଡ଼ ନିଶା ବିଭାଗର ଅଫିସ ସରକାର ଖୋଲିବା ଉଚିତ ଏବଂ ସେଠାରେ ଭଲ ଭଲ ଅଫିସରଙ୍କୁ (ଘୋଷ୍ ନେଉ ନଥିବା) ଯଦି ରଖି ପାରନ୍ତେ ତେବେ ହୁଏତ କିଛି ପରିମାଣରେ ସାରା ରାଜ୍ୟରେ ନିଶା କାରବାର କମି ଯାଆନ୍ତା ଏବଂ ଏହା ସହିତ ସରକାର ମୋନା ଭଳି ସଂସ୍ଥାକୁ ଉତ୍ସାହ ଦେଇ କାମ କରାଇ ପାରିଲେ ଭଲ ହୁଅନ୍ତା । କିଛି ନାହିଁ ଲୋକଙ୍କୁ ଏବଂ ସ୍କୁଲ, କଲେଜ ପିଲାଙ୍କୁ ସଚେତନ କରାଇ ପାରିଲେ ଭଲ ସମାଜ ସୃଷ୍ଟି ହୋଇପାରନ୍ତା ।




## ଗାଆଁର ମଣିଷ ସେଇ...

**ରାମଚନ୍ଦ୍ର ବେହେରା**



ରାତି ପରେ ଦିନ ମାସ ପରେ ବର୍ଷ
ବହିଚାଲେ ଅବିଶ୍ରାନ୍ତେ
ବିକାଶର ଲକ୍ଷ୍ୟ ହୃଦୟେ ଜାବୁଡି
ଖଟଇ ଯେ ବିନା ସର୍ତ୍ତେ
କ୍ଳାନ୍ତିହୀନ ଶ୍ରମ ଦେଇ
ଧରଣୀ ବୁକୁରେ ଝାଳ ଯେ ନିଗାଡେ
ଗାଆଁର ମଣିଷ ସେଇ ।
ତା' ଜୀବନେ କେବେ ଆସେନି
ସକାଳ
କୋମଳ କିରଣ ଧରି
ଭଗ୍ନ କୁଟିଆକୁ ସୀମିତ ସମ୍ବଳେ
ପାରେନି ଛପର କରି
ଯାହାମିଳେ ଶ୍ରମଦାନେ
ଶାଗ ପଖାଳକୁ ହରଷେ ଖାଇ ସେ
କାଳ କାଟେ ଖୁସି ମନେ ।
ତା'ପାଇଁ ହସଇ ଗାଆଁ ବିଲବାଡି
ଫଳଇ ଫସଲ ସୁନା
ତା'ପାଇଁ ଚମକେ ସହର ବଜାର
ଆଧାରିକ ସଂରଚନା
ସେ ଆଜି ଅବହେଳିତ
ଅନ୍ୟ ପାଇଁ ସାଜେ ଜୀଇଁବାର ସ୍ରୋତ
ଦୁଃଖ ସହି ଅପ୍ରମିତ ।
ଗାଆଁର ମଣିଷ ଲୋଡେନି ଜୀବନେ
ଐଶ୍ୱର୍ଯ୍ୟ ସମ୍ପଦ ସୁଖ
ତା' ଫଟା ବସନେ ଲୁଚି ରହିଥାଏ
ଅନେକ ଅକୁହା ଦୁଃଖ
ପ୍ରଗତିର ବାର୍ତ୍ତାବହ
ନିଜ କଷଣକୁ ହୃଦୟେ ସାଇତି
ଜଗତକୁ ବାଣ୍ଟେ ସ୍ନେହ ।
ଆସ ସୁଧିଜନେ ତା' କୋମଳ ପ୍ରାଣେ
ଦେବାନାହିଁ ପ୍ରବଂଚନା
ତା' ଦୁଃଖ କଷଣେ ସହଭାଗୀ ହୋଇ
ଦେବା ସଦା ଆଶ୍ୱାସନା
ବୁଝିବା ତା' ମନ କୋହ
ଦେଶ ପାଇଁ ଯିଏ ଦେଉଛି ଜୀବନ
ପୋଛିଦେବା ତା'ର ଲୁହ ।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ଗାଆଁ ନିରାପଦ ନୀଡ଼

**ଦେବାଶିଷ ଦେ**



ଜନମ କଲା ମୋ ଏନ୍ତୁଡ଼ି ସାଳରେ ମୋ ପରିଚୟ ମୋତେ ହଜାଇଲା ।
ତୁତଲା ମୁଁହରେ ମାଆ-ଶିଖା ଗାଁକୁ ମୋ ଚାକିରି ସହର ମୋର ହରିନେଲା ।
ଗାଁ ଦାଣ୍ଡ, ଗାଁ ବର ଗଛ ଡ଼ାଳ, ଗୋରୁ ମଣା ଭୂଇଁ, ଗାଁ ର କୋଇଲି ମୂର୍ଚ୍ଛନା,
ଗୁଞ୍ଜରଣ ହୋଇ କାନେ ମୋର ଆସନ୍ନ ବାର୍ଦ୍ଧକ୍ୟ ବି ତାକୁ ରୋକି ପାରେନା ।
ଗାଁ ପାଟ, ଗାଁ ଯାତରା ମହୋତ୍ସବ ମୋ ମନୁ କେବେ ବି ମୋ ଲିଭେନା,
ପିଆଜୀ, ବୁଟ ଭଜା, ଜଳେ ପଇସା ଖେଳ ଲଟେରୀ ସେ କମ,
ଅମ୍ଳାନ ପୁଲକ ସେ ମରେନା ।
ଭରା ସିମନ୍ତିନି ପାନ ଖିଆ ଓଠେ ଗାଁ ଆଇବୁଢ଼ିଙ୍କ ସଳା ଡାକ,
ଭୁଜା ନିମନ୍ତ୍ରଣେ ଆଚାର ବ୍ୟଞ୍ଜନ ଭରା ପରସା ଥାଳିର ସେ ତ ପାରିବାରିକ ।
ବୁଝା ପଡୁ ନ ଥାଏ, କିଏ ପରିବାର ଲୋକ କିଏ ବା ପଡୋଶି ବାନ୍ଧବ,
ଗାଁ ଦାଣ୍ଡ ମୋର, ବଡ଼ ଦାଣ୍ଡ ଥିଲା, ଯହିଁ ସଭିଁଏ ସଭିଙ୍କ ଉତ୍ସବ ।
ବାହୁଡ଼ା କନିଆଁ ଲେଉଟଇ ଯେବେ ମୋ ଘରେ ଆସଇ ଉଲ୍ଲାସେ,
ଜଳଖିଆ କରି ନିଜେ ବଖାଣେ ସେ ଶାଶୁ ଘର ପ୍ରୀତି ଅକ୍ଳେଶେ ।
ଗାଁ ବୁଢ଼ା-ଦାଦି ଶଯ୍ୟାଶାୟୀ ବେଳେ ଶେଷ ଲୋଭ ତାର ବାରିକି,
ଖାଇବା ଥାଳି ସଜେଇ ମାଛ, ଶାଗ, ତୁଣ ନିଜ ହାତେ ତାକୁ ଖୁଆଇବି ।
ମଣିଷ ଚିହ୍ନି କି ଆତ୍ମାର ଆବାଜ, ଗ୍ରାମ ଜୀବନରେ ଶାନ୍ତି ସେ,
କାହୁଁ ବା କଳୀବ ଏ ଆଧୁନିକତା ସହର
ନେଇବୋର (Neighbour)ବାଲା ଜାତିଟେ ।
ମୋତେ କିନ୍ତୁ ନେଇ ଯାଇ କି ପାରିବୁ ତୋ କୋଳ ପାରିତା ଅତିତେ,
ହରାଇ ନି କିନ୍ତୁ ନ ଭୁଲି ସନ୍ତାପେ ଜିଉଁ ଛି ସର୍ବହରା ପ୍ରାଣୀ ଟେ ।
ଭଲ ମନ୍ଦ ଯେତେ ସହରୀ ଜୀବନେ ପାଇଛି, ଅତ୍ୟାଚାର କରା ମଣିଷେ,
ତୋ କୋଳ ଗାଆଁ ରେ ମନେ ପଡେ ଭାରି ଲାଗେ ତୁ ମୋ ନିରାପଦ ନୀଡ଼ଟେ ।
ତୁ ମୋ ନିରାପଦ ନୀଡ଼ ଟେ ।
ମୁଁ ତ ଲକ୍ଷ୍ମୀ ଛଡ଼ା ତୋ ବିହୁନେ ଲୋ ଗାଆଁ, ଦିଗ୍ ବଳୟେ ଆଜି ଦେଖୁଛି,
ତୁମୋ ନିଜ ମାଆ ପଣତ ଭଳିଆ, ଶୁଆଇବୁ ଚିର ନିଦ୍ରା ଯିବି ଯେବେ
ଟିକେ ଖାଳ ପଦା ଚିରା ମାଟିରେ, ବୋଲି ମୁଁ ଭାବିଛି ।


ବୁଢ଼ାକୁସୁମୀ,
ବାଲେଶ୍ୱର, ଓଡ଼ିଶା

# ସପନ ନଈରେ ପ୍ରେମର ସୁଅ




ନୂତନ କୁମାର ବେହେରା


ଏ ଆକାଶ ! ସତରେ ତୁମେ ଏମିତି ବଦଳି ଯିବ ବୋଲି ମୁଁ କେବେ ବି ଆଶା କରି ନ ଥିଲି । ମୋ ଗର୍ଭରେ ପରା ବଢ଼ୁଛି ଆମ ସନ୍ତାନ । ତୁମେ ଧୋକାବାଜ ସାଜି କେମିତି ଫାଙ୍କି ଦେଉଛ ଏସବୁ । ତୁମେ ସେଦିନ କହିଥିଲ ନା, ଆମ ଏ ସମ୍ପର୍କ ଦିନକର ମାସକର ନୁହଁ,ବରଂ ଯୁଗ ଯୁଗର । ହେଲେ..... । ...ସବୁ ସ୍ୱପ୍ନ... ସ୍ୱପ୍ନ ହୋଇ ରହିଗଲା, ଆଶା ଆକାଂକ୍ଷାରେ ପ୍ରସ୍ଫୁଟିତ ହେବାକୁ ଥିବା ସମ୍ଭାବନାର କଢ଼ ଶୁଖି ଝଡ଼ି ଯାଉଛି । ପାଇଥିବା ଯେତେ ପ୍ରତିଶ୍ରୁତି...କରିଥିବା ସଂକଳ୍ପ ସବୁ ପାଣିରେ ଗାର ପାଲଟି ଗଲା । ଭରସା ବିଶ୍ୱାସ ପାଲଟିଯାଏ ମରୁଭୂମିର ମରୀଚିକା ।

ଦୀର୍ଘ ନିଶ୍ୱାସଟିଏ ପକାଇ ବର୍ଷା ...ଭାବି ଚାଲିଲା ବିଗତ ଦିନରେ ଘଟି ଯାଇଥିବା ତାର ପ୍ରେମ କାହାଣୀର ଯେତେ କଥା...ସେ ସ୍ମୃତି ତାର ସତେଜ,ଜୀବନ୍ତ ହୋଇ ତାକୁ ବିବ୍ରତ କରି ପକାଇଲା ।

ତା' ସ୍ମୃତିର କନ୍ଦରରୁ ପାହାଡ଼ି ଝରଣା ପରି ଲମ୍ଫ ମାରି ଆଗକୁ ଆଗକୁ ଦୁର୍ବାର ଗତିରେ ମାଡ଼ି ଚାଲିଲା । ବର୍ଷା ମଧ୍ୟବିତ୍ତ ପରିବାରର ଝିଅଟିଏ...ରୂପରେ ଥିଲା ତନୁ ପାତଳୀ ଗୋରୀ...ଚେହେରା ସୁନ୍ଦର,ସବୁ ଆଖିକୁ ଛୁଇଁ ଯାଏ । ପାଠରେ ସେ ପ୍ରଥମ ତା' ସାଥୀର ସବୁ ସାଙ୍ଗଙ୍କ ମଧ୍ୟରେ ...ମାଆ ବାପାର ବଡ଼ ଝିଅ, ଅତି ଅଲିଅଳି । ସେ ପ୍ଲସ୍ ଥ୍ରୀ ପଢୁଥିବା ବେଳେ ଆକାଶ ସହିତ ତାର ବନ୍ଧୁତା ଗଢି ଉଠିଥିଲା କଲେଜ୍ ଡ୍ରାମାରୁ । ' ସପନ ନଈରେ ପ୍ରେମର ସୁଅ' ନାଟକରେ ସେ ଥିଲା ନାୟିକା ଆଉ ଆକାଶ ଥିଲା ନାୟକ । ଦୁହେଁ ରୋମାଣ୍ଟିକ ସିନ୍‌ର ସଂଳାପ ଘୋଷୁ ଘୋଷୁ...ସେ ସବୁ ରୋମାଞ୍ଚକର ଭାବ ଭାଷା ତାଙ୍କ ହୃଦୟରେ ଉପନ୍ୟାସଟିଏ ଲେଖି ଦେଲା । ମନ ଫାଟକକୁ ଆଉ ଅଟକ କରି ରଖି ପାରିଲେନି ଦୁହେଁ । ନିବିଡ଼ରୁ ନିବିଡ଼ତର ହେଲେ ସେମାନେ । ସଂଯମତାର କଂକ୍ରିଟ ଖମ୍ବ ଦୋହଲି ଗଲା । କେହି କାହାକୁ ନ ଦେଖି ରହି ପାରିଲେନି । ଲୁହା ଚୁମ୍ବକ ପରି ଜଣେ ଜଣକ ପ୍ରତି ଆକର୍ଷିତ ହୋଇ ପଡ଼ିଲେ । ବହୁ ଆଳାପ ମେଳାପ ପରେ ସ୍ଥିର କଲେ ଦୁହେଁ ଜୀବନ ସାଥୀ ହୋଇ ତାଙ୍କ ପ୍ରେମକୁ ଅମର କରି ରଖିବେ । ଆପତ୍ତି କିଛି ନ ଥିଲା କାହାରି । ମନ୍ଦିରରେ ଯାଇ ଦୁହେଁ ଗାନ୍ଧର୍ବ ମତରେ ବିବାହ କଲେ । ସେତେବେଳକୁ ଦୁହେଁ ପ୍ଲସ୍ ଥ୍ରୀ ପାଶ୍ କରି ସାରିଥିଲେ । ବିବାହର କେଇଟା ଦିନ ପରେ...ଅଭାବ ଅନାଟନରେ ଘାଣ୍ଟି ହେଲେ... ଆକାଶ ଯେଉଁ ପ୍ରାଇଭେଟ୍ ଜବ୍ କରୁଥିଲା ସେ ରୋଜଗାର ତାଙ୍କୁ ତିନି ଓଳିର ଖାଇବା ଯୋଗାଇ ପାରିଲାନି...ସରକାରୀ ଚାକିରି ଖୋଜି ଖୋଜି ନୟାନ୍ତ । ଯଦିଓ ସେ ମେଧାବୀ ଛାତ୍ରଟିଏ ଏତେ ଶୀଘ୍ର ଚାକିରି ମିଳୁଛି କାହିଁ ଯେ ସେ ପାଇବ... ।



ମନରେ ଲାଗି ରହିଲା ଉଭୟଙ୍କର ଉତ୍ତେଜନା । ଆରମ୍ଭ ହେଲା ବଚସା । ଜଣେ ଆଉ ଜଣକୁ କଲେ ଦୋଷାରୋପ । ହାତ ଉଠାଇ ମାଡ଼ ମରାମରି ଯାଏ କଥା ଗଲା । ଏମିତି ଏକ ଅପ୍ରତ୍ୟାଶିତ ଦୁର୍ବଳ ମୂହୁର୍ତ୍ତରେ ଆକାଶ ବସାଘର ଛାଡ଼ ପଳେଇ ଗଲା ବର୍ଷାକୁ କିଛି ନ ଜଣାଇ ।

ଫେରିବାର ସମୟ ଅତିକ୍ରାନ୍ତ ହେବାରୁ ବର୍ଷା ବାରମ୍ବାର ଫୋନ୍ କରିଛି...ଫୋନ୍ ସୁଇଚ୍ ଅଫ୍... ବହୁତ ମେସେଜ କରିଛି କିଛି ରିପ୍ଲାୟ ପାଇନି । ଚିହ୍ନା ପରିଚୟ ବନ୍ଧୁ ବର୍ଗଙ୍କୁ ପଚାରି ବୁଝିଛି । ତାର ଠିକଣା ଖୋଜି ପାଇନି । ନିରୁପାୟ ହୋଇ ଏକା ଏକା ଛାତିକୁ ପଥର କରି ବଞ୍ଚିଛି ସେ । ଆକାଶ ଘରୁ ଯିବାର ତିନିମାସ ହେବ । ବର୍ଷାକୁ ଦୁନିଆଁଟା ବିଷମୟ ଲାଗୁଛି । ନିଜ ଇଚ୍ଛାରେ ଉଭୟେ ବାହା ହୋଇଛନ୍ତି । ଏବେ କାହାକୁ କହିବ...ସମସ୍ତଙ୍କୁ ପର କରି ଯାହାକୁ ସେ ନିଜର କରିଥିଲା...ସେ ହେଲା ପର । ଏମିତି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଯେ ଆକାଶ ପଳାତକ ସାଜିବା ସେ କେବେ ଭାବି ନ ଥିଲା । ଗର୍ଭରେ ତାର ଆଗାମୀ ବଂଶଧର ... ଉତ୍ତରାଧିକାରୀ, ଝିଅ କି ପୁଅ ହୋଇପାରେ । ଏ ଅବସ୍ଥାରେ କେଉଁଠି ମୁଣ୍ଡ ଗୁଞ୍ଜିବ ସେ । ବାପା ଘରକୁ ଯିବା ରାସ୍ତା ତ ବନ୍ଦ । ଶଶୁର ଘରେ ଶାଶୁ ଏକା । ବୁଢ଼ୀ ମଣିଷ ।

ସବା ସାନ ପୁଅ ଏଇ ତ ଏମିତି ଲାପତା । ଆଉ ବଡ଼, ମଝିଆଁ ଯେଉଁ ଦି' ଜଣ ଗାଁରେ ଅଛନ୍ତି । ଦୁହେଁ ଅଲଗା ଅଲଗା । ଶାଶୁ କାହାକୁ ଛାଡ଼ିବ, ପାଳି କରି ଏ ପୁଅ ସେ ପୁଅ ପାଖରେ ତାଙ୍କ ଦୟାରେ ତାଙ୍କ ହାତ ଟେକା ଖାଇ ବଞ୍ଚିଛନ୍ତି । ଜା ଦି' ଜଣଙ୍କ ଭିତରେ ଭଲ ପଡ଼େନି । ସେ ଯା ଶୁଣିଛି, ସେଇ ଆକାଶ ମୁହଁରୁ । ତା' ସହିତ ଗାଁ କୁ ସେ କେବେ ଯାଇନି । ବାହା ହୋଇ ଦୁହେଁ ସହରରେ ରହୁଥିଲେ ।

ଏ ସଂସାରଟା ଏତେ ଜଟିଳ । ଏତେ ମାୟା, ଛଳନାର ବୁଢିଆଣୀ ଜାଲ ଚାରିଆଡ଼େ... ବିଶ୍ୱାସର ମଣିଷ ଅବିଶ୍ୱାସୀ ହେଲା...ଆଉ ବିଶ୍ୱାସ କରିବ କାହାକୁ ? ଉପାୟ କିଛି ନ ପାଇ ନିଜେ ନିଜକୁ ନିନ୍ଦେ ମନେ ମନେ, ଦୋଷ ଦିଏ ନିଜକୁ । କାହିଁକି ସେ ଆତ୍ମନିର୍ଭରଶୀଳା ନ ହୋଇ...ବାପା ମାଆ ଭାଇକୁ ନ ଜଣାଇ ଏକା ଏକା ସିଦ୍ଧାନ୍ତ ନେଲା ବାହା ହେବାକୁ... ସେ ସବୁ ଆଜି ତା ପାଇଁ ଅଭିଶାପ ପାଲଟି ଯାଇଛି । ନିଜ ଉପରେ ନିଜେ ରାଗି ହୁଏ । ଏତେ ଅଭାବରେ...ଗର୍ଭରେ ପିଲାଟି ଧରି ଅଧିକାଂଶ ସମୟ ଉପବାସରେ ବି ରହୁଛି । କେଇଟା ପିଲାକୁ ଟିଉସନ୍ ପଢ଼ାଇ ଆଉ ଗୋଟେ ଘରୋଇ ସଂସ୍ଥାରେ କାମ କରି ଯାହା ପାଏ ଘର ଭଡ଼ା ଓ ଚଳିବାକୁ ନିଅଣ୍ଟ । ଆଉ ଉପାୟ କ'ଣ ଅଛି ଯେ ତା ପାଖରେ... । ଅନେକ ଥର ଭାବିଛି ମରିଯିବ... ଆତ୍ମହତ୍ୟା କରିବ, କିନ୍ତୁ ଭାବି ଦେଖେ ଏତେ ବଡ଼ ପାପ କରିବାକୁ ତାର ବିବେକ ତାକୁ ବାଧା ଦିଏ । ପେଟର ପିଲାଟା ପାଇଁ ମମତା ତା' ହୃଦୟରୁ ଝରି ଆସେ । ସେ ଯେଉଁ ଭୁଲ୍ କରିଛି ଜୀବନ ଯାକ ଲଢ଼ି ସୁଧାରିବ...ଆଉ ପାପ କରିବନି କି ପ୍ରାୟଶ୍ଚିତ ପାଇଁ କେବେ ଅନୁତାପ କରିବନି । ଆଶା ଅଛି ତାର ଅନେକ, ଭଲ ଛାତ୍ରୀଟିଏ ସେ । କମ୍ପିଟେଟିଭ୍ ଏକଜାମ୍ ଦେଇ ଚାଲିଛି । ବର୍ଷେ ଦି ବର୍ଷ ଭିତରେ ସରକାରୀ ଚାକିରିଟିଏ ପାଇଯିବ । ସେ ଯାଏଁ ଯେମିତି ହେଲେ ସପନ ନଈର ପ୍ରେମ ସୁଅରେ ତାକୁ ଭାସି ଭାସି ଯିବାକୁ ହେବ... ବୁଡ଼ି ଗଲେ ତାର ଶିକ୍ଷାର ମୂଲ୍ୟ କ'ଣ ରହିବ ? ଯେମିତି ହେଉ ସେ ସଂଗ୍ରାମ କରି ବଞ୍ଚିବ । ବଞ୍ଚାଇ ରଖିବ ତାର ଗର୍ଭସ୍ଥ ଶିଶୁ ସନ୍ତାନକୁ । ତଥାପି ଧୈର୍ଯ୍ୟ ହରା ହୋଇ ସେ ଭୋ କରି କାନ୍ଦି ଉଠିଛି... । ହଠାତ ବର୍ଷାର ନିଦ ଭାଙ୍ଗିଗଲା । ସେ ବିଛଣାରୁ ଚଟାପଟ ଉଠି ପଡ଼ିଲା । ଏ କ'ଣ...ଏ କି ସ୍ୱପ୍ନ ଦେଖିଲା ସେ । ଆରେ ସେ ତ ଏ ଯାଏଁ ପଢୁଛି ପ୍ଲସ୍ ଥ୍ରୀରେ । କାହାକୁ ତ କେବେ ଭଲ ପାଇନି । କେହି ବି ତାର ବୟ ଫ୍ରେଣ୍ଡ୍ ନାହାଁନ୍ତି । ମନେ ମନେ ଜିରୋ ଲାଇଟ୍‌ରେ ହସି ପକାଇଲା ।

ଏ ସ୍ୱପ୍ନ ବି ନା, ଗୋଟେ କୁଆଁରୀ ଝିଅକୁ ସପନର ନଈରେ ପ୍ରେମର ସୁଅ ଭସାଇ ନେଇ ମାଆଟିଏ ବନେଇ ଦେଇ ପାରେ । ତାକୁ ସେତିକି ଆଶ୍ଚର୍ଯ୍ୟ ଲାଗିଲା ସେତିକି ମଧ୍ୟ ହସ ମାଡିଲା । କୁଆଡୁ ଅବଚେତନ ମନକୁ ଆସିଲା ତାର ଏ ଅଜବ ସ୍ୱପ୍ନ । କିନ୍ତୁ ପର ମୁହୂର୍ତ୍ତରେ ଭାବି ଦେଖିଲା...ସେ ସପନ ହୋଇ ପାରେ ମିଛ । ଗାଢ଼ ନିଦ୍ରାର ଏକ ଅବାସ୍ତବ ଚିତ୍ର । ହେଲେ ଆଜିର ସମାଜରେ ତ ଏମିତି ଘଟଣା ଘଟୁଛି ବହୁତ...ତାକୁ ଏ ସବୁରୁ ସଚେତନ କରି ରଖିବା ପାଇଁ ହୁଏତ ତା'ର ଅନ୍ତରାତ୍ମା ଏ ସତର୍କ ବାଣୀ ଦେଉଛି । ନା, ସେ ଏ ସବୁରୁ ନିଜକୁ ଆଗ ଅପେକ୍ଷା ଅଧିକ ସଜାଗ କରି ରଖିବ । ଶିକ୍ଷା ସମାପ୍ତ କରି କୌଣସି ସରକାରୀ ସଂସ୍ଥାରେ ଚାକିରି ନ ପାଇବା ପର୍ଯ୍ୟନ୍ତ ଦୃଢ଼ କରି ରଖିବ ନିଜକୁ । କେବେ କୌଣସି ପରିସ୍ଥିତିରେ ଭାସି ଯିବନି ସେ... 'ସପନ ନଈରେ ପ୍ରେମର ସୁଅ' ହୋଇ..... ।


+ କୋହି, ବାରିପଦା, ମୟୂରଭଞ୍ଜ,
ମୋ: ୮୦୧୮୩୫୩୩୨୨


# ଜୀବନ ଡୋରି




ପଦ୍ମାଳୟା ସାମଲ




ଦଶଟା ପନ୍ଦରରେ ବସ୍ । ଚୈତ୍ର ମାସର ଟାଇଁଟାଇଁ ଖରା ଛୁଞ୍ଚି ଭଳି ଫୋଡି ହେଇ ଯାଉଛି ଦେହରେ । ଗମଗମ ଝାଳ ନିଗିଡି ପଡୁଛି ଦେହରୁ । ଛତାଟିଏ ଧରି ଗଛ ମୂଳରେ ଅପେକ୍ଷା କରିଛି ପିନୁ । ତିନିଦିନ କଲେଜ ଛୁଟି । ସେ ଘରକୁ ବାହାରିଛି ।

ହେଲେ ଆଜିକାଲି ଘରକୁ ଯିବାକଥା ଭାବିଲେ ଅଜଣା ଭୟ ତାକୁ ମାଡ଼ିବସେ । ଘରେ ଯେଉଁ କେତେଟା ଦିନ ରହେ ଗୋଟିଏ ପ୍ରସଙ୍ଗ ଆସି ଠିଆହୁଏ ତା 'ସାମ୍ନାରେ । ପ୍ରସଙ୍ଗ ତ ନୁହେଁ ବରଂ ଚାପ । ବୋଉ ବୁଲେଇ ବଙ୍କେଇ କହେ -ଅମୁକର ନିର୍ବନ୍ଧ ସରିଛି । ଗତ ଫଗୁଣରେ ତୋ ସାଙ୍ଗ ଇନାର ବାହାଘର ହୋଇଥିଲା, ଏବେ ପୁଅଟିଏ ହୋଇଛି । ବୋଉ କଥା ଶୁଣି ବାପା ମୁହଁ ବୁଲେଇ ତା ଆଡକୁ ଚାହିଁ କୁହନ୍ତି, " ଆଗରୁ କହୁଥିଲୁ ଚାକିରି କଲେ ବାହାହେବି, ଏବେ ତ ଚାକିରି କଲୁଣି । ବହୁ ଆଡୁ ଭଲ ଭଲ ପ୍ରସ୍ତାବ ଆସୁଛି । ଆମେ ତୋ ମନ ନ ନେଇ କାହାରିକୁ କିଛି କହିପାରୁନୁ । ଏଣେ ତୋର ବୟସ ବଢ଼ି ଚାଲିଛି ।"

ବସ୍ ଆସି ପହଁଞ୍ଚିଲା ଠିକଣା ଜାଗାରେ । ବସ ଭିତରକୁ ଯାଇ ପିନୁକୁ ଏକ ଝରକା ପାଖ ଲେଡ଼ିଜ ସିଟ ମିଳିଗଲା । ବସ ଚାଲିଥାଏ ଦ୍ରୁତ ଗତିରେ । ବାହାରକୁ ଚାହିଁ ପିନୁ ଅନ୍ୟମନସ୍କ ହୋଇଗଲା । ଭାବିଲା ସେମିତି କିଛି ତ ଘଟିନାହିଁ ତା ଜୀବନରେ । ଏଥର ଘରକୁ ଯାଇ କହିବ, ମୁଁ ରାଜି ବାପା, ତୁମେ ଯେଉଁଠି ପସନ୍ଦ କରିବ ସେଇଠି ବିବାହ କରିବାକୁ ମୁଁ ରାଜି ।

ସେଦିନ ଷ୍ଟାଫ କମନରୁମରେ ହଠାତ୍ ଆରତୀ ଅପା ପଚାରିଦେଲେ, ।" କିଛି ଭାବିବ ନାହିଁ ପିନୁ, ସେଇ ଯେଉଁ ମଫସଲୀ ଗରିବ ପିଲାଟା, ସବୁବେଳେ ଚୁପଚାପ, ତୁମ ଛଡ଼ା କାହାରି ସହିତ ବିଶେଷ ମିଳାମିଶା କରେନାହିଁ, କିନ୍ତୁ ଭଲ ପାଠ ପଢେ, ଏବେ ସେ କୋଉଠି ? କଣ ତା' ନାଆଁଟା ମନେ ପକେଇ ପାରୁନି.... ସେ ଏବେ କଣ କରୁଛି ? ସେଇ ରିଲେସନରେ ଅଛ ନା ବ୍ରେକଅପ୍ ହୋଇ ଯାଇଛି ?

ପିନୁର ମୁହଁ ରଙ୍ଗା ପଡିଗଲା । ଆରତୀ ଅପା ରାଜନୀତି ବିଜ୍ଞାନର ଅଧ୍ୟାପିକା । ଭଞ୍ଜବିହାରରେ ତାର ସିନିଅର ଥିଲେ, କିନ୍ତୁ ତା 'ସାଙ୍ଗରେ ଜଏନ କରିଛନ୍ତି ଏଇ କଲେଜରେ । ଭଞ୍ଜବିହାରରେ ପଢୁଥିଲାବେଳେ ତାଙ୍କ ପ୍ରେମ କାହାଣୀ ବିଶ୍ୱବିଦ୍ୟାଳୟ ଡେଇଁ ବ୍ରହ୍ମପୁର ସହର ଭିତରକୁ ମାଡିଯାଇଥିଲା । ବାଧହୋଇ ତାଙ୍କ ବାପା ପୁଲକ ଭାଇଙ୍କ ସହ କୋର୍ଟ ମ୍ୟାରେଜ କରାଇଦେଇଥିଲେ । ସେ ଭାଇ ଜଣକ ଏବେ ବିଜିନେସ୍ କରୁଛନ୍ତି । ଆରତୀ ଅପା ଭାରି ଚାଲାକ । ବିଶ୍ୱଙ୍କ ପ୍ରସଙ୍ଗ ଉଖାରି ଦେଇ କଣ ଗୋଟାଏ କାମ ବାହାନାରେ ବାହାରକୁ ଚାଲିଗଲେ ।

ବିଶ୍ୱ ଏବେ କୋଉଠି ଅଛନ୍ତି, କଣ କରୁଛନ୍ତି ତାଙ୍କୁ ଜଣାନାହିଁ । ଭଲ ଛାତ୍ର ଥିଲେ ସେ । ଅର୍ଥଶାସ୍ତ୍ରର ଅନେକ ଜଟିଳ ତତ୍ୱର ସାମନା କରି ନ ପାରି ସେ ଅନେକ ଥର ତାଙ୍କର ସହାୟତା ଲୋଡ଼ିଛି । ତାକୁ ଘଣ୍ଟା ଘଣ୍ଟା ଧରି ଆନ୍ତରିକତାର ସହ ବୁଝେଇବାର ପ୍ରଚେଷ୍ଟା କରିଛନ୍ତି । ନିଜେ ପ୍ରସ୍ତୁତ କରିଥିବା ନୋଟ୍ ସବୁ ତାକୁ ବଢ଼େଇ ଦେଇଛନ୍ତି ।

କୌଣସି ଦିନ ସେମାନଙ୍କର ଆଳାପ ଆଲୋଚନା ପାଠ୍ୟପ୍ରସଙ୍ଗର ବାଡ଼ ଡେଇଁ ବ୍ୟକ୍ତିଗତ ସ୍ତରରେ ପହଞ୍ଚି ପାରିନାହିଁ । ଏପରିକି ନିଜନିଜର ପରିବାର ସମ୍ପର୍କିତ ସର୍ବସଂକ୍ଷିପ୍ତ ତଥ୍ୟ କେହି କାହାରିକୁ ପଚାରି ପାରି ନାହାନ୍ତି । ଏହା ସତ୍ୱେ ତା 'ସାଙ୍ଗମାନେ ତାକୁ ଚିଡ଼ାନ୍ତି । କୁହନ୍ତି - ସେ ପ୍ରଫେସର ମୁହଁକୁ ହାଁ କରି ଚାହିଁ ଏମିତି କି ପାଠ ପିଉଛୁ କିଲୋ ପିନୁ !

ତାକୁ ଭାବିବାକୁ କଷ୍ଟ ହେଉଥିଲା ଯେ ଏତେ ସଂକୀର୍ଣ୍ଣ ଏମାନଙ୍କର ଚିନ୍ତାଧାରା । ଦୁଇଟି ଅସମ୍ପର୍କିତ ପୁଅଝିଅଙ୍କ ମଧ୍ୟରେ ଦେଖାସାକ୍ଷାତକୁ ଏମାନେ ଦେହଜସମ୍ପର୍କ ମଧ୍ୟରେ ସୀମାବଦ୍ଧ କରିଦିଅନ୍ତି । ଦେହଜ ସମ୍ପର୍କ ବାହାରେ ଦୁଇଟି ଦେହଧାରୀଙ୍କ ମଧ୍ୟରେ ଯେ ନିଃସର୍ତ୍ତ, ନିଃସ୍ୱାର୍ଥ ସମ୍ପର୍କ ପ୍ରତିଷ୍ଠିତ ହୋଇପାରେ, ଏହା ସେମାନଙ୍କର ଚିନ୍ତା ଚେତନାକୁ ଛୁଇଁପାରେ ନାହିଁ । ବିଶ୍ୱର ନୀତି ଆଦର୍ଶ ବ୍ୟକ୍ତିତ୍ୱ ପାଇଁ ତା ମନରେ ତାଙ୍କ ପାଇଁ ଦୁର୍ବଳତା ରହିଛି ଏ କଥା ସାଙ୍ଗମାନେ ବିଶ୍ୱାସ କରିବେ ନାହିଁ ।

ମନେମନେ ଭାବିଥିଲା ଫାଇନାଲ ପରୀକ୍ଷା ସରିଲା ପରେ ବିଶ୍ୱଙ୍କ ହଷ୍ଟେଲକୁ ଯାଇ ଦେଖା କରି ଆସିବ ଏବଂ କୃତଜ୍ଞତା ଜଣେଇଦେବ ତାଙ୍କର ସାହାଯ୍ୟ ଓ ସହାନୁଭୂତି ପାଇଁ । କିନ୍ତୁ ହେଇ ପାରିଲା କେଉଁଠି ?

ପରୀକ୍ଷା ସାରିବା ଦିନ ରାତି ବସରେ ବିଶ୍ୱ ଗାଁକୁ ଚାଲିଯାଇଥିଲେ । ତାଙ୍କର ରୁମମେଟ କହିଲେ, "ବିଶ୍ୱର ମାଆଙ୍କ ଦେହ ଖରାପ । ସେ ହସ୍ପିଟାଲରେ ଭର୍ତ୍ତି ହେବା ଖବର ଶୁଣି ସେ ଚାଲିଯାଇଛି ।"

ପିନୁର ମନଟା ଛଟପଟ ହେଲା । ଟାଣିଓଟାରି ହେଇ ସେ ଫେରି ଆସିଲା ସେଠାରୁ ଏବଂ ସେଇଦିନ ଫେରି ଆସିଲା ଗାଁକୁ ।

ପରୀକ୍ଷା ରେଜଲ୍ଟ ବାହାରିଲା ଦୁଇମାସ ପରେ । ତାର ଫାଷ୍ଟକ୍ଲାସ ହୋଇଥିଲା । କିନ୍ତୁ ବିଶ୍ୱ ଫାଷ୍ଟ କ୍ଲାସ ଫାଷ୍ଟ ଗୋଲଡମେଡ଼ାଲିଷ୍ଟ ହୋଇଥିଲେ । କାହିଁକି କେଜାଣି ଖୁସିରେ ସେଦିନ ବିଭୋର ହୋଇ ଉଠିଥିଲା ପିନୁ । ତା ପରେ ଅନେକ ସମୟରେ ବିଶ୍ୱ କଥା ମନେ ପଡିଛି । ହେଲେ ତାଙ୍କ ଖବର ସେ ଏ ପର୍ଯ୍ୟନ୍ତ କିଛି ରଖିପାରିନି । କଣ୍ଡକ୍ଟରର ଡାକରେ ଭାବନା ରାଜ୍ୟରୁ ମୁକୁଳି ଆସିଲା । ସେତେବେଳକୁ ବସ୍ ଲାଗିଥିଲା ତାଙ୍କ ଗାଁ ଷ୍ଟପେଜରେ ।

ସେଦିନ ଘରେ ପହଞ୍ଚି ରାତିରେ ଶୋଇଲା ବେଳେ କଥାଟାକୁ ଗହୀରେଇ ଭାବିଲା ପିନୁ । ବିଶ୍ୱଙ୍କୁ ଅପେକ୍ଷା କରି ବିବାହ ବୟସ ମୋର ଗଡି ଯାଉନି ତ ! ଯଦି ତାହା ନୁହେଁ, ତାହେଲେ ବାହାଘର ପ୍ରସଙ୍ଗ ପଡିଲା ମାତ୍ରେ ମନ ମୋର ଆଉଟୁପାଉଟୁ ହେଉଛି କାହିଁକି ? ବିଶ୍ୱଙ୍କର ଅମାୟିକ ବ୍ୟବହାର, ନିଷ୍କପଟ ବ୍ୟକ୍ତିତ୍ୱ, ସ୍ୱଚ୍ଛ ଚିନ୍ତାଧାରା ମୋତେ ଭଲ ଲାଗିଛି । ହେଲେ କଣ ହେବ ତାଙ୍କର କୌଣସି ଖବର ତ ମୋ ପାଖରେ ନାହିଁ । ଆସନ୍ତା କାଲି ପୁରୀ ଯାଇ ମୋ ମନ କଥା ଜଗନ୍ନାଥଙ୍କୁ ଜଣେଇବି । ତେଣିକି ତାଙ୍କ ଇଚ୍ଛା ।

ପରଦିନ ସକାଳୁ ବାପା ମାଆଙ୍କ ସହିତ ପୁରୀ ଅଭିମୁଖେ ବାହାରିଗଲା ପିନୁ । ରାସ୍ତାରେ ଗାଡ଼ିରେ ଗଲାବେଳେ କେତେ କେତେ ଭାବନା ଉଙ୍କି ମାରୁଥାଏ ପିନୁ ମନରେ । ସକାଳୁ ସକାଳୁ ବାପାଙ୍କୁ କହିଦେଇଛି ଜଗନ୍ନାଥଙ୍କୁ ଦର୍ଶନ କରି ବିବାହ ପ୍ରସ୍ତାବରେ ଆଗେଇବା ଯିବା ପାଇଁ । ସେଥିପାଇଁ ବାପା ମାଆ ଉଭୟ ଖୁସି ଅଛନ୍ତି । ପିଲାମାନେ ବଡ଼ ହୋଇଗଲେ ସବୁ ବାପାବୋଉମାନେ ବାହାଘରକୁ ନେଇ ଏମିତି ଚିନ୍ତା କରନ୍ତି । ଯା ଭିତରେ ଗାଡି ପହଞ୍ଚିଲା ପୁରୀ ଷ୍ଟାଣ୍ଡରେ ।

ଜଗନ୍ନାଥଙ୍କୁ ସାମ୍ନାରେ ଦେଖୁଥାଏ ପିନୁ । ଜଗା ଦର୍ଶନରେ ବିହ୍ୱଳ ହୋଇ ଉଠୁଥାଏ ସେ । ହାତ ଯୋଡି ପ୍ରାର୍ଥନା କଲା -ହେ କଳା ଠାକୁର, ମୋ ମୋ ମନ କଥା ସବୁ ତୁମକୁ ଜଣା । ମୁଁ ଜାଣେ ସମସ୍ତଙ୍କର ଭଲ ତୁମେ ଚିନ୍ତାକର । ମୋ ପାଇଁ ଉତ୍ତମ ପୁରୁଷ କିଏ, ସେକଥା ତୁମକୁ କେବଳ ଜଣା । ଭକ୍ତି ଭାବରେ ଛଳଛଳ ଆଖିରେ ଦୁଇ ହାତ ଉପରକୁ ଟେକିଦେଲା ।

ଆଶ୍ଚର୍ଯ୍ୟର କଥା ପଛକୁ ଚାହିଁ ଯାହା ଦେଖିଲା ସେ ବିଶ୍ୱାସ କରିପାରିଲା ନାହିଁ । ବିଶ୍ୱ ଠିଆ ହୋଇଥିଲେ ତା ସାମ୍ନାରେ । ଦୁହିଁଙ୍କ ମଧ୍ୟରେ ମାତ୍ର ହାତେ ବ୍ୟବଧାନ । ଦିହେଁ ଦିହିଙ୍କି ଚାହିଁଛନ୍ତି, କାହାରି ଆଖିରେ ପଲକ ପଡୁନାହିଁ । ବିଶ୍ୱାସ କରି ପାରୁନାହାନ୍ତି ନିଜର ଆଖିକୁ । ହଠାତ୍ ପିନୁର ପାଟିରୁ ଦୁଇଟି ଶବ୍ଦ ବାହାରିଗଲା -ବିଶ୍ୱ ତୁମେ ?

ଅନୁରୂପ ଭାବରେ ବିଶ୍ୱର ଆଶ୍ଚର୍ଯ୍ୟଚକିତ ପ୍ରଶ୍ନ - ପିନୁ ତୁମେ ?

ପିନୁ କହିଲା, "ଗୋଟେ କଡ଼କୁ ଚାଲିଆସନ୍ତୁ, ସେଇଠି ଠିଆହୋଇ ଆମେ କଥା ହେବା । "

ଏଥର ପିନୁ କଥା ଆରମ୍ଭ କଲା - ବାପାମାଆଙ୍କୁ ଧରି ପୁରୀ ଆସିଥିଲି ଜଗା ଦର୍ଶନ ପାଇଁ । ସରକାରୀ କଲେଜରେ ଅଧ୍ୟାପିକା ହେବା ଦିନରୁ ପୁରୀ ଆସିନଥିଲି । ତିନିଦିନ ଛୁଟି ଥିଲା ତ ସେଥିପାଇଁ ପ୍ଲାନ କରିଥିଲି । ଆଉ ହଁ, ଜଗାର ଡୋରି ନ ଲାଗିଲେ କେହି କେବେ ଜଗନ୍ନାଥ ଧାମରେ ପାଦ ଥାପି ପାରିଛି ?

"ଏକଦମ ଠିକ କହିଲ ପିନୁ । ଗତ କାଲି ସହକାରୀ ତହସିଲଦାର ଭାବରେ ଏଇ ପୁରୀରେ ଯୋଗ ଦେଲି । ବଞ୍ଚିଥିବାବେଳେ ମୋ ବୋଉର ଇଚ୍ଛା ଥିଲା, ଚାକିରି ପାଇଲେ ପ୍ରଥମେ ଯାଇ ଜଗା ଦର୍ଶନ କରିବୁ । ବୋଉ ତ ଆଜି ନାହିଁ ବାପାଙ୍କୁ ସାଙ୍ଗରେ ଧରି ଆସିଛି । ଯେଉଁ ଦିନ ଏମ. ଏ. ପରୀକ୍ଷା ସରିଲା ସେଇଦିନ ଖବର ପାଇଲି ବୋଉର ଦେହ ଭୀଷଣ ଖରାପ, ମେଡିକାଲରେ ଭର୍ତ୍ତି ହୋଇଛି । ସେଇଦିନ ବ୍ରହ୍ମପୁରରୁ ଫେରିଆସିଲି । ବୋଉର ପାକସ୍ଥଳୀରେ ଅଲସର ହେଇ ଯାଇଥିଲା । ଦୀର୍ଘଦିନରୁ ଭୋଗୁଥିବା ଏସିଡିଟିର ଆବଶ୍ୟମ୍ଭାବୀ ପରିଣତି । ସେ ଆଉ ହସପିଟାଲରୁ ଫେରିଲା ନାହିଁ । ମୋତେ ଚାରିଆଡ଼ ଅନ୍ଧାର ଦିଶିଲା । ଦେଢ଼ଗୁଣ୍ଠ ଘରବାଡି ଉପରେ ପେଟେଇ ପଡ଼ିଥିବା ଦି 'ବଖରା ଚାଳଛପର ଘର । ଆଉ କିଛି ବାଟ ନ ଥିଲା ମୋ ଆଗରେ । ଆଠ ଦଶଟା ଟିଉସନ ଧରିଲି । ବୋଉ ଗଲା ପରେ ବାପା ଏକରକମ ଭାଙ୍ଗି ପଡିଲେ । ଘରକାମ ସବୁ ମତେ କରିବାକୁ ପଡିଲା । ବାପା ଆଉ ଅଟୋ ଚଲେଇ ପାରିଲେ ନାହିଁ । ଟିଉସନରୁ ଯାହା ମିଳିଲା ଦି ଓଳି ଶାଗପଖାଳ ଖାଇବା ସାଙ୍ଗକୁ କମ୍ପିଟେଟିଭ ପରୀକ୍ଷା ଦେବା ପାଇଁ ନିଜକୁ ପ୍ରସ୍ତୁତ କଲି । ସଂଘର୍ଷ ଜାରି ରହିଥାଏ । ଗତ ମାସରେ ଦୁଇବର୍ଷ ତଳେ ଦେଇଥିବା ଓ.ଏ.ଏସ. ପରୀକ୍ଷାର ରେଜଲ୍ଟ ବାହାରିଲା । ଗତ କାଲି ସହକାରୀ ତହସିଲଦାର ଭାବରେ ଏଇ ପୁରୀ ଜିଲ୍ଲାରେ ଜଏନ କରିଛି ।"

ପିନୁ ମନ ଦେଇ ଶୁଣୁଥିଲା ବିଶ୍ୱର କଥା । ହସି ହସି କହିଲା, "କଂଗ୍ରାଟସ, ଏ ବିଟ ଅଫ୍ ଗୁଡ଼ ନିୟୁଜ୍ ।"

ହସି ହସି କହିଲା ବିଶ୍ୱ,"ଥାଙ୍କ ୟୁ ଆଚ୍ଛା ! ତୁମେ କେବେ କଲେଜରେ ଜଏନ କଲ ?

ପିନୁ ବିଶ୍ୱର ମୁହଁକୁ ଚାହିଁ ଉତ୍ତର ଦେଲା -ତିନି ବର୍ଷ ପୂର୍ବରୁ ।

ବିଶ୍ୱ ଟିକିଏ ଭାବି କହିଲା, ଆଚ୍ଛା ତିନି ବର୍ଷ ହେଲା ସରକାରୀ କଲେଜରେ ଅଧ୍ୟାପିକା । ଅଥଚ ଏପର୍ଯ୍ୟନ୍ତ ଅବିବାହିତା ?

ସାମାନ୍ୟ ଲାଜେଇଯାଇ ପିନୁ ଉତ୍ତର ଦେଲା, ଭାବି ନିଅ ଉପଯୁକ୍ତ ପ୍ରସ୍ତାବ ଏପର୍ଯ୍ୟନ୍ତ ମିଳି ନାହିଁ ।

ବିଶ୍ୱ ସାମାନ୍ୟ ହସି ଚାହିଁଲା ପିନୁର ମୁହଁକୁ । ଚୁପିଚୁପି କହିଲା, "ଜଗନ୍ନାଥ ଆଜି ତୁମ ଡାକ ଶୁଣିଲେ କି ?"

ଶିହରି ଉଠିଲା ପିନୁ । ଥରି ଥରି ବିଶ୍ୱର ପାଖକୁ ଲାଗିଗଲା । ତଳକୁ ମୁହଁ ପୋତି ଚୁପି ଚୁପି କହିଲା - ନିଶ୍ଚୟ ଶୁଣିଛନ୍ତି । ତୁମ ସହିତ ଆଜି ଏଠି ଏମିତି ଅଚାନକ ଭେଟ ତୁମକୁ ଆଶ୍ଚର୍ଯ୍ୟ ଲାଗୁନି ? ସବୁ ତାଙ୍କରି ଇଚ୍ଛା ।"

କଥା ଛଡେଇ ବିଶ୍ୱ କହିଲା, ବିଶ୍ୱାସ କର, ମୋ ଚାକିରି ପକ୍କା ହେବା ଦିନରୁ ମନେ ମନେ ତୁମକୁ ବହୁତ ଖୋଜୁଥିଲି । ଆଜି ଜଗନ୍ନାଥଙ୍କ କୃପାରୁ ତୁମ ସହ ଏଇଠି ଭେଟ । କେବଳ ଭେଟ ନୁହେଁ ତ, ତୁମ ଜୀବନ ଡୋରି ଆଉ ଜଣକ ଜୀବନ ସହ ଛନ୍ଦି ଦେଇଛନ୍ତି ମହାବାହୁ । ନା କ'ଣ କହୁଛ ?

ବିଶ୍ୱର ହାତକୁ ମୁଠେଇ ଧରିଲା ପିନୁ । ତଳକୁ ମୁହଁ ପୋତି ଫିସ ଫିସ କହିଲା - ଜଗନ୍ନାଥଙ୍କ ଇଚ୍ଛାକୁ ମୁଁ ସ୍ୱୀକାର କରୁଛି ।

ଖଣ୍ଡେ ଦୂରରେ ତିନିଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ଏ ଦୃଶ୍ୟ ଦେଖି ଖୁସି ବ୍ୟକ୍ତ କରୁଥିଲେ ଏବଂ ଅନୁଭବ କରୁଥିଲେ ଐଶ୍ୱରୀୟ ସତ୍ତାକୁ ।


+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ଏସ୍‌ସିବି, ଶିଶୁଭବନରେ ମିଳୁନି ଏପିଲେପ୍ସି ସର୍ଜରି ଚିକିତ୍ସା: ବର୍ଷକୁ ୨ ଶହ ଶିଶୁରୋଗୀ ଯାଉଛନ୍ତି ମୁମ୍ବାଇ




କଟକ,୨୦/୪(ନି. ପ୍ର): ଶିଶୁରୋଗୀଙ୍କ ସ୍ନାୟୁଶଲ୍ୟ (ନ୍ୟୁରୋସର୍ଜରି) ବିଶେଷ କରି ଏପିଲେପ୍ସି ସର୍ଜରି ଚିକିତ୍ସା ଶିଶୁଭବନ କିମ୍ବା ଏସ୍‌ସିବିରେ ସମ୍ଭବ ହୋଇପାରୁନି। ସେଥିପାଇଁ ପ୍ରତିବର୍ଷ କେବଳ କଟକ ଜିଲ୍ଲାରୁ ପାଖାପାଖି ୪୦ଜଣ ଶିଶୁ ଯାଉଛନ୍ତି ମୁମ୍ବାଇ। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଉକ୍ତ ଶିଶୁମାନଙ୍କୁ ଚିହ୍ନଟ କରାଯାଇ ମୁମ୍ବାଇସ୍ଥିତ ଏଚ୍‌ଆରପିସି ଚିଲ୍‌ଡ୍ରେନ୍ ହସ୍ପିଟାଲକୁ ପଠାଯାଉଛି। ରାଜ୍ୟର ସବୁ ଜିଲ୍ଲାକୁ ହିସାବକୁ ନେଲେ ଏହି ସଂଖ୍ୟା ୨ ଶହରୁ ଅଧିକ ହୋଇଯାଉଛି। ଅନ୍ୟପଟେ ଏପିଲେପ୍ସି ଚିକିତ୍ସା ଏସ୍‌ସିବିରେ ମିଳୁଛି। ସେମାନଙ୍କୁ ଔଷଧ ଚିକିତ୍ସା ମିଳୁଥିବା ବେଳେ ସର୍ଜରି ଚିକିତ୍ସା କିନ୍ତୁ ମିଳୁନି। ଏପିଲେପ୍ସି ସର୍ଜରି କେଉଁ ଶିଶୁରୋଗୀଙ୍କର ହେବ ତାହା ଶିଶୁଭବନରେ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ପାଇଁ ମୁମ୍ବାଇର ଏଚ୍‌ଆରପିସି ଚିଲ୍‌ଡ୍ରେନ୍ ହସ୍ପିଟାଲକୁ ପଠାଯାଇଥାଏ। ସେଠାରେ ସେମାନଙ୍କ ଚିକିତ୍ସା ଓ ରହିବା ଖର୍ଚ୍ଚ ସରକାର ବହନ କରିଥାନ୍ତି। ଏସ୍‌ସିବି ଓ ଶିଶୁଭବନରେ ଏପିଲେପ୍ସି ସର୍ଜରି ଓ ହୃଦ୍ ଅସ୍ତ୍ରୋପଚାର ପାଇଁ ରାଜ୍ୟ ବାହାରର ୫ଟି ହସ୍ପିଟାଲକୁ ଏବେ ଶିଶୁଙ୍କୁ ପଠାଯାଉଛି।

ଅନ୍ୟପଟେ ରାଜ୍ୟରେ ଶିଶୁରୋଗୀଙ୍କ ଚିକିତ୍ସାର ଏକମାତ୍ର ସରକାରୀ ହସ୍ପିଟାଲ କଟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ୫ ବର୍ଷରେ ୧୦ ହଜାର ୧୫୪ ଶିଶୁଙ୍କ ଜୀବନ ଗଲାଣି। ଅର୍ଥାତ ଦିନକୁ ୫ରୁ ୬ ଜଣ ଶିଶୁଙ୍କର ଜୀବନ ଯାଉଛି ଶିଶୁଭବନରେ। ବିଭିନ୍ନ କାରଣରୁ ଏହି ଶିଶୁଙ୍କ ମୃତ୍ୟୁ ହେଉଥିବାବେଳେ ଅନେକ ଶିଶୁ ଠିକ୍ ସମୟରେ ଏସ୍‌ଏନ୍‌ସିୟୁ ପାଉ ନଥିବା ଅଭିଯୋଗ ହେଉଛି। ଏପରିକି ଅନେକ ଶିଶୁ ଗୁରୁତର ଅବସ୍ଥାରେ ଶେଷ ସମୟରେ ଶିଶୁଭବନ ଚିକିତ୍ସା ପାଇଁ ଆସୁଥିବାରୁ ସେମାନଙ୍କ ଚିକିତ୍ସା ଆରମ୍ଭ ହେଲାବେଳକୁ ଅକାଳରେ ସେମାନଙ୍କ ଜୀବନ ଚାଲିଯାଉଛି। ଏଭଳି ସ୍ଥିତିରେ ଶିଶୁଭବନ ନୂଆ କୋଠା ଲୋକାର୍ପଣ ହୋଇଥିଲେ ବି ସବୁ ବେଡ୍, ଆଇସିୟୁ କାର୍ଯ୍ୟକ୍ଷମ ହୋଇପାରୁନି। ଅବଶ୍ୟ ଶିଶୁଭବନରେ ପ୍ରତିବର୍ଷ ଶିଶୁ ମୃତ୍ୟୁସଂଖ୍ୟା ହ୍ରାସ ପାଉଛି। ୨୦୨୦ରେ ୨୨୮୭ ଶିଶୁଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୨୧ରେ ୨୨୦୧, ୨୦୨୨ରେ ୨୩୪୪, ୨୦୨୩ରେ ୧୮୭୩, ୨୦୨୪ରେ ୧୪୪୯ଜଣ ଶିଶୁଙ୍କର ମୃତ୍ୟୁ ଘଟିଛି। କିନ୍ତୁ ଭିତ୍ତିଭୂମି ବିକାଶର ସୁଯୋଗ ଥାଇ ମଧ୍ୟ ତାହା କାର୍ଯ୍ୟକାରୀ ନ ହେବା ଉଦ୍‌ବେଗର କାରଣ ହୋଇଛି।

# ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାର ଚତୁର୍ଥ ଦିନରେ ଫୁଟବଲ, ବାସ୍କେଟବଲ(ପୁ), ବାସ୍କେଟବଲ ମହିଳାରେ ଯଥାକ୍ରମେ ସମ୍ବଲପୁର, ଉତ୍କଳ ଓ ବ୍ରହ୍ମପର ବିଶ୍ୱବିଦ୍ୟାଳୟ ବିଜୟୀ

କେନ୍ଦୁଝର ,୨୦/୪(ନି. ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ କ୍ରିଡ଼ା ପ୍ରତିଯୋଗିତା ର ଚତୁର୍ଥ ଦିନ। ଶଙ୍କର ପୁର ଖେଳ ପଡିଆ ରେ ଅନୁଷ୍ଠିତ ହୋଇଯାଇଛି ଫୁଟ ବଲ ଫାଇନାଲ ମ୍ୟାଚ୍ ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ କୁ ପରାସ୍ତ କରିଛି। ଧରଣୀଧର ମେଡିକାଲ କଲେଜରେ ରେ ଅନୁଷ୍ଠିତ ବସ୍କେଟ ବଲ ପୁରୁଷ ବିଭାଗ ଫାଇନାଲ ମ୍ୟାଚ୍ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁ ପରାସ୍ତ କରିଛି। ମହିଳା ଫାଇନାଲ ମ୍ୟାଚ୍ ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖୋଲିକଟ ବିଶ୍ୱବିଦ୍ୟାଳୟ କୁ ପରାସ୍ତ କରିଛ। କ୍ୟାରମ୍ ପ୍ରତିଯୋଗିତା ର ପୁରୁଷ ଫାଇନାଲ ମ୍ୟାଚ୍ ରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଖୋଲିକୋଟ ବିଶ୍ୱବିଦ୍ୟାଳୟ କୁ ପରାସ୍ତ କରିଛି ଓ ମହିଳା ଫାଇନାଲ ମ୍ୟାଚ୍ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟା କୁ ପରାସ୍ତ କରିଛି।ଚେସ ପ୍ରତିଯୋଗିତା ର ପୁରୁଷ ବିଭାଗ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁ ପରାସ୍ତ କରିଛି। ମହିଳା ବିଭାଗ ରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ରେଭେନ୍ସା କୁ ପରାସ୍ତ କରିଛି।ବ୍ୟାଡମିଣ୍ଟନ ଫାଇନାଲ ପୁରୁଷ ବିଭାଗ ସିଙ୍ଗେଲ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁ ପରାସ୍ତ କରିଥିବା ବେଳେ ମହିଳା ଫାଇନାଲ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁ ପରାସ୍ତ କରିଛି। ଡବଲ ମେନ୍ ରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଥିବା ବେଳେ ଓମେନ୍ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉତ୍କଳକୁ ପରାସ୍ତ କରିଛି।ଟେବୁଲ୍ ଟେନିସ ମେନ୍ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁ ପରାସ୍ତ କରିଛି।ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ପ୍ରଥମ ଥର ପାଇଁ ଆକର୍ଷଣୀୟ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମହିଳା ଫାଇନାଲ ମ୍ୟାଚ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ କୁ ୨/୦ ରେ ପରାସ୍ତ କରିଛି।ଚାମ୍ପିଅନ ହୋଇଥିବା ସମସ୍ତ ଟିମ୍ କୁ ଆଜି ଉଦଯାପନୀ ଉତ୍ସବରେ ରେ ଅର୍ଥ ରାଶି ଓ ଟ୍ରଫି ପ୍ରଦାନ କରାଯିବ ।

# ବିଧାନସଭା ସ୍ତରୀୟ ସକ୍ରିୟ ସଦସ୍ୟ ପ୍ରଶିକ୍ଷଣ ବର୍ଗ

ଭଦ୍ରକ,୨୦/୪(ନି. ପ୍ର): ଭାରତୀୟ ଜନତା ପାର୍ଟି ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସକ୍ରିୟ ସଦସ୍ୟ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ଲକ ତୋଡଗାଁସ୍ଥିତ ଅମର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବରିଷ୍ଠ କାର୍ଯ୍ୟକର୍ତ୍ତା କମଳାକାନ୍ତ ସାହୁ ସଂଯୋଜନା କରିଥିଲେ । ଏଥିରେ ବାସୁଦେବପୁର ବିଜେପି ନେତା ଅଶୋକ କୁମାର ସାହୁ ଯୋଗ ଦେଇ ପାର୍ଟିର ନିର୍ବାଚନୀ ସଫଳତା ଓ ସଂଗଠନାତ୍ମକ ବିସ୍ତାର ଉପରେ ଆଲୋଚନା କରି ଦଳର ଦେବଦୁର୍ଲ୍ଲଭ କାର୍ଯ୍ୟକର୍ତାଙ୍କ ସାଂଗଠନିକ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଭଣ୍ଡାରିପୋଖରୀ ବିଧାନସଭା ନେତା ଡଃ.ସୁଧାଂଶୁ ଶେଖର ନାୟକ ଯୋଗ ଦେଇ ଭାରତୀୟ ରାଜନୀତିରେ ବିଜେପି ସରକାରର ପରିବର୍ତନ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟରେ ମୋହନ ସରକାରଙ୍କ ସାଧାରଣଲୋକଙ୍କ ହିତରେ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ପୂର୍ବତନ ଜିଲା ବିଜେପି ସଭାପତି ଅକ୍ଷୟ କୁମାର ସାହୁ ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଦିଗରେ ୧୧ ବର୍ଷର ଯାତ୍ରା ଉପରେ କର୍ମୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ସହ ସଂଯୋଜକ ଗିରିଶ ଚନ୍ଦ୍ର ସାମଲ, କିଶୋର କିଙ୍କର ପଢିଆରୀ, ବନ୍ତ ମଣ୍ଡଳ ସଭାପତି ସନ୍ତୋଷ କୁମାର ନାୟକ, ବରଡେଶ୍ୱର ମଣ୍ଡଳ ସଭାପତି ଇଂ.ପ୍ରମୋଦ କୁମାର ଜେନା, ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଭଣ୍ଡାରିପୋଖରୀ ମଣ୍ଡଳ ସଭାପତି ତରଣୀସେନ ଜେନା, ରଞ୍ଜନ କୁମାର ପରିଡା, ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ୪୮ ଗୋଟି ପଂଚାୟତର ସକ୍ରିୟ ସଦସ୍ୟ, ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀ ମାନେ ଯୋଗ ଦେଇଥିଲେ ।

# ଓଡ଼ିଆ ସପ୍ତାହ ପାଳିତ

ସୁବର୍ଣ୍ଣପୁର,୨୦/୪(ନି. ପ୍ର):ଓଡ଼ିଆ ଭାଷା ଓ ଲିପିର ସମୃଦ୍ଧି ତଥା ପ୍ରଶାସନିକ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାରିକ କାର୍ଯ୍ୟ ସମ୍ପାଦନକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଓଡ଼ିଆ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ କାର୍ଯ୍ୟାଳୟର ପ୍ରଶାସନିକ କର୍ମଚାରୀଙ୍କ ମଧ୍ୟରେ 'ସମାଜ ବିକାଶରେ ଆମ ଭାଷା ସଂସ୍କୃତିର ଭୂମିକା' ଶୀର୍ଷକରେ ପ୍ରବନ୍ଧ ଲିଖନ ଏବଂ 'ପ୍ରଶାସନିକ ବିଧି ବ୍ୟବସ୍ଥାରେ ଓଡ଼ିଆ ଭାଷାର ଗୁରୁତ୍ୱ' କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ସହକାରୀ ଜିଲ୍ଲାପାଳ ଜ୍ୟୋତିର୍ମୟୀ ମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସୃଜନାତ୍ମକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ଡେପୁଟି ଜିଲ୍ଲାପାଳ ଯଶସ୍ୱୀନି ପୋଥାଲ ଅତିଥି ଭାବେ ଯୋଗଦେଇ ପ୍ରଶାସନିକ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରଚଳନ ସମାଜ ବିକାଶରେ ଗୁରୁତ୍ୱ ରଖେ ବୋଲି କହିବା ସହ ଓଡ଼ିଆ ଲିପି ଓ ଭାଷାର ବ୍ୟବହାର୍ଯ୍ୟ ଦିଗ ପ୍ରତି ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଓଡ଼ିଆ ଅସ୍ମିତାର ପ୍ରାଚୁର୍ଯ୍ୟକୁ ବଜାୟ ରଖିବାକୁ ସମୂହ ସଂକଳ୍ପ ନିଆଯାଇଥିଲା ।

# ଚେଇଁ ଉଠିଛି ଓଡ଼ିଶା ପୁଲିସ: ଦେଢ଼ବର୍ଷ ଚୁପ୍ ଥିଲା; ମାସକରେ ୧୬ ଏନ୍‌କାଉଣ୍ଟର



କଟକ,୨୦/୪(ନି. ପ୍ର): ୨୦୨୩ ସେପଟ୍ମେର ୧୬ ତାରିଖରେ କଟକ କମିସନରେଟ୍ ପୁଲିସ କରିଥିଲା ଶେଷ ଏନ୍‌କାଉଣ୍ଟର। ସେହିବର୍ଷ ମାର୍ଚ୍ଚ ୩ରେ ବି ଗୋଟିଏ ଏନ୍‌କାଉଣ୍ଟର ହୋଇଥିଲା। ୧୯ ମାସର ବ୍ୟବଧାନ ପରେ କଟକ କମିସନରେଟ୍ ପୁଲିସ ଗତ ୧୬ ତାରିଖ ରାତିରେ କରିଛି ଡବଲ୍ ଏନ୍‌କାଉଣ୍ଟର। ଯେଉଁ ଢଙ୍ଗରେ ପୁଲିସ ଏହି ଏନ୍‌କାଉଣ୍ଟର କରିଛି, ତାହାକୁ ନେଇ ସନ୍ଦେହ ବଢୁଛି। ଓଡ଼ିଶା ପୁଲିସ ହଠାତ୍ ନିଜକୁ ଦକ୍ଷ ବୋଲି ପ୍ରମାଣିତ କରିବା ପାଇଁ ଏନ୍‌କାଉଣ୍ଟରକୁ ମାଧ୍ୟମ କରିବା ନେଇ ପ୍ରଶ୍ନ ଉଠୁଛି। ପାଖାପାଖି ଦେଢ଼ବର୍ଷ ହେଲା ପୁଲିସ ଏନ୍‌କାଉଣ୍ଟର ରାଜ୍ୟରେ ଶୂନ ଥିବା ବେଳେ ହଠାତ ଚେଇଁ ଉଠିବା ଏବଂ ଫେବ୍ରୁଆରି ୧୭ରୁ ଏପ୍ରିଲ ୧୬ ତାରିଖ, ମାତ୍ର ମାସକ ମଧ୍ୟରେ ୧୬ ଜଣ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରିବା ଘଟଣା ରହସ୍ୟମୟ ହେବାରେ ଲାଗିଛି। କଟକ ସମେତ ଭୁବନେଶ୍ୱର, ଅନୁଗୁଳ, ରାଉରକେଲା, ସମ୍ବଲପୁର ଓ ଝାରସୁଗୁଡ଼ାରେ ପୁଲିସ ଏଭଳି ଏନ୍‌କାଉଣ୍ଟର କରିଛି। କିନ୍ତୁ ପୁଲିସ ଏନ୍‌କାଉଣ୍ଟର ସଂପର୍କରେ ଯାହା ବର୍ଣ୍ଣନା କରୁଛି, ବାସ୍ତବ ଘଟଣା ସହ ତାହା ଅନେକ କ୍ଷେତ୍ରରେ ମେଳ ଖାଉ ନ ଥିବାରୁ ଏଭଳି ଏନ୍‌କାଉଣ୍ଟର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତଥ୍ୟ ଅନୁଯାୟୀ ୨୦୨୩ ମାର୍ଚ୍ଚ ୩ ରେ ରାଣୀହାଟ ଗୋପାଳସାହିର ଶଙ୍କର ଓରଫ୍ ଦୀପକ ନାୟକକୁ ଭୁଆଶୁଣି ପଠାରେ ଏନ୍‌କାଉଣ୍ଟର କରାଯାଇଥିଲା। ସେହି ବର୍ଷ ସେପଟ୍ମେର ୧୬ରେ ମଙ୍ଗୁ ଓରଫ୍ ମନୋଜ ମହାରଣାକୁ କନ୍ଦରପୁର ଥାନା ପୁଲିସ ସଦର ଥାନା କାଜିପାଟଣା ନିକଟରେ ଏନ୍‌କାଉଣ୍ଟର କରିଥିଲା। କିନ୍ତୁ ୨୦୨୫ରେ ପୁଲିସ ଯେଉଁ ଏନ୍‌କାଉଣ୍ଟର ଅଭିଯାନ ଆରମ୍ଭ କରିଛି ସେଥିରେ ରହିଛି ଫେବ୍ରୁଆରି ୧୭ରେ ଭୁବନେଶ୍ୱର ବାଲିଅନ୍ତା ନିକଟରେ ମଧ୍ୟପ୍ରଦେଶର ଅପରାଧୀ ଅର୍ଜୁନ ଆନାରେ ଏନ୍‌କାଉଣ୍ଟର। ପରକୁ ପର ମାର୍ଚ୍ଚ ୪ରେ ସମ୍ବଲପୁର ଅଇଁଠାପାଲି ଅଞ୍ଚଳରେ ଦୁର୍ଦ୍ଦାନ୍ତ ଅପରାଧୀ ମହେଶ କୁମାର ଏନ୍‌କାଉଣ୍ଟର, ମାର୍ଚ୍ଚ ୮ ରାତିରେ ଭୁବନେଶ୍ୱର ବଡ଼ଗଡ଼ ଥାନା ଅଞ୍ଚଳରେ ବିହାରୀ ଡକାୟତ ଦୀପକ କୁମାର ଏନ୍‌କାଉଣ୍ଟର, ମାର୍ଚ୍ଚ ୧୧ ରାତିରେ ସମ୍ବଲପୁର ପୁଲିସ ପକ୍ଷରୁ ପଶ୍ଚିମବଙ୍ଗ ହାଓ୍ୱଡ଼ାର ଦୁଇ ଗୋରୁ ମାଫିଆ ସେକ୍ ମଣ୍ଟୋ ହକ୍ ଓ ସେକ୍ ଆରିଫକୁ ଏନ୍‌କାଉଣ୍ଟର, ମାର୍ଚ୍ଚ ୧୨ରେ ରାଉରକେଲା ପୁଲିସର ଦୁର୍ଦ୍ଦାନ୍ତ ବେୟାସ ଲାଖୁଆକୁ ଏନ୍‌କାଉଣ୍ଟର, ଏପ୍ରିଲ ୨ ବିଳମ୍ବିତ ରାତିରେ ଅନୁଗୁଳ ଜିଲ୍ଲା ତାଳଚେର ତାଳବେଡ଼ା ଜଙ୍ଗଲରେ ଦୁର୍ଦ୍ଦାନ୍ତ ଅପରାଧୀ ସୁଶାନ୍ତ କୁମାର ନାୟକ ଓରଫ୍ ଝାମୁକୁ ଏନ୍‌କାଉଣ୍ଟର, ଏପ୍ରିଲ ୪ ସକାଳେ ଦୁଇ ବିହାରୀ ଲୁଟେରା ସୋନୁ ଯାଦବ ଓ ମନୀଷ ଯାଦବକୁ ଭୁବନେଶ୍ୱର ସହିଦନଗର ଥାନା ବାଙ୍କୁଆଳରେ ଏନ୍‌କାଉଣ୍ଟର, ଏପ୍ରିଲ ୬ରେ ଦୁର୍ଦ୍ଦାନ୍ତ ଅପରାଧୀ କ୍ଷୀରୋଦ ନାୟକକୁ ଅନୁଗୁଳ ପୁଲିସର ଏନ୍‌କାଉଣ୍ଟର, ଏପ୍ରିଲ ୧୦ ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଜୟଦେବ ବାଟିକା ଅଞ୍ଚଳରେ ବ୍ରାଉନ୍‌ସୁଗାର ମାଫିଆ ସେକ୍ ଜାମସେଦକୁ ଏନ୍‌କାଉଣ୍ଟର, ଏପ୍ରିଲ ୧୩ରେ ସମ୍ବଲପୁର ପୁଲିସ ପକ୍ଷରୁ ସୀତାରାମ ଷଡ଼ଙ୍ଗୀକୁ ଏନ୍‌କାଉଣ୍ଟର, ଏପ୍ରିଲ ୧୨ରେ ଝାରସୁଗୁଡ଼ା ପୁଲିସ ଦ୍ୱାରା ସେକ ଆସିଫ ଓ ଅଭିଷେକ ବାରିକକୁ ଏନ୍‌କାଉଣ୍ଟରଓ ଏପ୍ରିଲ ୧୬ ତାରିଖ ରାତିରେ ଭୁବନେଶ୍ୱର ନନ୍ଦନକାନନ ଥାନା ଅଞ୍ଚଳର କଟାସ ଓରଫ୍ ସଂଗ୍ରାମ ଓରଫ୍ ସଂଯୋଗ ରାଉତ ଓ କଟକ ବୟାଳିଶମୌଜାର ଶୁଭ ଓରଫ୍ ଜୁବୁଲା ଓରଫ୍ ଶୁଭ୍ରାଂଶୁ ପରିଡ଼ାକୁ କଟକ ପୁଲିସର ଏନ୍‌କାଉଣ୍ଟର ଘଟଣା। ରାଜ୍ୟରେ ଅପରାଧ, ନିୟନ୍ତ୍ରଣ ବାହାରକୁ ଯାଇଥିବାରୁ ଭୟ ସୃଷ୍ଟି କରିବାକୁ ପୁଲିସ ଏଭଳି ଏନ୍‌କାଉଣ୍ଟର କରୁଛି ନା ନିଜର ପାରିବାପଣିଆ ସାବ୍ୟସ୍ତ କରିବାକୁ ଏହି ଅଭିଯାନ ଆରମ୍ଭ କରିଛି, ତାହା ଏବେ ବଡ଼ ପ୍ରଶ୍ନ। ଏସବୁ ଏନ୍‌କାଉଣ୍ଟର କରିଥିବା ପୁଲିସ ଅଧିକାରୀଙ୍କ ଗୁଳିଚାଳନା ବିଶେଷ କରି ଗୋଡ଼ର ନିର୍ଦ୍ଦିଷ୍ଟ ସ୍ଥାନରେ ଗୁଳି ଫୁଟାଇବାର ଦକ୍ଷତା ବି ଆଲୋଚ୍ୟ ବିଷୟ ହୋଇଛି।

# ଓଡ଼ିଆ ଉପନ୍ୟାସରେ ବିସ୍ଥାପନ ସମସ୍ୟା ସମ୍ପର୍କିତ ପାଠଚକ୍ର ସମାପିତ

ଜୟପୁର,୨୦/୪(ନି. ପ୍ର): ଜୟପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ପରିସରରେ ଅଧ୍ୟକ୍ଷ ଡ ବିବେକାନନ୍ଦ ସୁନାଙ୍କ ଅଧ୍ୟକ୍ଷତାରେ ସ୍ନାତକୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଓଡ଼ିଆ ଉପନ୍ୟାସରେ ବିସ୍ଥାପନ ସମସ୍ୟା ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ପର ଭାରତ ବର୍ଷରେ ବିସ୍ଥାପନ ଏକ ପ୍ରମୁଖ ସମସ୍ୟା ଭାବେ ମଥା ଉତୋଳନ କରି ସାଧାରଣ ଲୋକଙ୍କ ଜୀବନ ଓ ଜୀବିକା କିଭଳି ବିପନ୍ନ ହୁଏ ସେ ସମ୍ପର୍କରେ ଅଧ୍ୟକ୍ଷ ମହୋଦୟ ଉଦ୍ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ଓଡିଆ ବିଭାଗର ବରିଷ୍ଠ ସହାୟକ ପ୍ରାଧ୍ୟାପକ ଡ ଆଲୋକ ବରାଳ ଯୋଗ ଦେଇ ଜଗତୀକରଣର କୁପ୍ରଭାବ ହେତୁ ପାରମ୍ପରିକ ଜୀବନଧାରା ଓ ସଂସ୍କୃତି କିଭଳି କ୍ଷତିଗ୍ରସ୍ତ ହୁଏ ଯାହା ଫଳରେ ସମାଜ, ଅର୍ଥନୀତି, ପରିବାର, ସଂସ୍କୃତି ଲୋପ ପାଇଯାଏ ଏବଂ ଏହି କ୍ଷୟିଷ୍ଣୁ ଜୀବନଧାରାର କରୁଣ ତଥା ମାର୍ମିକ ଚିତ୍ର କିଭଳି ଓଡିଆ ଉପନ୍ୟାସରେ ବର୍ଣ୍ଣିତ ତାହାର ବାସ୍ତବ ରୂପ ସେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ବୃହତ ଶିଳ୍ପ ସାମ୍ରାଜ୍ୟ, ବିଶାଳ ନଦୀବନ୍ଧ ଓ ଦେଶର ଆର୍ଥନୀତିକ ବିକାଶ ସକାଶେ ସ୍ଥାପିତ ଅନେକ ପ୍ରକଳ୍ପ କିଭଳି ସାଧାରଣ ଜନତାଙ୍କ ଜୀବନ ଜୀବିକା କିଭଳି ବିପନ୍ନ ହୁଏ ସେ ସମ୍ପର୍କରେ ମଧ୍ୟ ବାସ୍ତବ ତଥ୍ୟ ଉପସ୍ଥାପନ କରିଥିଲେ ଡ ବରାଳ। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗ ମୁଖ୍ୟ ଡ ଡମ୍ବରୁଧର ଦାସ ସଂଚାଳନ କରିଥିଲାବେଳେ ଶ୍ରୀମତୀ ସୁନୀତା କୁମାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ଛାତ୍ରୀ ଓ ଅନ୍ୟାନ୍ୟ ଅଧ୍ୟାପକବୃନ୍ଦ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଭାଗ ନେଇ ପାଠଚକ୍ରକୁ ସଫଳମଣ୍ଡିତ କରିଥିଲେ।

# କେନ୍ଦ୍ରାପଡା ପୋଷ୍ଟାଲ୍ ଡିଭିଜନ୍‌ର ଜନ୍ମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୨୦/୪(ନି. ପ୍ର): କେନ୍ଦ୍ରାପଡା ପୋଷ୍ଟାଲ୍ ଡିଭିଜନ୍‌ର ଚତୁର୍ଥତମ ଜନ୍ମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ସେ ଜାଭିୟର୍ସ ସ୍କୁଲର ଅଧ୍ୟକ୍ଷ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡିଭିଜନର ସୁପରିଟେଣ୍ଡେ ରଂଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜନ୍ମ ଉତ୍ସବରେ ଆଇ.ପି.ପି.ବି ର ଶାଖା ପରିଚାଳକ ଦୁର୍ଗାମାଧବ ପରିଡା, ମୁଖ୍ୟ କାର୍ଯ୍ୟାଳୟର ଏଏସ୍‌ପି ବିଭୁତି ଭୂଷଣ ପଣ୍ଡା, ନର୍ଥ ସବ୍‌ଡିଭିଜନର ଏଏସ୍‌ପି ବିଜୟ କୁମାର ପ୍ରଧାନ, ସାଉଥ୍‌ର ସଚିନ୍ କୁମାର, ପଟ୍ଟାମୁଣ୍ଡାଇ ଡିଭିଜନର ଅଙ୍କୁର ନସ୍କାରଙ୍କ ସହ ପୋଷ୍ଟ ମାଷ୍ଟର ଉପସ୍ଥିତ ରହି ବ୍ୟବସାୟ କ୍ଷେତ୍ରରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସଭାରେ ସମସ୍ତ ଅତିଥି, କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଡିଭିଜନଟି କିଭଳି ଆହୁରି ଆଗକୁ ବଢିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଓଭରସର୍ କମଳାକାନ୍ତ ତ୍ରିପାଠୀ, ସେକ୍ ଲୟାକତ୍ ଅଲ୍ଲୀ, ସେକ୍ ସନ୍‌ଓ୍ୱର ଅଲ୍ଲୀ, ତୃତୀୟ ଶ୍ରେଣୀ ଗ୍ରାମୀଣ ଡାକ କର୍ମଚାରୀ ସଂଘର ସଂପାଦକ ବିଜୟ କିଶୋର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ରଣୀ ସଫଳ କର୍ମଚାରୀ ୩୦ ଜଣଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା।

# ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ତିହିଡ଼ି ବ୍ଲକ କମିଟି ପକ୍ଷରୁ ବିକ୍ଷୋଭ

ଭଦ୍ରକ,୨୦/୪(ନି. ପ୍ର): ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ତିହିଡ଼ି ବ୍ଲକ କମିଟି ପକ୍ଷରୁ ଶନିବାର କ୍ଷେତମଜଦୁର ଓ ଗ୍ରାମଣି ଶ୍ରମିକମାନଙ୍କ ଜୀବନ ଜୀବିକା ସୁରକ୍ଷା ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭିକ୍ଷେଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସିପିଏମ ଆଂଚଳିକ କମିଟି ସମ୍ପାଦକ ବିଷ୍ଣୁ ଦାଶଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଷେତମଜଦୁର ୟୁନିୟନ ଜିଲା ସଭାପତି ପ୍ରଫୁଲ୍ଲ ପାଢ଼ୀ, ବରିଷ୍ଠ ଶ୍ରମିକନେତା ନାରାୟଣ ଦାଶ, ମଳୟ ଭୋଇ, ସତ୍ୟବ୍ରତ କୁଣ୍ଡ, ନିର୍ମଳ ଦଳାଇ, ଭାଗବତ ସେନାପତି, ବାଦଲ ଦାସ, ଶ୍ରୀଧର ଜେନା, ଜ୍ୟୋତିର୍ମୟ ମଳିକ, ବିଜୟ ଦାସ, ଫକୀର ମହାଳିକ, ମୋହନ ମହାଳିକ, ଭିକାରୀ ଚରଣ ନାୟକ, ଅର୍ଜୁନ ବଳ, ଅକ୍ଷୟ ସାହୁ, କୁଶ ବାରିକ, ଅନନ୍ତ ଜେନା, ପୀତାମ୍ବର ମଳିକ, ରାମ ମହାଳିକ, ଅଲେଖ ବାରିକ, ବନମାଳି ମହାନ୍ତି, ସୁବାସ ମହାଳିକ, ନବ ଜେନା, ସେକ୍ ଲିଟୁ, ସେନ୍ ସାହା, ମୁକ୍ତିକାନ୍ତ ଭଳ, ସତ୍ୟଜିତ୍ କୁଣ୍ଡ, ମହିଳା ଶ୍ରମିକ କନକଲତା ଦାସ ପ୍ରମୁଖ ଯୋଗ ଦେଇ କ୍ଷେତ ମଜଦୁର ଓ ଗ୍ରାମିଣ ଶ୍ରମିକମାନଙ୍କୁ କାମ, ନାଯ୍ୟ ମଜୁରୀ, ଖାଦ୍ୟ, ବାସଗୃହ ଓ ସାମାଜିକ ନିରାପତା, ନାଗରିକର ସାମ୍ବିଧାନିକ ଅଧିକାର ଇତ୍ୟାଦି ଦାବି ପୂରଣ କରିବା ସହିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ଓଡ଼ିଶାର ମନରେଗା ଶ୍ରମିକମାନଙ୍କ ମଜୁରି ୨୭୨ଟଙ୍କା ଧାର୍ଯ୍ୟ କରିବା ଶ୍ରମିକମାନଙ୍କୁ ଉପହାସ ସହିତ ସମାନ ବୋଲି କହିଥିବା ବେଳେ ଦୈନିକ ମଜୁରୀ ୬୦୦ଟଙ୍କା କରାଯିବା ଆବଶ୍ୟକ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ଼ ଯୋଗାଇ ଦେବା, ଭୂମିହୀନ ପରିବାରକୁ ଘରଡିହ ଓ ବାସଗୃହ ଯୋଗାଇଦେବା, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତା ମାସିକ ୩ହଜାର ଟଙ୍କା କରିବା, ୩୦୦ୟୁନିଟ୍ ମାଗଣା ବିଜୁଳି ପ୍ରଦାନ କରିବା, ଭାଗଚାଷୀଙ୍କ ପାଇଁ ଆଇନଗତ ବ୍ୟବସ୍ଥା କରିବା, ସମସ୍ତ ଚାଷୀଙ୍କ ଋଣ ଛାଡ଼ କରିବା, ଜଂଗଲ ଅଧିକାର ଆଇ ଅନୁଯାୟୀ ଜଙ୍ଗଲ ଅଧିକାର ଆଦିବାସୀମାନଙ୍କୁ ଯୋଗାଇ ଦେବା, ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବା, ସ୍କିମ୍ ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ଦେବା, ବେକାର ଯୁବକ ଯୁବତୀମାନଙ୍କୁ ବର୍ଷକୁ ୨କୋଟି ନିଯୁକ୍ତି ଦେବା ଇତ୍ୟାଦି ଦାବି କରିଥିଲେ।

# କ୍ରୀଡ଼ା ପ୍ରତିଯୋଗିତାର ତୃତୀୟ ଦିନ ସୁଦ୍ଧା ଆୟୋଜକ ଅନୁଷ୍ଠାନର ନୈରାଶ୍ୟଜନକ ପ୍ରଦର୍ଶନ ଘଟଣାରେ କର୍ତ୍ତୃପକ୍ଷଙ୍କ ପାରିବାପଣିଆକୁ ନେଇ ବଢିଲା ଚର୍ଚ୍ଚା

କେନ୍ଦୁଝର,୨୦/୪(ନି. ପ୍ର): ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିଡ଼ା ପ୍ରତିଯୋଗୀତାର ତୃତୀୟ ଦିନ ସୁଦ୍ଧା ଆୟୋଜକକାରୀ ବିଶ୍ୱବିଦ୍ୟାଳୟର ନୈରାଶ୍ୟଜନକ ପ୍ରଦର୍ଶନ ଘଟଣା କର୍ତ୍ତୃପକ୍ଷଙ୍କ ମନମାନୀ ଓ ଖାମଖିଆଲ ମନୋଭାବ ସାଙ୍ଗକୁ ଅପାରଗତାକୁ ପଦାରେ ପକାଇଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଯେଉଁ ଆୟୋଜକ କର୍ତ୍ତୃପକ୍ଷ ନିଜ ଅନୁଷ୍ଠାନର କ୍ରିଡାବିତଙ୍କୁ ଉପଯୁକ୍ତ ତାଲିମ ଦେଇ ପ୍ରତିଯୋଗିତା ପାଇଁ ଦକ୍ଷ ପ୍ରତିଯୋଗୀ ଭାବେ ଗଢିପାରିଲା ନାହିଁ ସେ କିଭଳି ଏତେ ବଡ଼ ପ୍ରତିଯୋଗୀତାର ଆୟୋଜନ କରିପାରିବେ ତା ଉପରେ ଅନେକ ସନ୍ଦେହ ପ୍ରକାଶ କରିଛନ୍ତି ଯାହା ସ୍ୱଭାବିକ । ବ୍ୟାପକ ଅବ୍ୟବ୍ୟସ୍ଥା ମଧ୍ୟରେ ଚାଲିଥିବା ଏହି ପ୍ରତିଯୋଗୀତାରେ କ୍ରିଡ଼ାବିତ୍ ମାନେ ବାରମ୍ବାର ସମ୍ମୁଖିନ ହେଉଥିବା ଅସୁବିଧାକୁ ନେଇ ଚାପା ଗୁଞ୍ଜରଣ ଲାଗିରହିଥିବା ବେଳେ ଏଥିପାଇଁ କେନ୍ଦୁଝର ଅଯଥା ବଦନାମ ହେଉଛି । ଏପଟେ ଅଯଥା ନାମ ନେବାକୁ ଚେଷ୍ଟା କରୁଥିବା ସେହି କର୍ତ୍ତୃପକ୍ଷଙ୍କର ମନମାନୀ ଓ ଅପାରଗତାକୁ ଲୋକଲୋଚନକୁ ଆଣୁଥିବା ସେହିମାନଙ୍କ ଉପରେ ଦୋଷ ଲଦି ଖସିଯିବାକୁ ଚେଷ୍ଟା କରୁଥିବା କଥା ଏବେ ଆଉ କାହାକୁ ଅଛପା ନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ଯେ, ଏହି ପ୍ରତିଯୋଗୀତା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗଠିତ କମିଟିମାନଙ୍କରେ ଲୋକଙ୍କର ଅଭାବ ନଥିବାବେଳେ ପଡ଼ିଆରେ ତଥା କ୍ରିଡ଼ାବିତଙ୍କ ଅସୁବିଧା ଦୂର କରିବାରେ କାହାର ଦେଖା ମିଳୁନହିଁ । ଏ ସମ୍ପର୍କରେ ମତାମତ ନେବାକୁ କର୍ତ୍ତୃପକ୍ଷଙ୍କ ସହ ଯୋଗଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ । ପ୍ରକାଶ ଥାଉକି, ଧରଣୀଧର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ କ୍ରିଡା ପ୍ରତିଯୋଗୀତାର ତୃତୀୟ ଦିନରେ ମାଇନିଂ ପଡିଆରେ ଅନୁଷ୍ଠିତ ପ୍ରଥମ ମହିଳା କ୍ରିକେଟ୍ ମ୍ୟାଚ୍ ରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶ୍ରୀରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି । ପୁରୁଷ କ୍ରିକେଟ୍ ମ୍ୟାଚ୍ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଖୋଲିକଟଣିକୁ ପରାସ୍ତ କରିଛି। ଶଙ୍କର ପୁର ଖେଳ ପଡିଆ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି।

ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ମହିଳା କବାଡ଼ି ମ୍ୟାଚ୍ ରେ ରମାଦେବୀ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିବା ବେଳେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସେହିପରି ପୁରୁଷ କବାଡି ମ୍ୟାଚ୍ ରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଧରଣୀଧର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଅନ୍ୟ ଏକ ମ୍ୟାଚରେ ଉତ୍କଳ ବିଶ୍ୱବିଦ୍ୟାଳୟ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ଧରଣୀଧର ମେଡିକାଲ କଲେଜରେ ଅନୁଷ୍ଠିତ ବାସ୍କେଟ ବଲ୍ ପୁରୁଷ ବିଭାଗ ମ୍ୟାଚ୍ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଅନ୍ୟ ଏକ ମ୍ୟାଚ୍ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ମହିଳା ବାସ୍କେଟ୍ ବଲ ପ୍ରତିଯୋଗୀତାରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଧରଣୀଧର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କ୍ୟାରମ୍ ପ୍ରତିଯୋଗିତାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଧରଣୀଧର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଭଲିବଲ ପ୍ରତିଯୋଗିତାରେ ଗଙ୍ଗାଧର ମେହର ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଖୋଖୋ ପୁରୁଷ ବିଭାଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ପ୍ରଥମ ଥର ପାଇଁ ଆକର୍ଷଣୀୟ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି।

# ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ୧୨୮ ତମ ଜୟନ୍ତୀ ଅନୁଷ୍ଠିତ



ବାସୁଦେବପୁର, ୨୦/୪ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସର ଓ ଜାତୀୟ କବି ବାଞ୍ଛାନିଧି ଗୋଲେଇ ଠାରେ ଶହୀଦ ତୀର୍ଥଯାତ୍ରୀ ସଂଘ ପକ୍ଷରୁ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୮ ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ପୌର ପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଜାତୀୟ କବି ବାଞ୍ଛାନିଧି ଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଝରଣା ପଟ୍ଟନାୟକ, ଶିକ୍ଷାବିତ୍ ଦୁଃଶାସନ ରାଉତ, ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, କବି ସୁଧାଂଶୁ ଶେଖର ମିଶ୍ର, ଡକ୍ଟର ମୀରାଶ୍ରୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କବି ଧନେଶ୍ୱର ରାଉତ, ରଙ୍ଗ ରାଗର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, କବି ନିରଞ୍ଜନ ସେଠି, ପ୍ରଣୟ ମହାପାତ୍ର, ଶରତ ପଣ୍ଡା, ପଦ୍ମ ଲୋଚନ ସାହୁ, ସୁଶେଶ ରଞ୍ଜନ ବାରିକ୍, କବି ରତ୍ନାକର ପଣ୍ଡା, ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ, ଉଦୟ ଜେନା, ବୈଲୋଚନ ସାହୁ, ଦେବାଶିଷ ମହାନ୍ତି, ମଣ୍ଟୁ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଶହୀଦ ତୀର୍ଥଯାତ୍ରୀ ସଂଘ ପ୍ରତିଷ୍ଠାତା ତଥା ବିଶିଷ୍ଟ ସାମ୍ୟବାଦୀ ନେତା ବୈଲୋଚନ ଜେନା ଏହି ଉତ୍ସବରେ ଜାତୀୟ କବି ବାଞ୍ଛାନିଧି ଙ୍କ ସ୍ମରଣୀୟ କାବ୍ୟ କବିତା କୁ ଆଲୋଚନା କରିବା ସହିତ ସମସ୍ତ ଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ସମସ୍ତେ ଜାତୀୟ କବି ବାଞ୍ଛାନିଧି ମହାନ୍ତି ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଓ ଜାତୀୟ ସଙ୍ଗୀତ ଗାନ କରିଥିଲେ। ସେହିପରି ଭାବେ ସ୍ରଷ୍ଟା ଓ ସୃଷ୍ଟି ଅନୁଷ୍ଠାନ ପକ୍ଷରୁ ୪୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଜାତୀୟ କବି ବାଞ୍ଛାନିଧି ମହାନ୍ତି ଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ଶିକ୍ଷାବିତ୍ ଦୁଃଶାସନ ରାଉତ, ଆଡଭୋକେଟ୍, କବି ସାହିତ୍ୟିକ ନିର୍ମଳ ଚନ୍ଦ୍ର ବେହେରା, କବି ପ୍ରହ୍ଲାଦ ବାରିକ୍, ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ୍, ଡକ୍ଟର ମୀରାଶ୍ରୀ ମହାନ୍ତି ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇ ଜାତୀୟ କବି ବାଞ୍ଛାନିଧି ଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ସେହିପରି ରଙ୍ଗ ରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଜାତୀୟ କବି ବାଞ୍ଛାନିଧି ମହାନ୍ତି ଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ରଙ୍ଗ ରାଗ ର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ଜାତୀୟ କବି ବାଞ୍ଛାନିଧି ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହିତ ଜାତୀୟ କବି ଙ୍କ କାଳଜୟୀ କବିତାକୁ ଆଲୋଚନା କରିଥିଲେ।

# ଓୟୁଜେ ପକ୍ଷରୁ ଡଗରା ବେଳାଭୂମି ସ୍ୱଚ୍ଛତା ଅଭିଯାନ



ଲଙ୍ଗଳେଶ୍ୱର , ୨୦/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଅତ୍ୟନ୍ତ ଆକର୍ଷଣୀୟ, ମନୋରମ, ଅତୁଳନୀୟ ଟଗରା ବେଳାଭୂମି ରେ ଓଡ଼ିଶା ସାମ୍ବାଦିକ ୟୁନିୟନ ପକ୍ଷରୁ ରବିବାର ସକାଳ ୮ ଘଟିକା ସମୟରେ ବେଳାଭୂମି ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ରେ ଉତ୍ତର ବାଲେଶ୍ୱର ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ସାମିଲ ହୋଇ ସଫେଇ କରିଥିଲେ। ସେ କହିଲେ ଯେ, ସାମ୍ବାଦିକ ମାନେ ଖବର ପ୍ରକାଶ କରିବା ସହିତ ସାମାଜିକ ପ୍ରତିବଦ୍ଧତା ପ୍ରଦର୍ଶନ କରିବା ଆମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବା ସହିତ ନୂତନ ପ୍ରେରଣା ଦେଇଛି।ବସ୍ତା ବିଜେପି ର ବରିଷ୍ଠ ନେତା ରବିନ୍ଦ୍ର ନାଥ ଅଣ୍ଡିଆ ସଫେଇ କାର୍ଯ୍ୟ ରେ ଯୋଗଦେଇଥିଲେ।ସେ କହିଲେ ଯେ, ଆମ ପର୍ଯ୍ୟଟନ ସ୍ଥଳୀ ରେ ସ୍ୱଚ୍ଛତା ଅଭିଯାନ କରି ସାମ୍ବାଦିକ ମାନେ ଆମକୁ ଋଣୀ କରିଦେଇଛନ୍ତି। ପ୍ରାୟ ଦୁଇ କୁଇଣ୍ଟାଲ ଅଳିଆ ଗୋଟିଏ ସ୍ଥାନରୁ ସଂଗ୍ରହ କରି ନଷ୍ଟ କରାଯିବା ଆମକୁ ସଫେଇ ପାଇଁ ପ୍ରେରଣା ଦେଇଛି। ସାମ୍ବାଦିକ ଙ୍କ ସହ ଆମ ଅଞ୍ଚଳର ଯୁବକ ମାନେ ସ୍ୱତଃ ସହଯୋଗ କରିଥିବାରୁ ଶ୍ରୀ ଅଣ୍ଡିଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମତ୍ସ୍ୟ ଉତ୍ପାଦନ ସଙ୍ଗଠନର ସମ୍ପାଦକ ନାରାୟଣ ବେହେରା ଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ସ୍ୱଚ୍ଛତା ଅଭିଯାନରେ ଓଡ଼ିଶା ସାମ୍ବାଦିକ ୟୁନିଅନ ର କାର୍ଯ୍ୟ କ୍ରମ କୁ ଭୂୟସୀ ପ୍ରଶଂସା କରିଥିଲେ। ଓୟୁଜେ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଉତ୍ସାହୀବନ୍ଧୁ, ଯୁବବର୍ଗ, ସ୍ୱେଚ୍ଛାସେବୀ ସଙ୍ଗଠନକୁ କୃତଜ୍ଞତା ଦେବା ସହିତ ଆଗାମୀ ଦିନରେ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଏହି ସ୍ୱଚ୍ଛତା ଅଭିଯାନ ପ୍ରେରଣାର ଉତ୍ସ ହେବା ସହିତ ସମସ୍ତଙ୍କୁ ଉତ୍ସାହିତ କରିବ ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଥିଲେ।। ଏହି ଅବସରରେ ବେଳାଭୂମିରେ ଏକ ସ୍ୱଚ୍ଛତା ଅଭିଯାନର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ସଭାପତି ଗଙ୍ଗାଧର ରାଉତ ଅଧ୍ୟକ୍ଷତା କରିଥିଲା ବେଳେ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ଗାଣ, ପ୍ରସନ୍ ଜିତ୍ ଆଶ ,କହ୍ନେଇ ଚରଣ ପ୍ରଧାନ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମ କୁ ଡଗରା ସରପଞ୍ଚ ସମାଜସେବୀ ସତ୍ୟାନନ୍ଦ ମହାନ୍ତି, ଓୟୁଜେ ର ବାଲିଆପାଳ ବ୍ଲକ ସଂଯୋଜକ ସତ୍ୟରଞ୍ଜନ ସାହୁ, ସଦସ୍ୟ ପ୍ରତିମା ଜେନା, ସଞ୍ଜୟ ଗିରି, ଭୀଷ୍ମ ଚରଣ ମଲ୍ଲିକ, ରାଜଶ୍ରୀ ପାଣିଗ୍ରାହୀ ପରିଚାଳନା କରିଥିଲେ।

# ବାଇକରୁ ପଡ଼ି ଯୁବକ ଗୁରୁତର

କୋରେଇ, ୨୦/୪ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ୨୦ ନମ୍ବର ଜାତୀୟ ରାଜପଥର ଅଟୈଇବାଟିଆ ଛକ ନିକଟରେ ବାଇକରୁ ପଡ଼ି ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରକାଶଯେ ଯାଜପୁର ରୋଡ଼ ଅନ୍ତର୍ଗତ ଚାନ୍ଦମା ଗ୍ରାମର ବାଣ୍ଟୁଧର ସେଠୀଙ୍କ ପୁଅ ସତ୍ୟବ୍ରତ ଏକ ବାଇକ ଯୋଗେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ କୌଣସି କାରଣରୁ ବାଇକର ଚକ ସ୍ଲିପ କରିଯାଇଥିଲା। ଫଳରେ ସତ୍ୟବ୍ରତ ବାଇକରୁ ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ଏ ନେଇ ଆମ୍ବୁଲାନ୍ସକୁ ସ୍ଥାନୀୟ ଜନସାଧାରଣ ଫୋନ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଅଂଚଳର ତିନି ଜଣ ଯୁବ ସ୍ୱେଚ୍ଛାସେବୀ ମେଘନାଦ ଜେନା, ନିରଂଜନ ବେହେରା ଓ ରାଧେଶ୍ୟାମ ସାହୁ ସତ୍ୟବ୍ରତଙ୍କୁ ନିଜ ବାଇକରେ ନେଇ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବିଂଶତମ ବାର୍ଷିକ ଉତ୍ସବ

ଭଦ୍ରକ, ୨୦/୪ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ସଂଘର ସମ୍ମିଳନୀ କକ୍ଷ ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ସେ ମଧ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ କୁଳପତି ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟ ଓ କିସ୍ ବିଶ୍ୱ ବିଦ୍ୟାଳୟର ଭୁବନେଶ୍ୱର ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ ଯୋଗଦାନ କରିଥିଲେ । ଅତିଥିଙ୍କ ସହ ମଞ୍ଚାସୀନ ଥିଲେ କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି ଓ ସାଧାରଣ ସଂପାଦକ ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକ । ଉପସଭାପତି ଶାନ୍ତନୁ କୁମାର ରାଉତ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ପରେ ଅତିଥିବୃନ୍ଦଙ୍କ ଉପସ୍ଥିତିରେ ଉତ୍ସବ ଉଦ୍‌ଘାଟିତ ହୋଇଥିଲା । ବେଦପାଠ କରିଥିଲେ ପଣ୍ଡିତ ଦୈତ୍ୟାରି ଦୀକ୍ଷିତ ଓ ପ୍ରାରମ୍ଭିକ ସଂଗୀତ ଭାବେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ ଗାନ୍ଧି ଓଡ଼ିଶା ବାଳାଶ୍ରମର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ । ଅତିଥି ପରିଚୟ ପ୍ରଦାନ କରିଥିଲେ ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ । ସଂଘର ମୁଖପତ୍ର 'ଉତ୍ତରଣ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇ ବଣ୍ଟନ କରାଯାଇଥିଲା । ମୁଖପତ୍ରର ସଂପାଦକ ଉପସଭାପତି ଡ଼ଃ ଗୋଲକ ବିହାରୀ ସାହୁ ସଂପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଅବସର ପରେ ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ବିନିଯୋଗ କରିପାରିଲେ ସମାଜରେ ଅନେକ ପରିବର୍ତ୍ତନ ଆସିପାରିବ । ସେମାନଙ୍କର ଅଭିଜ୍ଞତା ସମାଜ ପାଇଁ ଅନେକ ମୂଲ୍ୟବାନ ଦିଗ୍‌ଦର୍ଶନ । ମୁଖ୍ୟ ବକ୍ତା ଡ଼ଃ ଶତପଥୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାରତୀୟ ଦର୍ଶନରେ ମୃତ୍ୟୁ ଚେତନା ବିଷୟରେ ଉଲ୍ଲେଖ ନାହିଁ । ବ୍ୟକ୍ତିଙ୍କୁ ଦେବତା, ଭଦ୍ରକର ବୈଶିଷ୍ଟ୍ୟ, ପ୍ରକୃତି ଓ କୃତ୍ରିମତା ମଧ୍ୟରେ ଯୁଦ୍ଧ, ଶାସକ, ପ୍ରଶାସକ ଓ ସୁଶାସକର ବ୍ୟାଖ୍ୟା କରିଥିଲେ । ଅବସରପ୍ରାପ୍ତ ମଣିଷ ସମାଜ ପାଇଁ ଅଲୋଡ଼ା ନୁହଁନ୍ତି । ସଂଘର ୧୦ଜଣ ଆଜୀବନ ସଦସ୍ୟ ସଦସ୍ୟା ଓ ୨ଜଣ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଉପସଭାପତି ହରମୋହନ କୁଅଁର ଓ ହିସାବ ସମୀକ୍ଷକ ଲକ୍ଷ୍ମଣ କୁମାର ମହାନ୍ତି । ସହଯୋଗ କରିଥିଲେ ମଦନ ମୋହନ ନାୟକ, ରମାକାନ୍ତ ନାୟକ । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୪ ମସିହାର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଜିଲ୍ଲା ସ୍ତରରେ ଓ ବିଦ୍ୟାଳୟସ୍ତରରେ ତଥା ନିଜ ବିଦ୍ୟାଳୟସ୍ତର ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୨୧ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ମୃତି ସମ୍ମାନ ପ୍ରତିଭା ପୁରସ୍କାର ଓ ଦାତାଙ୍କ ନିଜ ନାମରେ ପ୍ରଦତ୍ତ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ଅତିଥିଙ୍କ ଦ୍ୱାରା କରାଯାଇଥିଲା । ପରିଚାଳନା କରିଥିଲେ ବାଦଲ କିଶୋର ମହାପାତ୍ର, ସୁଶ୍ରୀ ସ୍ନେହଲତା ବେହେରା, ଯୁଗ୍ମ ସଂପାଦିକା ଡ଼ାକ୍ତର ସୁକାନ୍ତି କୁମାରୀ ଜେନା, ପ୍ରଶାନ୍ତ କୁମାର ଦେ । ସଂଘର ଉପଦେଷ୍ଟା ପ୍ରଫେସର ଡ଼ଃ ଶୈଳେନ୍ଦ୍ର ମହାପାତ୍ର ସଂଘର କାର୍ଯ୍ୟକ୍ରମ ଓ ବିଦ୍ୟାଳୟସ୍ତରରେ ଶିକ୍ଷା ସଂପର୍କରେ ଅନୁଭବ କରିଥିବା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକାରୀ ସଭାପତି ଉଦୟ ନାଥ ମହାନ୍ତି ସଂଘରେ ତାଙ୍କ ନିଜର ଅଭିଜ୍ଞତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଘର ୮୦ବର୍ଷୀୟ ସମ୍ବର୍ଦ୍ଧିତ ସଦସ୍ୟ ସଦସ୍ୟା ଶାନ୍ତିଲତା ମହାପାତ୍ର, ଭାଗୀରଥି ନନ୍ଦଶର୍ମା, ପଙ୍କଜିନୀ ଦେଇ, ଉଦୟନାଥ ମହାନ୍ତି, ହରେକୃଷ୍ଣ ସାହୁ, ଧ୍ରୁବ ଚରଣ ନାୟକ, ଭାଗବତ ବିଶ୍ୱାଳ, ବାମନ ଚରଣ ରାଉତ, ଘନଶ୍ୟାମ ସ୍ୱାଇଁ, ଗଙ୍ଗାଧର ନାୟକ, ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ମିଲି ପରିଡ଼ା, ସବିତା ଜେନା, ପୁରସ୍କାର ପାଉଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ତାଙ୍କର ଶିକ୍ଷକ ଶିକ୍ଷୟିତ୍ରୀ, ସାମ୍ବାଦିକ, ଇଲୋକ୍ଟ୍ରୋନିକ୍ସ ମିଡ଼ିଆ ସଦସ୍ୟ, ଆଞ୍ଚଳିକ ସଂଘର କର୍ମକର୍ତ୍ତା ଦୁଃଶାସନ ରାଉତ, ପୂର୍ବତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସଂଘ ପାଇଁ ଅବଦାନ ଥିବା ଆଲୋକ କୁମାର ମହାନ୍ତି ଓ ଦୀପକ କୁମାର ମହାନ୍ତି ସଦସ୍ୟ ସଂଗ୍ରାମ ସାହୁ, କିଶୋର ଚନ୍ଦ୍ର ରାୟ, ଅନିରୁଦ୍ଧ ଦାସ, କାଶୀନାଥ ସାହୁ, ଶାନ୍ତିଲତା ବାରିକ୍, ଗୀତାରାଣୀ ମହାନ୍ତି, ଶୁଭନିକା ମହାନ୍ତି, ସତ୍ୟଭାମା ପାଢ଼ୀ, ଚନ୍ଦ୍ରମୋହନ ମହାନ୍ତି, ଦୁଃଶାସନ ମହାନ୍ତି, ପ୍ରତାପ ଚନ୍ଦ୍ର ଦଳାଇ, ବସନ୍ତ କୁମାର ଦେ, ତାରକଦାସ ଆଡ୍ୟ, ରମାକାନ୍ତ ନାଥ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ଯୋଗଦାନ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଯୁଗ୍ମ ସଂପାଦକ କରୁଣାକର ଉପାଧ୍ୟାୟ ।

# ବରହମପୁର ମଣ୍ଡଳ ଅବସରପ୍ରାପ୍ତ କର୍ମଚାରୀ ସଂଘର ଚତୁର୍ଦ୍ଦଶ ବାର୍ଷିକ ସମ୍ମିଳନୀ



ନୀଳଗିରି , ୨୦/୪ (ନି.ପ୍ର): ନୀଳଗିରି ବ୍ଲକ ବରହମପୁର ମଣ୍ଡଳ ଅବସରପ୍ରାପ୍ତ କର୍ମଚାରୀ ସଂଘର ଚତୁର୍ଦ୍ଦଶ ବାର୍ଷିକ ସମ୍ମିଳନୀ ସଂଘର ସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳ ୯ଘଟିକା ସମୟରେ ସଂଘର ସଭାପତି ରବିନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇ ସଂଗଠନକୁ ସୁଦୃଢ଼ କରିବାପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଉକ୍ତ ବୈଠକରେ ବହୁ ସଂଖ୍ୟାରେ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଦ୍ୱିତୀୟପର୍ଯ୍ୟାୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ ଶରତ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ବାଲେଶ୍ୱର ଜିଲ୍ଲା ସଂଘର ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ବେଦଉଚ୍ଚାରଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ସଂଘର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ପ୍ରଫୁଲ୍ଲ ରାଉତ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସଭାପତି ରବିନାରାୟଣ ଚୌଧୁରୀ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ଅଭିଭାଷଣ ପ୍ରଦାନ ପରେ ମୁଖ୍ୟବକ୍ତା ଶ୍ରୀଯୁକ୍ତ ମିଶ୍ର ବାର୍ଦ୍ଧକ୍ୟ ପ୍ରତ୍ୟେକ ଜୀବର ଅନ୍ତିମ ପର୍ଯ୍ୟାୟ। ତେଣୁ ଜୀବନର ଏହି ଅନ୍ତିମ ପର୍ଯ୍ୟାୟରେ ସୁସ୍ଥରହିବା ସହିତ ନିରାମୟ ଜୀବନ ଅତିବାହିତ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ମୁଖ୍ୟଅତିଥି ଶ୍ରୀଯୁକ୍ତ ଖଟୁଆ ସମସ୍ତଙ୍କର ସୁସ୍ଥ ଏବଂ ନିରାମୟ କାମନାକରିବା ସହିତ ସଂଘର ବୟୋଜ୍ୟେଷ୍ଠ ସଦସ୍ୟ ମହେନ୍ଦ୍ର ମଲ୍ଲିକ, ବାଙ୍କବିହାରୀ ସ, ଗଙ୍ଗାଧର ମଡେଇ, ଚିତ୍ରଲେଖା ଦାସ ଓ ଛାତ୍ରୀ ଶୁଭସ୍ମିତା ପୃଷ୍ଟିଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମିଳନୀରେ ବାଇଧର ପଣ୍ଡା, ଅଜୟ ପରିଡା, ପ୍ରଦୀପ ପଶା , ନରେନ୍ଦ୍ର ବାରିକ, କୈଳାସ ଚନ୍ଦ୍ର ମିଶ୍ର, ଦୀନବନ୍ଧୁ କବାଟ ପ୍ରମୁଖ ସମସ୍ତ ସଦସ୍ୟ/ ସଦସ୍ୟା ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କାହିଁକି ଘୋଷଣା ...

କିନ୍ତୁ ଦଳ କହୁଛି ଖୁବ୍ ଶୀଘ୍ର କାର୍ଯ୍ୟକାରିଣୀ ଘୋଷଣା ହେବ। ସେପଟେ ଗତକାଲି ଶଙ୍ଖ ଭବନରେ ଅନୁପସ୍ଥିତ ଥିବା ରାଜା ସ୍ୱାଇଁଙ୍କଠାରୁ ପ୍ରଫୁଲ୍ଲ ମଲ୍ଲିକଙ୍କ ଯାଏଁ, ଏଭଳି ନେତାଙ୍କ ଆଭିମୁଖ୍ୟ ଆଗକୁ କ'ଣ ରହୁଛି, ସେମାନଙ୍କ ଉପରେ ସୁପ୍ରିମୋ ପୁଣିଥରେ ଆସ୍ଥା ପ୍ରକଟ କରିବେ ନା ପକ୍ଷ ଛେଦନ କରିବେ ତାକୁ ନେଇ ବି ଚର୍ଚ୍ଚା ଜୋର୍ ଧରିଛି । ଖାଲି ବିଜେଡି କାର୍ଯ୍ୟକାରିଣୀ ନୁହେଁ, ଟ୍ରଷ୍ଟ ବୋର୍ଡ ବି ଗଠନ ନେଇ ଘୋଷଣା ହୋଇନାହିଁ । ବିଜେଡି ସମ୍ବିଧାନ ଅନୁଯାୟୀ ୭ ଜଣ ସଦସ୍ୟଙ୍କୁ ନେଇ ଟ୍ରଷ୍ଟ ବୋର୍ଡ ଗଠନ ହେବ । ଯାହାର କାମ ଦଳର ପାଣ୍ଠି ଓ ସଂପତ୍ତିର ତଦାରଖ କରିବା । କିନ୍ତୁ ଟ୍ରଷ୍ଟ ବୋର୍ଡ ସଂପର୍କରେ କୌଣସି ଘୋଷଣା ହୋଇନଥିବାରୁ ପାର୍ଟିରେ ଏବେଠୁ ନେତା ଓ କର୍ମୀଙ୍କ ଭିତରେ ଅସନ୍ତୋଷ ଦେଖା ଦେଲାଣି। ୨୪ ବିପର୍ଯ୍ୟୟ ପରେ ବରିଷ୍ଠଙ୍କଠାରୁ ଆରମ୍ଭ କରି କନିଷ୍ଠ ଯାଏଁ ଅଧିକାଂଶ ଏବେ ଦଳୀୟ ପରିଚାଳନା ନେଇ ପ୍ରଶ୍ନବାଚୀ ଲଗାଇଛନ୍ତି। ଏଭଳି ସ୍ଥଳରେ ପାର୍ଟି ସୁପ୍ରିମୋଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି । ଏବେ ଦେଖିବାର କଥା, ନବୀନ କେତେ ଶୀଘ୍ର କାର୍ଯ୍ୟକାରିଣୀ ଘୋଷଣା କରୁଛନ୍ତି, ସେଥିରେ କିଏ କିଏ ସ୍ଥାନ ପାଉଛନ୍ତି, ଆଉ ଅସନ୍ତୁଷ୍ଟଙ୍କୁ କିଭଳି ମ୍ୟାନେଜ୍ କରୁଛନ୍ତି ।

### ତୃତୀୟ ମହଲାରୁ ...

ନେଇ ପ୍ରଶ୍ନ ଉଠାଇଛି । ନିକଟରେ ଆସିଥିବା ବିଧାନସଭା ତଥ୍ୟ କହୁଛି ୬୭ ଆଇଏଏସ ପଦବି ଖାଲି ପଡ଼ିଥିବା ବେଳେ ୬୯ ଆଇଏଏସ ପଦବି ମଧ୍ୟ ଖାଲି ପଡିଛି । ଓଡ଼ିଶା କ୍ୟାଡରରେ ୨୪୮ ଆଇଏଏସ ପଦବି ଥିବା ବେଳେ ୧୮୧ ଜଣ ଆଇଏଏସ ଅଧିକାରୀ କାର୍ଯ୍ୟରତ ଅଛନ୍ତି । ଏହା ବ୍ୟତୀତ ୨ ଜଣ ଓଇଝ ଅଧିକାରୀ ଆନ୍ତଃ ରାଜ୍ୟ ଡେପୁଟେସନରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅଛନ୍ତି । ସେହିପରି ୨୨ ଜଣ ଆଇଏଏସ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନରେ । ବଡ଼ କଥା ହେଲା ସଞ୍ଜୟ ସିଂ, ଦେଓରଞ୍ଜନ ସିଂ, ବିଶାଳ ଦେବ, ସତ୍ୟବ୍ରତ ସାହୁଙ୍କ ଭଳି ଅଧିକାରୀଙ୍କ ନିକଟରେ ଦୁଇ କିମ୍ବା ଦୁଇରୁ ଅଧିକ ବିଭାଗ ରହିଛି। ଏହା ସହ ଅନେକ ପଦବି ବି ଖାଲି ପଡିଛି । ସେପଟେ ଆଇନମନ୍ତ୍ରୀ କହିଛନ୍ତି ଯେଉଁ ଅଫିସରମାନଙ୍କର ଡେପୁଟେସନ୍ ସରିଲାଣି କିମ୍ବା ଦିଲ୍ଲୀରୁ ଯେଉଁମାନେ ଫେରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଆଣିବାକୁ ସରକାର ଚିନ୍ତା କରୁଛନ୍ତି । ନିକଟରେ ୩୦ ଜଣ ଓଏଏସଙ୍କୁ ଆଇଏଏସ୍ ପଦବୀ ପଦୋନ୍ନତି ଦେଇଛନ୍ତି ସରକାର । ଆଗାମୀ ଦିନରେ ପ୍ରଶାସନରେ ଏହି ଅଭାବୀ ସ୍ଥିତିକୁ କେମିତି ସୁଧାରୁଛନ୍ତି ତା ଉପରେ ନଜର ।

### ସ୍ତବ୍ଧ କଲା ଆଉ ଜଣେ ଅତୁଲ...

ଶିକ୍ଷୟିତ୍ରୀ ଭାବରେ ଚାକିରି ପାଇଥିଲେ। ପ୍ରିୟା ଗର୍ଭବତୀ ଥିଲେ । ଶାଶୁଙ୍କ କଥାରେ ସେ ଗର୍ଭନଷ୍ଟ କରି ଦେଇଥିବା କଥା ବି କହିଛନ୍ତି ମୋହିତ । ଖବର ପାଇ ଫରେନସିକ୍ ଦଳ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ସଂଗ୍ରହ କରିଛନ୍ତି। ମୋହିତଙ୍କ ମୋବାଇଲ୍, ଜୀବନ ହାରିବା ପୂର୍ବର ଭିଡିଓ ଏବଂ ସୁଇସାଇଡ ନୋଟକୁ ପୋଲିସ ଜବତ କରିଛି। ପରିବାର ସଦସ୍ୟଙ୍କ ଅଭିଯୋଗ ଏବଂ ଭିଡିଓ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି ।

### କର୍ଣ୍ଣାଟକର ପୂର୍ବତନ...

ଜୁଡୁବୁଡ ହୋଇ ଓମ ପ୍ରକାଶଙ୍କ ମୃତଦେହ ଘର ଭିତରେ ପଡ଼ିଛି । ମୃତଦେହରେ କ୍ଷତ ଚିହ୍ନ ରହିଥିବାରୁ ଏହା ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଛି । ଘରୋଇ ହିଂସା କିମ୍ବା ମାନସିକ ଅବସାଦ କାରଣରୁ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରୁଛି ବେଙ୍ଗାଲୁରୁ ପୋଲିସ । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ବେଙ୍ଗାଲୁର ଆଡସିନାଲ ଏସପି ସୂଚନା ଦେଇଛନ୍ତି ।

# ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଉଦ୍ଘାଟିତ

ଖୋର୍ଦ୍ଧା , ୨୦/୪ (ନି.ପ୍ର): ଆଜି ଅପରାହ୍ନରେ ଜିଲ୍ଲା ସଦର ମହକୁମାସ୍ଥ ଟି ଏଲ ସି ରୋଡ ଭାରତୀୟ ଜୀବନ ବୀମା ନିଗମ କାର୍ଯ୍ୟାଳୟ ସମ୍ମୁଖ ୩କୋଟି ୬୫ଲକ୍ଷ ବ୍ୟୟରେ ୩ମହଲା ବିଶିଷ୍ଟ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ କଲ୍ୟାଣ ନିଗମ ଲିଃ ଦ୍ୱାରା ନବନିର୍ମିତ ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟ କୁ ଓଡ଼ିଶାର ମାନ୍ୟବର ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱ କରକମଳରେ ଫିତାକାଟି ମହାପ୍ରଭୁ ଶ୍ରୀ ଜଗନ୍ନାଥ,ଶ୍ରୀ ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରାଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦ୍ଘାଟିତ କରି ଜିଲ୍ଲା ବାସୀଙ୍କ ସେବା ଉଦ୍ଦ୍ୟଶରେ ଉତ୍ସର୍ଗ କରିବା ସହ ଅବକାରୀ ନିୟମ ଓ ଅଧିନିୟମ ପ୍ରଣୟନ ଦ୍ୱାରା ଚୋରା ମଦ କାରବାର ବିକ୍ରି ବନ୍ଦ କରିବା, ଚୋରା ବେପାରୀଙ୍କୁ ପ୍ରତିହତ କରିବା ଓ ନିଶାର କୁ ପ୍ରଭାବ ସହ ନିଶା କ୍ରିତଦାସରୁ ସମାଜକୁ ବଞ୍ଚାଇ ଏକ ନିଶାମୁକ୍ତ ସଶକ୍ତ ସମାଜ ଗଠନରେ କାର୍ଯ୍ୟାଳୟ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ଉଦ୍ବାପନ କରିଥଲେ । ଅହୁରି ମଧ ମନ୍ତ୍ରୀ କହିଲେ ଯେ ଅବକାରୀ କର୍ମଚାରୀ ମାନଙ୍କୁ ଆର୍ମ -୩ ଅସ୍ତ୍ର ଦିଆଯାଇ ଚୋରା ବେପାରୀଙ୍କୁ ଦୃଢ଼ ମୁକାବିଲା କରି ସାରା ରାଜ୍ୟକୁ ସଶକ୍ତ କରାଯିବ । ସମ୍ମାନିତ ଅତିଥି ରୂପେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରୁପଶ୍ର ରାଣୀ ଗୁମାନ ସିଂହ, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ମାନ୍ୟବର ସାଂସଦଙ୍କ ପ୍ରତିନିଧି,ରାଜ୍ୟ ଅବକାରୀ ବିଭାଗ ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଞ୍ଚଳ ରାଣା, ଭାରପ୍ରାପ୍ତ ଅବକାରୀ ଆୟୁକ୍ତ ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ, ଅଧିକ୍ଷିକା , ଅବକାରୀ, ଖୋର୍ଦ୍ଧା, ଶ୍ରୀମତୀ ସୁମତି ତ୍ରିପାଠୀ, ଭୁବନେଶ୍ୱର ଅଧିକ୍ଷକ, ଅବକାରୀ,ଶ୍ରୀ ଦେବାଶିଷ ପଟେଲ, ଅଧିକ୍ଷକ, ଅବକାରୀ, କଟକ,ଶ୍ରୀ କରୁଣା ଶଙ୍କର ତିୱାରୀ, ଯୁଗ୍ମ ଆୟୁକ୍ତ, ଅବକାରୀ ଶ୍ରୀ ରାଜେନ୍ଦ୍ର ଭୋତ୍ରା,ଶ୍ରୀ ଅଶୋକ କୁମାର ଗଡତିଆ,ଶ୍ରୀ ଡମ୍ବରୁଧର ଖଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅମ୍ରିତ ପାଲ ସିଂହ, ଉପଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡା,ଡେପୁଟି କଲେକ୍ଟର ଶ୍ରୀ ଦେବବ୍ରତ କର, ଶ୍ରୀତପା ମିଶ୍ର,ଅନନ୍ୟା ସୃଷ୍ଟି ଶତପଥୀ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ସଂପୃକ୍ତ ବିଭାଗୀୟ କର୍ମଚାରୀ, ଜନପ୍ରତିନିଧି ଏବଂ ଗଣ ମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଓ ସମ୍ମାନିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଭୁବନେଶ୍ୱରରେ ଯୋଗ ମହୋତ୍ସବ ସମିତି ଓଡ଼ିଶାର ପ୍ରାନ୍ତୀୟ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଭୁବନେଶ୍ୱର, ୨୦ ଏପ୍ରିଲ (ହି.ସ.) : ଜୀବନର ସାର୍ଥକତା ଓ ସମ୍ପୂର୍ଣ୍ଣ ଉନ୍ନତି ନିମନ୍ତେ ଯୋଗର ଅମୂଲ୍ୟ ଭୂମିକାକୁ ମନନ କରି, ପ୍ରତିବର୍ଷ ଭଳି ଏହିବର୍ଷ ମଧ୍ୟ ଆଜି ଭୁବନେଶ୍ୱର ସ୍ଥିତ ୟୁନିଟ୍-୩ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଯୋଗ ମହୋତ୍ସବ ସମିତି ଓଡ଼ିଶାର ପ୍ରାନ୍ତୀୟ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ସାଂଗଠନିକ ଶୈଳୀରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଓଡିଶାର ପୂର୍ବ ପ୍ରାନ୍ତର ୧୧ଟି ଜିଲ୍ଲାର ସଂଯୋଜକ, ସହ ସଂଯୋଜକ ଓ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ହୋଇଥିଲେ । ଶିବିରରେ ସେମାନଙ୍କୁ ଯୋଗ ଶିକ୍ଷା ପ୍ରସାର, ସଂଗଠନ ମଜବୁତ କରିବା ଓ ସମାଜର ସମସ୍ତ ପ୍ରତିଷ୍ଠାନରେ ଯୋଗକୁ ଶୃଙ୍ଖଳିତ ଭାବରେ ପ୍ରବେଶ କରାଯିବା ବିଷୟରେ ବିଶେଷ ପ୍ରଶିକ୍ଷଣ ଦିଆଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଭାବରେ ଯୋଗ ମହୋତ୍ସବ ସମିତି ଓଡ଼ିଶାର ସଂସ୍ଥାପକ ସ୍ୱାମୀ ପ୍ରାଣରୁପାନନ୍ଦ ଜୀ ଉପସ୍ଥିତ ଥିଲେ। ସ୍ୱାମୀଜୀ ତାଙ୍କ ଆଶିର୍ବଚନ ଓ ପ୍ରେରଣାଦାୟକ ଉଦବୋଧନରେ କହିଥିଲେ, 'ଯୋଗ କେବଳ ଏକ ଅଭ୍ୟାସ ନୁହଁ, ଏହା ଜୀବନର ଏକ ଅଭିନ୍ନ ଅଂଶ । ଏହା ମାନବ ଜୀବନକୁ ସମ୍ପୂର୍ଣ୍ଣ ଓ ଶକ୍ତିଶାଳୀ କରିଥାଏ। ଆସନ୍ତୁ, ଆମେ ସମସ୍ତେ ଏହି ଅମୂଲ୍ୟ ଐତିହ୍ୟକୁ ଏବଂ ଏହାର ଲାଭକୁ ଗ୍ରାମ ଗ୍ରାମ, ଜିଲ୍ଲା ଜିଲ୍ଲାରେ ପହଁଚାଇବା ପାଇଁ କାର୍ଯ୍ୟ କରିବା ନେଇ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ ।' ଏହି ଅନୁଷ୍ଠାନରେ ସମିତିର ପ୍ରାନ୍ତୀୟ ସଦସ୍ୟ ତଥା ଦକ୍ଷ ଯୋଗ ଶିକ୍ଷକ ଶ୍ରୀ ସରୋଜ କାନ୍ତ ମହାପାତ୍ର, ଯୁଗ୍ମ ସମ୍ପାଦକ ଶ୍ରୀ ସତ୍ୟ ସୋଭନ ମିଶ୍ର, ସଦସ୍ୟା ଶ୍ରୀମତୀ ଅସୀମା ସାହାଣୀ, ଶ୍ରୀ ସନତ ପଟ୍ଟନାୟକ, ଜୀବନଜ୍ୟୋତି କୁଅଁର ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ।

# କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, ୨୦/୪ (ନି.ପ୍ର): ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା, ସଂଗ୍ରାମୀ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି। ତାଙ୍କର ସେବା, ମାଟିର ସୁରକ୍ଷା ପାଇଁ ଉତ୍ସର୍ଗୀକୃତ ଜୀବନ ଏବଂ ସଂଗ୍ରାମ ଆମ ପାଇଁ ଏକ ପ୍ରେରଣାର ଉତ୍ସ ।

ସୋମବାର, ଏପ୍ରିଲ ୨୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନଜରର ଆଢୁଆଳରେ ରାଜାବସାର ସ୍ୱାଧିନତା ସଂଗ୍ରାମୀ ପ୍ରିର୍ଥ ଚନ୍ଦ୍ର ହାଁସଦା

ଉଦଳା, ୨୦/୪ (ନି.ପ୍ର): ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ରାଜାବସା ଗ୍ରାମର ବାସିନ୍ଦା ସ୍ୱର୍ଗତଃ ବାଘରାୟ ହାଁସଦାଙ୍କ ପୁତ୍ର ପ୍ରିର୍ଥ ଚନ୍ଦ୍ର ହାଁସଦା ଜଣେ ସ୍ୱାଧନତା ସଂଗ୍ରାମୀ ଅଟନ୍ତି । ଏବେ ବୟସ ତାଙ୍କୁ ୯୦ ବର୍ଷରୁ ଅଧିକ ହେବ। କିନ୍ତୁ ସରକାରୀ କାଗଜପତ୍ର ଉପରେ ତାଙ୍କର ବର୍ତମାନର ବୟସ ୮୫ ବର୍ଷ ବୋଲି ଦର୍ଶାଯାଇଛି ।ଇଂରେଜ ସରକାରଙ୍କ ଶାସନ ସମୟରେ ସ୍ୱାଧିନତା ସଂଗ୍ରାମୀ ଗିରିଶ ଚନ୍ଦ୍ର ରାୟଙ୍କ ନେତୃତ୍ୱରେ ଏ ଅଂଚଳରେ ଯେଉଁ ସଂଗ୍ରାମ ଚାଲିଥିଲା ଏଥିରେ ସେ ସାମିଲ ଥିଲେ । ଗିରିଶ ଚନ୍ଦ୍ର ରାୟଙ୍କ ପ୍ରଧାନ ସହଯୋଗୀ ପୂର୍ଣ୍ଣ ପରିଛାଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା । ଶିଳଘାଟି ବନ୍ଧ ବାନ୍ଧିବା ସମୟରେ ସହଯୋଗ କରିଥିଲେ । କିନ୍ତୁ ପରେ ପୋଲିସ ନଜରରୁ ଖସି ଯାଇଥିବା ଯୋଗୁଁ ଜେଲ ଯାଇନଥିଲେ । ଏହିଭଳି ଜଣେ ଅଣବନ୍ଦି ସ୍ୱାଧିନତା ସଂଗ୍ରାମୀ ପ୍ରିର୍ଥ ଏବେବି ଜିବିତ ଅଛନ୍ତି । ସରକାରଙ୍କ ତରଫରୁ ତାଙ୍କୁ ୫ କିଗ୍ର ଚାଉଳ ଓ ୧ ହଜାର ଟଙ୍କା ଭତା ମିଳୁଛି । ଅଣବନ୍ଦି ସ୍ୱାଧିନତା ସଂଗ୍ରାମୀ ମାନଙ୍କ ପାଇଁ



ସରକାର ଏବେ ଭତା ଘୋଷଣା କରିଛନ୍ତି । ପ୍ରିର୍ଥଙ୍କୁ ଏହିଭତା ପ୍ରଦାନ କରାଯାଉ ବୋଲି ଜନଜାଗୃତି ମଂଚ ତରଫରୁ ଦାବି ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏ ବାବଦରେ ଆବଶ୍ୟକ ପଦକ୍ଷେପ ନେବ ବୋଲି ଅନେକ ଗୁଡ଼ାଏ ସ୍ୱେଚ୍ଛାସେବି ସଂଗଠନ ଆଶାବାନ୍ଧିଥିବାର ଜଣାଯାଇଛି ।

# ଖଣ୍ଡାୟତ କ୍ଷତ୍ରୀୟ ମହାସଂଘ ପକ୍ଷରୁ ବସନ୍ତ ନାୟକଙ୍କ ସ୍ମୃତି ସମାରୋହ



ତିହିଡି, ୨୦/୪ (ନି.ପ୍ର): ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେବି ମରଇ। ଏ କଥାଟି ଧ୍ରୁବସତ୍ୟ ହେଲେବି ଏ ଦୁନିଆରେ ଏଭଳି କିଛି ମଣିଷ ଜନ୍ମ ହୋଇଥାନ୍ତି, ଯାହାଙ୍କର ଦେହାବସାନରେ ଏ ସମାଜ ତାଙ୍କୁ ଝୁରି ହୁଏ। ସ୍ୱର୍ଗତଃ ବସନ୍ତ ନାୟକ ସେହିଭଳି ଜଣେ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। କେବଳ ସାମାଜିକ କ୍ଷେତ୍ରରେ ନୁହେଁ, ରାଜନୈତିକ, ଆନୁଷ୍ଠାନିକ, ଧାର୍ମିକ ଓ କ୍ରୀଡା କ୍ଷେତ୍ରରେ ତାଙ୍କର ଅବଦାନ ଭଦ୍ରକ ଜିଲା ତିହିଡି ବ୍ଲକ୍ ପାଳିଆବିନ୍ଧା ସମେତ ରାଜ୍ୟରେ ତାଙ୍କର ପ୍ରତିଷ୍ଠା ସର୍ବଜନ ବିଦିତ ବୋଲି ଆଜି ରାଜ୍ୟ ଓ ଜିଲା ଖଣ୍ଡାୟତ କ୍ଷତ୍ରୀୟ ମହାସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମମାଟି ପାଳିଆବିନ୍ଧାର ବିରଂଚି ନାରାୟଣ ମନ୍ଦିର ଗେଷ୍ଟ ହାଉସ୍‌ରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ଖଣ୍ଡାୟତ କ୍ଷତ୍ରୀୟ ମହାସଂଘର ଜିଲା ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ମୁଖ୍ୟ ଉପଦେଷ୍ଟା ଅଜୟ ନାୟକ, ରାଜ୍ୟ ମହାସଂଘର ସଭାପତି ଅଶୋକ କୁମାର ଲେଙ୍କା, ସଂପାଦକ ବୀରେନ ରାୟ, କାର୍ଯ୍ୟକାରୀ ସଭାପତି ଗଣେଶ ନାୟକ, ଉପସଭାପତି ସୁଧାଂଶୁ ଶେଖର ବେହୁରା, କୋଷାଧ୍ୟକ୍ଷ ତପନ କୁମାର ବେଉରିଆ, ସଂଗ୍ରାମ କେଶରୀ ସାହୁ, ଅଜିତ୍ କୁମାର ଜେନାଙ୍କ ସହ ଜିଲା ମହାସଂଘର କୋଷାଧ୍ୟକ୍ଷ ବାବୁଲା ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖଣ୍ଡାୟତ କ୍ଷତ୍ରୀୟ ଜାତିର ବିକାଶ କ୍ଷେତ୍ରରେ ସ୍ୱର୍ଗତଃ ନାୟକଙ୍କ ପ୍ରଚେଷ୍ଟା ଓ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତଃ ନାୟକଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶୈଳେନ୍ଦ୍ର କୁମାର ପଲେଇ, ଆଶିଷ କୁମାର ପହି, ଗଣେଶ ନାୟକ, ଆଶୁତୋଷ କରଣ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

# ଉପନିର୍ବାଚନ ଓ ନୂତନ ରାସନ୍‌କାର୍ଡ ବଂଟନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୦/୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକର ପଂଚାୟତରେ ଖାଲି ପଡିଥିବା ସରପଂଚ, ୱାର୍ଡମେମ୍ବର, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ପଦବୀଗୁଡିକ ପୂରଣ ଓ ଏଥିସହିତ ଜିଲ୍ଲାରେ ନୂତନ ରେସନକାର୍ଡ ବଂଟନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାର ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମହାନ୍ତି, ଅଜାମ୍ବର ମହାନ୍ତିଙ୍କ ସମେତ ସମସ୍ତ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ଅତିରିକ୍ତ ତହସିଲଦାର, ଏବିଡିଓ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାରେ ଖାଲି ପଡିଥିବା ପଦବୀ ଗୁଡିକ ବିଷୟରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତି କରାଇବା ପରେ ତାରିଖ ଧାର୍ଯ୍ୟ ହେବାପରେ ନିର୍ବାଚନ କରାଯିବ। ଏଥିସହିତ ଆଗାମୀ ପଂଚାୟତରାଜ ଦିବସରେ ମାନ୍ୟବର ମନ୍ତ୍ରୀ ନୂତନ ରାସନ୍ କାର୍ଡ ବଂଟନ କରିବାର ଯୋଜନା ରହିଛି। ଏଥିନିମନ୍ତେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି।

# ଉଦୟପୁର ପ୍ରାଇମେରୀ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ସେବାନିବୃତ ସମ୍ବର୍ଦ୍ଧନା



ଖଇରା, ୨୦/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ଡନା ଗ୍ରାମ ପଞ୍ଚାୟତ ଅଧୀନ ଉଦୟପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶଶିଭୂଷଣ ଜେନାଙ୍କ ଅବସର ପରିପ୍ରେକ୍ଷୀରେ ରବିବାର ଦିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ସଂଘ ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିକ୍ଷକତା ଏକ ବୃତ୍ତି ନୁହେଁ ବରଂ ଏହା ଏକ ବ୍ରତ ଯେଉଁଠି ମଣିଷ ତିଆରି ପାଇଁ ଶିକ୍ଷକ ମାନେ ସଂକଳ୍ପ ନେଇଥାନ୍ତି ବୋଲି କହିଥିଲେ । ସରପଞ୍ଚ ବିଣାପାଣି ପଣ୍ଡା, ପୁର୍ବତନ ସମିତି ସଭ୍ୟ ରଘୁନାଥ ପଣ୍ଡା, ପୁର୍ବତନ ସରପଞ୍ଚ ନିରଞ୍ଜନ ମହାପାତ୍ର ଓ ସୁଶାନ୍ତ କୁମାର ମିଶ୍ର , ସମିତିସଭ୍ୟା ପ୍ରତିନିଧି ପତିତପାବନ କର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିନ୍ତାମଣି ପାଣିଗ୍ରାହୀ, ସିଆରସିସି ସୁଜିତ କୁମାର ନାୟକ,ଗ୍ରାମମୁଖିଆ ମାଧବାନନ୍ଦ ପଣ୍ଡା,ପରିଚାଳନା କମିଟି ସଭାପତି ଆରତୀ ସୁଆର ଓ ମାନସୀ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ସାମଲ ଓ ସଦାଶିବ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକ ଛାତ୍ରବତ୍ସଳ ଓ ବିନୟୀ ସ୍ୱଭାବର ମଣିଷ ଥିଲେ ବୋଲି ପ୍ରକାଶ କରିଥିଲେ । ଭାବବିହ୍ୱଳ ହୋଇପଡିଥିବା ଗ୍ରାମବାସୀ, ଛାତ୍ରୀଛାତ୍ରଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ଉପଢୌକନ ପ୍ରଦାନ କରାଯାଇଥିଲା ।

# ଉଦଳାରେ ଏକଲ ଗ୍ରାମ ସଂଗଠନର ସମିତି ପ୍ରଶିକ୍ଷଣ ଶିବିର






ଉଦଳା , ୨୦/୪ (ନି.ପ୍ର): ଏକଲ ଗ୍ରାମ ସଂଗଠନ ତରଫରୁ ବାରିପଦା ଅଂଚଳ, ଉଦଳା କେନ୍ଦ୍ରର ନେତୃତ୍ୱରେ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ଆଜି ଏପ୍ରିଲ ୨୦ ତାରିଖ ରବିବାର ଦିନ ସମିତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଶିବିରରେ ବାରିପଦା ଅଂଚଳର ୧୬ ଗୋଟି ସଂଚରୁ ଗ୍ରାମ ସମିତି ଓ ସଂଚ ପ୍ରମୁଖ ମାନଙ୍କ ସହିତ ଅଂଚଳ ଗ୍ରାମ ସଂଗଠନର ସଦସ୍ୟ ସଦସ୍ୟା ଓ ପୂର୍ଣ୍ଣ କାଳିନ ସେବା ବ୍ରତି ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ । ପ୍ରଶିକ୍ଷକ ଭାବରେ ସମ୍ଭାଗ ଗତିବିଧି ପ୍ରମୁଖ ଇତି ମିଶ୍ର, ପ୍ରଭାଗ ସ୍ତରରୁ ରଥୁ ମହାନ୍ତ, ଓଡ଼ିଶା ସମ୍ଭାଗ ମହିଳା ସମିତି ପ୍ରତିଭା ମହାନ୍ତ, ବାରିପଦା ଅଂଚଳ ସଭାପତି ମନୋରଂଜନ ମଲିକ ଓ ସଂପାଦିକା ନମିତା ରାଉତ ପ୍ରମୁଖ ଯୋଗ ଦେଇ ଏକଲ ସଂଗଠନର ଭିତି ଭୂମି, ଗ୍ରାମ ସଂଗଠନର ରୂପ ରେଖ, କାର୍ଯ୍ୟାଳୟ ପରିଚାଳନା, ପ୍ରଗତ ସଂଚ ଓ ସମର୍ପଣ ରାଶି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଉଦ୍‌ଘାଟନ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ପ୍ରଫୁଲ କୁମାର ଖିଲାର ଓ ପୁର୍ବତନ ଅଂଚଳ ସଭାପତି ଗୋପିନାଥ ଜେନା ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ସୁବ୍ରତ କୁମାର ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ବେଣୁଧର କଂଟାବାଉଁଶିଆ, ଗିତାପ୍ରଭାସିନି ପାଢ଼ି, ଦୁର୍ଯ୍ୟଧନ ମହାନ୍ତ, ଜୟରାମ ବାଙ୍କିରା ଓ ମୀନକେତନ ସିଂ ପ୍ରମୁଖ ସହଯୋଗ କରିଥିଲେ ।

# ଖେଲୋ ଇଣ୍ଡିଆ ଅନ୍ତର୍ଗତ ଖୋଖୋ କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର , ୨୦/୪ (ନି.ପ୍ର): ବାଲେଶ୍ୱର ସଦର ମହକୁମା ଅନ୍ତର୍ଗତ ସହଦେବଖୁଣ୍ଟାସ୍ଥିତ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଖେଲୋ ଇଣ୍ଡିଆ ଯୋଜନା ଅନ୍ତର୍ଗତ ଖୋ-ଖୋ ପ୍ରଶିକ୍ଷଣ କେନ୍ଦ୍ରକୁ ମାନ୍ୟବର କ୍ରୀଡ଼ାମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲଠାରେ ଆଭାସୀ ମାଧ୍ୟମରେ ଉଦଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ପ୍ରାଚୀ ତନୟା ଗିରି, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରେଳବାଇ ଘରୋଇ କରଣ ବିରୋଧରେ ସିଟୁର ପ୍ରତିବାଦ ସଭା




ବାଲେଶ୍ୱର, ୨୦/୪ (ନି.ପ୍ର): କେନ୍ଦ୍ରର ବିଜେପି ସରକାର ବର୍ତ୍ତମାନ ସମସ୍ତ ସରକାରୀ ସମ୍ପତ୍ତି କୁ ଘରୋଇ କରଣ କରି ଚାଲିଛନ୍ତି। ଏ ପରିକି ରେଳ କୁ ଘରୋଇ କରଣ କରି ଦେବା ଫଳରେ, ବର୍ତ୍ତମାନ ଜନସାଧାରଣ ବହୁ ଅସୁବିଧା ରେ ପଡୁଛନ୍ତି । ରେଳ ଷ୍ଟେସନକୁ ମଧ୍ୟ ଘରୋଇକରଣ କରିଦିଆଯାଇଛି । ଆଦାନୀ ଓ ଅମ୍ବାନୀ ଭଳି ବଡ ବଡ ପୁଞ୍ଜିପତି ମାନଙ୍କୁ ସରକାରୀ ସଂସ୍ଥା କୁ ଗଡେଇ ଦେବା ଦେବା ଫଳରେ, ପୁଞ୍ଜି ପତି ମାନେ ଜନ ସାଧାରଣଙ୍କୁ ଲୁଟ୍ କରୁଛନ୍ତି । ସାଧାରଣ ଲୋକ ଲୋକାଲ ଟ୍ରେନ୍ ରେ ଯାତ୍ରା କରି, ଏକ୍ସପ୍ରେସ ଭଡ଼ା ଦେଉଛନ୍ତି । କମ୍ପାନୀ ମାନଙ୍କୁ ରେଳ କୁ ଦେଇ ଦେବା ଫଳରେ, ଏହା ର ପ୍ରଭାବ ଭାରତର ବଜାର ଉପରେ ପଡୁଛି। ବାରମ୍ବାର ରେଳ ଦୁର୍ଘଟଣା ଘଟୁଛି । ରେଳବାଇରେ ନିଯୁକ୍ତି କମିଛି ।ଏହା କୁ ପ୍ରତିବାଦ କରି , ସିଟୁ ଜିଲ୍ଲା କମିଟି ତରଫରୁ ବାଲେଶ୍ୱର ରେଳ ଷ୍ଟେସନ ଆଗରେ ପ୍ରତିବାଦ ସଭା କରାଯାଇଛି । ରାଜକିଶୋର ଲେଙ୍କା ଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା କରାଯାଇଛି । ସିଟୁ ର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର, କେନ୍ଦ୍ର ସରକାର ଙ୍କ ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ । ଉକ୍ତ ସଭା ରେ ରାଜ୍ୟ କମିଟି ସଭ୍ୟ ମୃତ୍ୟୁଞ୍ଜୟ ରାଉତ, ଇସାନି ଷଡଙ୍ଗୀ, ସତ୍ୟଜିତ ଦାସ, ଶ୍ୟାମସୁନ୍ଦର ଜେନା, ପ୍ରଭାକର ବେହେରା, ପ୍ରଶାନ୍ତ ରାୟ, ନାଜମୁନ୍ ବିବି, ସଧାନନ ସାହୁ,ଅରୁଣ କୁମାର ମିଶ୍ର ଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

# କାରକୁ ପିଟିଲା ଅଟୋ: ଅଟୋ ଚାଳକ ଆହତ

କୋରେଇ, ୨୦/୪ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଏକ କାର ପଛରେ ଅଟୋ ଧକ୍କା ଦେବା ଫଳରେ ଅଟୋ ଚାଳକ ଆହତ ହୋଇଛନ୍ତି। ପ୍ରକାଶଯେ ପାଣିକୋଇଲି ପଟୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ କାର (ଓଡ଼ି୦୨କ୍ୟୁ୦୫୭୭) ରାସ୍ତା ଉପରେ ହଠାତ ବ୍ରେକ ମାରିଦେବାରୁ ପଛରେ ପରିବା ବୋଝେଇ କରି ଯାଉଥିବା ଏକ ଅଟୋ (ଓଡ଼ି୦୨ସିୟୁ୨୬୭୨) ଭାରସାମ୍ୟ ହରାଇ କାର ପଛରେ ପିଟି ହୋଇଯାଇଥିଲା। ଫଳରେ କାର ଓ ଅଟୋ ଉଭୟ ଭାଙ୍ଗିରୁଜି ଯିବା ସହିତ ଅଟୋ ଚାଳକ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲି ପୁଲିସ ଓ ସ୍ଥାନୀୟ ଜନସାଧାରଣ ଘଟଣାସ୍ଥଳରେ ପହଂଚି ଆହତ ଅଟୋ ଚାଳକକୁ ଡ଼ାକ୍ତରଖାନାକୁ ପଠାଇଥିଲେ।

# ବଳାଙ୍ଗୀ ମହୋତ୍ସବର ଷଷ୍ଠ ସନ୍ଧ୍ୟା: ଝୁମର ନୃତ୍ୟଗୀତରେ ଝୁମିଲେ ଦର୍ଶକ

ବାରିପଦା , ୨୦/୪ (ନି.ପ୍ର): ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ବାରିପଦା ଠାରେ ଆରମ୍ଭ ହୋଇଥିବା ମୟୁରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ସମ୍ମାନିତ ଅତିଥିଭାବରେ ଓଡିଶା ସାମ୍ବାଦିକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ବିଶ୍ୱାଳ, ସମାଜସେବୀ ରଜତ କୁମାର ପଣ୍ଡା, ସୁନିତା ଘିବେଲା, ମହୋତ୍ସବ କମିଟିର ଅଧ୍ୟକ୍ଷ ଆଇନଜୀବୀ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ବଳାଙ୍ଗୀ ମହୋତ୍ସବ ଅବଲୁପ୍ତ ପ୍ରାୟ ଭାଷା ସାହିତ୍ୟ, କଳା ସଂସ୍କୃତିର ପୁନଃଉତ୍ଥାନ ପାଇଁ ଦୀର୍ଘ ୨୩ ବର୍ଷ ଧରି କାର୍ଯ୍ୟ କରିଆସୁଥିବାରୁ ଉଦ୍ୟକ୍ତା ମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ସମାଜସେବୀ ରଜତ କୁମାର ପଣ୍ଡା, ସୁନିତା ଘିବେଲା, ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ଦଶରଥ ମହାନ୍ତ, ସାମ୍ବାଦିକ ବିନ୍ଦୁସାର ଦାଶ, ସରୋଜ ବେହେରା, ସୌରଭ ମୋଦୀ ପ୍ରମୁଖଙ୍କୁ ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବଳାଙ୍ଗୀ ଟେଲେଣ୍ଟ ନୃତ୍ୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ପରେ ମୟୁରଭଞ୍ଜର ପ୍ରସିଦ୍ଧ ଲୋକ କଳା ଝୁମର ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା। କୃତି ଶିକ୍ଷକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, ଉପାଧ୍ୟକ୍ଷ ରାଜୀବ ଲୋଚନ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ, ଉପାଧ୍ୟକ୍ଷ ମିଥୁନ ବାରିକ, ସମ୍ପାଦକ ସନତ ବାରିକ, ଦିଲ୍ଲୀପ ପାତ୍ର, ବଳରାମ ବେହେରା ପ୍ରମୁଖ ଯୋଗଦେଇ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ। ଆଜି ପାଗ ବେଶ ଶୁଖିଲା ଥିବାରୁ ମେଳାରେ ବ୍ୟାପକ ଭିଡ଼ ପରିଲକ୍ଷିତ ହୋଇଥିଲା।

# ପୂର୍ବତନ ସୈନିକ ସଂଗଠନର ୧୭ତମ ବାର୍ଷିକ ଉତ୍ସବ ପାଳିତ




ଲଙ୍ଗଳେଶ୍ୱର , ୨୦/୪ (ନି.ପ୍ର): ବାଲିଆପାଳ ପୂର୍ବତନ ସୈନିକ ସଂଗଠନ ତରଫରୁ ସତର ତମ ବାର୍ଷିକ ଉତ୍ସବ ରବିବାର କଚୁଆପଡା କାଞ୍ଚନେଶ୍ୱର ମହାଦେବ ମନ୍ଦିର ପରିସରରେ ପାଳିତ ହୋଇ ଯାଇଛି। ଏଥିରେ ମେଜର ଜେନେରାଲ ରାମ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅବସରପ୍ରାପ୍ତ ସୈନିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବରେ ଏ ଡି ଏମ ମନୋଜ କୁମାର ସେନାପତି ଯୋଗ ଦେଇ ସୈନିକ ମାନେ ସରକାରୀ ସୁବିଧା ସୁଯୋଗ ପାଇଁ ଜିଲ୍ଲା ସଂଗଠନ ସହିତ ସମ୍ପର୍କରେ ରହିବାକୁ ପରାମର୍ଶ ଦେଇଥିଲେ ।ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ କର୍ଣ୍ଣେଲ କେ ଏମ ମହାପାତ୍ର, କବି ଡ଼ଃ କାଳିପଦ ପଣ୍ଡା,ପୂର୍ବତନ ସୈନିକ ସଂଗଠନର କାର୍ଯ୍ୟକର୍ତ୍ତା ଭେଟେରାନ ବୈଦ୍ୟନାଥ ନାୟକ, ଭେଟେରାନ ବିଶ୍ୱଜିତ ଦାସ ପ୍ରମୁଖ ଯୋଗ ଦେଇ ପୂର୍ବତନ ସୈନିକ ସଂଗଠନ ର ପରିବାର ବର୍ଗଙ୍କ ଏହି କାର୍ଯ୍ୟକ୍ରମ ପାଇଁ ଅକୁଣ୍ଠ ସହଯୋଗ ରହୁ ବୋଲି ଆଶା ବ୍ୟକ୍ତ କରିଥିଲେ। ଭେଟେରାନ କମଳ ଲୋଚନ ପିଳାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଉପସଭାପତି ମନୋଜ କୁମାର ସୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଭେଟେରାନ ରାଧାନାଥ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଭେଟେରାନ ପଦ୍ମଲୋଚନ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।ଉପଦେଷ୍ଟା ରଣଜିତ ନନ୍ଦୀ ଓ ସଂଗଠନର ସଦସ୍ୟ ସଦସ୍ୟା ଗଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଂଗଠନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା।

# ଉତ୍କଳ ଜନନୀ ସେବା ସଙ୍ଗଠନ ଓ ଅଖିଳେଶ୍ୱର ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ଜଳେଶ୍ୱର, ୨୦/୪ (ନି.ପ୍ର): ଜଳେଶ୍ୱର ବ୍ଲକ କୋଟସାହି ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ଉତ୍କଳ ଜନନୀ ସେବା ସଂଗଠନ ଏବଂ ଅଖିଳେଶ୍ୱର ଯୁବକ ସଂଘ ମିଳିତ ସହଯୋଗରେ ସଙ୍ଗଠନର ସଭାପତି ହେମନ୍ତ ଜେନାଙ୍କ ୩୪ ତମ ଶୁଭ ଜନ୍ମୋତ୍ସବ ଉପଲକ୍ଷେ ଗୋବର୍ଦ୍ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଉତ୍କଳ ଜନନୀ ସେବା ସଂଗଠନର ସଭାପତି ହେମନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ ଶିବିର ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ,ବିଜେପି ନେତା ତଥା ବିଜେପିର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ମିଳିତ ଭାବେ ଉଦଘାଟନ କରିଥିଲେ। ବରିଷ୍ଠ ଆଇନଜିବୀ ରାମଚନ୍ଦ୍ର ଜେନା,ଜଳେଶ୍ୱର ଓଷ୍ଟା ସଂପାଦକ ତଥା ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା, ଗୋବର୍ଦ୍ଧନପୁର ସ୍କୁଲର ପ୍ରଧାନ ଶିକ୍ଷକ ପଙ୍କଜ କୁମାର ଜେନା,ବାଲେଶ୍ୱର ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ଆଶୋତୋଷ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ରକ୍ତଦାନ ଶିବିର ଓ ରକ୍ତଦାତା ସଂମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ବାଲେଶ୍ୱର ରକ୍ତଦାତା ସଂଘର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ। ସଂଗଠନର ସଭାପତିଙ୍କ ପିତା ଗୁଣାକର ଜେନା,ମାତା ସରସ୍ୱତୀ ଜେନା,ସଙ୍ଗଠନର ସମ୍ପାଦକ ଗଗନ ବିହାରୀ ସାହୁ,ଉପଦେଷ୍ଟା ଗଣେଶ ଚନ୍ଦ୍ର ଜେନା,ସତ୍ୟ ନାଥ ଦାସ,ପ୍ରଭାକର ନାଥ,ଉମେଶ ଜେନା,ଜିତାଂଶୁ ନାଥ,ପ୍ରଦୀପ ନାଥ,ସତ୍ୟବ୍ରତ ପଣ୍ଡା,ବଳଭଦ୍ର ନନ୍ଦ,ବିବେକ ଜେନା,ଧରଣୀ ଜେନା,ପ୍ରମୁଖ ଶିବିରରେ ଉପସ୍ଥିତ ହୋଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।ଟେକ୍ନିଶିଆନ ବସନ୍ତ ଜେନା , ମନୋଜ ଗଡାୟତ,ପଲ୍ଲବୀ ମହାପାତ୍ର, ଅଜୟ କୁମାର ମହାପାତ୍ର ରକ୍ତ ନମୁନା ପରୀକ୍ଷା କରି ରକ୍ତ ସଂଗ୍ରହ କରିଥିଲେ। ଉକ୍ତ ଶିବିରରୁ ୧୩୮ ୟୁନିଟ ରକ୍ତ ସଙ୍ଗ୍ରହ ହୋଇଥିଲା। ସଭାପତି ହେମନ୍ତ ଜେନା ୩୪ ତମ ଶୁଭ ଜନ୍ମୋତ୍ସବ ଉପଲକ୍ଷେ ୩୩ ଥର ରକ୍ତ ଦାନ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida